بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 35

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

30 ଅଗଷ୍ଟ 2018   30 ଜହୁର୍ 1397 ହି.ଶ   18 ଜୁଲ୍‌ହଜା 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا لَا تُبۡطِلُوۡا صَدَقٰتِكُمۡ بِالۡمَنِّ وَالۡاَذٰى

(265: سورۃ البقرہ)

ଅନୁବାଦ – ହେ ବିଶ୍ୱାସକାରୀମାନେ ! ତୁମେମାନେ ଉପକାର ବଖାଣି ଓ କ୍ଲେଶ ଦେଇ ନିଜ ଦାନକୁ ନଷ୍ଟ କରନାହିଁ । (ସୁରଃ ବକ୍ରାଃ: ୨୬୫)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ^ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର^ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର^ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିଁଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ସେ ଇଶ୍ୱର ହିଁ ଅଛନ୍ତି ଯିଏ ସମସ୍ତ ପ୍ରଶଂସାର ପାତ୍ର ଅଟନ୍ତି ଅର୍ଥାତ୍ ତାଙ୍କ ରାଜତ୍ୱରେ କୌଣସି ପ୍ରକାର ଦୋଷ ଓ ତ୍ରୁଟି ନାହିଁ ଓ ତାଙ୍କ ଗୁଣ ବିଶେଷତାରେ ଏପରି ଅବସ୍ଥାର ପ୍ରତିକ୍ଷା ବାକିନାହିଁ ଯାହା ଆଜି ନୁହେଁ ବରଂ କାଲି ହାସଲ ହେବ ବୋଲି । ତାଙ୍କ ସାମ୍ରାଜ୍ୟର ଉପକରଣରେ କୌଣସି ବସ୍ତୁ ବ୍ୟର୍ଥ ନାହିଁ । ସେ ସମସ୍ତ ବ୍ରହ୍ମାଣ୍ଡକୁ ପାଳନ କରୁଛନ୍ତି । ବିନା କୌଣସି କାର୍ଯ୍ୟର ପ୍ରତିବଦଳରେ କରୁଣା ପ୍ରଦାନ କରୁଛନ୍ତି ଓ ତତ୍‌ସହିତ କାର୍ଯ୍ୟର ପ୍ରତିଫଳ ସ୍ୱରୂପ କରୁଣା (ମଧ୍ୟ) ପ୍ରଦାନ କରୁଛନ୍ତି । ପୁରସ୍କାର ଓ ଦଣ୍ଡ ଦେବାର କାର୍ଯ୍ୟକୁ ଧାର୍ଯ୍ୟ ସମୟରେ ପ୍ରଦାନ କରୁଛନ୍ତି । (ତେଣୁ) ତାହାର ଆମେ ଉପାସନା କରୁଅଛୁ ଓ ତାହାଙ୍କ ଠାରୁ ଆମେ ସାହାଯ୍ୟ ଭିକ୍ଷା କରୁଅଛୁ । ଏବଂ ପ୍ରାର୍ଥନା କରୁଅଛୁ କି ଆମକୁ (ସେମାନଙ୍କ ମାର୍ଗରେ, ଯେଉଁମାନଙ୍କ ପୁରସ୍କୃତ କରାଯାଇଅଛି) ସେହି ସମସ୍ତ ପୁରସ୍କୃତ ହେବାର ମାର୍ଗ ଦେଖାନ୍ତୁ ଓ (ଯେଉଁମାନଙ୍କ ଉପରେ ତୁମ୍ଭର) ପ୍ରକୋପ ଅବତୀର୍ଣ୍ଣ ହୋଇଛି ସେହି ମାର୍ଗଭ୍ରଷ୍ଟତା ଠାରୁ ଦୂରେଇ ରଖନ୍ତୁ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ସୁତରାଂ ବଗିଚ୍ଛ ଭିତରେ ମସିହ୍ (ଇସା ମସିହ୍) ନିଜକୁ ବଂଚାଇବା ପାଇଁ ସାରା ରାତି ଦୁଆ କରିବା ଓ ଦୁଆ ଗ୍ରହଣୀୟ ମଧ୍ୟ ହେବା, ଯେପରିକି ଇବ୍‌ରାନିୟାଁ ୫ ଆୟତ ନଂ-୭ରେ ଲେଖାହୋଇଛି । କିନ୍ତୁ ଏହା ସତ୍ୱେ ମଧ୍ୟ ଇଶ୍ୱର ତାଙ୍କୁ ମୁକ୍ତି ଦେଲେନାହିଁ । ଏହା ଇସାଇମାନଙ୍କ ଧାରଣାରେ ଏକ ଦଲିଲ୍ ହୋଇପାରେ କି ସେ ଯୁଗରେ ଇଶ୍ୱରଙ୍କ ରାଜତ୍ୱ ପୃଥିବୀ ପୃଷ୍ଠରେ ନଥିଲା । କିନ୍ତୁ ଆମେ ଏହାଠାରୁ ବଳି ପରୀକ୍ଷାର ସମ୍ମୁଖୀନ ହେଉଛୁ ଓ ସେଥିରୁ ମୁକୁଳିଛୁ । (ତେଣୁ) ଆମେ କାହିଁକି ଇଶ୍ୱରଙ୍କ ରାଜତ୍ୱକୁ ଅସ୍ୱୀକାର କରିପାରିବୁ । ମୋତେ ଶେଷ କରିଦେବା ପାଇଁ ମାର୍ଟିନ୍ କ୍ଲର୍କ୍ ତରଫରୁ କଣ ସେହି ହତ୍ୟା ମୋକଦ୍ଦମାକୁ ପାକ୍ ପତନର ଡଗ୍‌ଲାସ୍‌ଙ୍କ ଅଦାଲତ୍‌ରେ ପେଶ୍ କରାଯାଇନଥିଲା । ଏହା ସେହି (ଇସାଙ୍କ) ମୋକଦମାଠାରୁ (କଣ କୌଣସି ପ୍ରକାରର) ହାଲୁକା ଥିଲା ଯାହାକି ଧର୍ମୀୟ ମତଭେଦ ଯୋଗୁ ନା କି କୌଣସି ହତ୍ୟା ଅଭିଯୋଗରେ ୟୁହୁଦୀମାନଙ୍କ ତରଫରୁ ପେଲାତୁସ୍‌ଙ୍କ ଅଦାଲତରେ ଦାଏର୍ କରାଯାଇଥିଲା । କିନ୍ତୁ ଯେହେତୁ ଇଶ୍ୱର ଏ ପୃଥିବୀର ଓ ଆକାଶର ସମ୍ରାଟ ସେଇଥିପାଇଁ ସେ ଏହି ମୋକଦମା କରାଯିବା ପୂର୍ବରୁ ମୋତେ ଜଣାଇଦେଲେ କି ଏପରି ପରୀକ୍ଷା ଆସିବ ଓ ପୁଣି ଏ ଖବର ଦେଲେ କି ମୁଁ ତୁମକୁ ନିର୍ଦ୍ଦୋଶରେ ଖଲାସ କରାଇବି ଓ ଏହି ଖବରଟିକୁ ଶହଶହ ଲୋକମାନଙ୍କୁ ସମୟ ପୂର୍ବରୁ ଶୁଣାଇ ଦିଆଗଲା ଓ ପରିଶେଷରେ ମୋତେ ନିର୍ଦ୍ଦୋଶରେ ମୁକ୍ତି ପ୍ରଦାନ କରାଗଲା । ସୁତରାଂ ଏହା ଇଶ୍ୱରଙ୍କ ରାଜତ୍ୱ ଥିଲା, ଯିଏ ମୋତେ ଉକ୍ତ ମୋକଦମାରୁ ବଂଚାଇଲେ, ଯେଉଁ (ମୋକଦମାକୁ) ମୁସଲ୍‌ମାନ୍, ହିନ୍ଦୁ ଓ ଖ୍ରୀଷ୍ଟିଆନ୍ ମାନଙ୍କ ସହମତିରେ ମୋ ବିରୁଦ୍ଧରେ ଲଗାଯାଇଥିଲା । ଏପରି ନୁହେଁ କି ଥରେ ବରଂ ଅନେକ ଥର ମୁଁ ଇଶ୍ୱରଙ୍କ ରାଜତ୍ୱକୁ ପୃଥିବୀରେ ଦେଖିଛି ଓ ମୋତେ ଇଶ୍ୱରଙ୍କର ଏହି ଆୟତ ଉପରେ ଇମାନ୍ ଆଣିବାକୁ ପଡ଼ିଲା କି لَهٗ مُلۡكُ السَّمٰوٰتِ وَالۡاَرۡضِ (ଲହୁ ମୁଲ୍‌କୁସ୍ ସମାଓ୍ୱାତି ୱଲ୍ ଅର୍‌ଜି) (ଅଲ୍‌ହଦିଦ:୩) ଅର୍ଥାତ୍- ଆକାଶ ଓ ପୃଥିବୀରେ ଇଶ୍ୱରଙ୍କ ରାଜତ୍ୱ ରହିଛି ଓ ପୁଣି ଏ ଆୟତ ଉପରେ ଇମାନ୍ ଆଣିବାକୁ ପଡ଼ିଲା କି اِنَّمَاۤ اَمۡرُهٗۤ اِذَاۤ اَرَادَ شَيۡـًٔا اَنۡ يَّقُوۡلَ لَهٗ كُنۡ فَيَكُوۡنُ

ଅର୍ଥାତ୍-ସମଗ୍ର ପୃଥିବୀ ଓ ଆକାଶ ତାଙ୍କର ଇତାଅତ୍ (କଥାମାନି ପରିଚାଳିତ) ହେଉଛନ୍ତି । ଯେତେବେଳେ ସେ ଗୋଟିଏ କାର୍ଯ୍ୟକୁ କରିବାକୁ ଇଚ୍ଛା କରନ୍ତି ସେତେବେଳେ ସେ ତା ସମ୍ବନ୍ଧରେ କହିଦିଅନ୍ତି ଯେ ଏହିପରି ହୋଇଯାଉ ଉକ୍ତ କାର୍ଯ୍ୟଟି ତତ୍‌କ୍ଷଣାତ୍ ସେହିପରି ହୋଇଯାଏ । (ୟା ସିନ୍:୮୩) ।

ପୁଣି କହୁଛନ୍ତି وَاللّٰهُ غَالِبٌ عَلٰۤى اَمۡرِهٖ وَلٰـكِنَّ اَكۡثَرَ النَّاسِ لَا يَعۡلَمُوۡنَ ଅର୍ଥାତ୍ ଇଶ୍ୱର ନିଜ ଇଚ୍ଛାକୁ ପୁରଣ କରିବା ପାଇଁ ସମର୍ଥ କିନ୍ତୁ ଅଧିକାଂଶ ଲୋକେ ଇଶ୍ୱରଙ୍କ ପ୍ରକୋପ ଓ ପ୍ରତାପ ବିଷୟରେ ଜାଣିନାହାଁନ୍ତି । (ୟୁସୁଫ୍: ୨ ୨ ) ସୁତରାଂ ତାହା ଥିଲା ଇଞ୍ଜିଲ୍‌ର ଦୁଆ ଯାହା ମନୁଷ୍ୟକୁ ଇଶ୍ୱରଙ୍କ କରୁଣାରୁ ନିରାଶା କରୁଛି ଓ ତାର ପାଳନକର୍ତା ହେବା ଓ ଲାଭ ପହଂଚାଇବା ଏବଂ ପୁରସ୍କାର ଓ ଦଣ୍ଡିତ କରିବା ବିଷୟରେ ଖ୍ରୀଷ୍ଟିଆନ୍ ମାନଙ୍କୁ ପ୍ରଗଳ୍ଭ କରୁଅଛି ଓ ତାକୁ ପୃଥିବୀ ପୃଷ୍ଠରେ ସାହାଯ୍ୟ କରିବା ପାଇଁ ଯୋଗ୍ୟ ମଣୁନାହିଁ, ଯେପର୍ଯ୍ୟନ୍ତ ତାର ରାଜତ୍ୱ ପୃଥିବୀ ପୃଷ୍ଠରେ ନ ଆସିଛି । କିନ୍ତୁ ଆ ମୁକାବିଲାରେ ଯେଉଁ ଦୁଆ ଇଶ୍ୱର ମୁସଲ୍‌ମାନ୍ ମାନଙ୍କୁ ପବିତ୍ର କୋରାନ୍‌ରେ ଶିଖାଇଛନ୍ତି ତାହା ଏକଥାକୁ ଉପସ୍ଥାପନ କରୁଅଛି କି ପୃଥିବୀରେ ଇଶ୍ୱର ନିଃସହାୟ ଲୋକମାନଙ୍କ ପରି ବେକାର ନାହାନ୍ତି ବରଂ ତାହାର ପାଳନକର୍ତା ହେବା, ଅଶେଷ ଦୟାବାନ୍ ଓ ସଦା କରୁଣାମୟ ହେବା ଏବଂ (ତାହାର) ଅଧିକାରର ସିଲ୍‌ସିଲା ଏ ଭୁପୃଷ୍ଠରେ ଜାରି ରହିଛି ଏବଂ ସେ ନିଜ ଭକ୍ତମାନଙ୍କୁ ସାହାଯ୍ୟ କରିବାପାଇଁ ଶକ୍ତି ରଖିଛନ୍ତି ଓ ଅପରାଧିମାନଙ୍କୁ ନିଜ କ୍ରୋଧ ଦ୍ୱାରା ସେ ନିଃଶେଷ କରିପାରେ ଓ ସେହି ଦୁଆଟି ହେଉଛି ଏପରି-

بِسۡمِ اللّٰهِ الرَّحۡمٰنِ الرَّحِيۡمِ ○ اَلۡحَمۡدُ لِلّٰهِ رَبِّ الۡعٰلَمِيۡنَ ○ الرَّحۡمٰنِ الرَّحِيۡمِ ○ مٰلِكِ يَوۡمِ الدِّيۡنِ ○ اِيَّاكَ نَعۡبُدُ وَاِيَّاكَ نَسۡتَعِيۡنُ ○ اِهۡدِنَا الصِّرَاطَ الۡمُسۡتَقِيۡمَ ○ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ ۙ غَيۡرِ الۡمَغۡضُوۡبِ عَلَيۡهِمۡ وَلَا الضَّآلِّيۡنَ ○ آمین ـ

ଅର୍ଥାତ୍ ସେ ଇଶ୍ୱର ହିଁ ଅଛନ୍ତି ଯିଏ ସମସ୍ତ ପ୍ରଶଂସାର ପାତ୍ର ଅଟନ୍ତି ଅର୍ଥାତ୍ ତାଙ୍କ ରାଜତ୍ୱରେ କୌଣସି ପ୍ରକାର ଦୋଷ ଓ ତ୍ରୁଟି ନାହିଁ ଓ ତାଙ୍କ ଗୁଣ ବିଶେଷତାରେ ଏପରି ଅବସ୍ଥାର ପ୍ରତିକ୍ଷା ବାକିନାହିଁ ଯାହା ଆଜି ନୁହେଁ ବରଂ କାଲି ହାସଲ ହେବ ବୋଲି । ତାଙ୍କ ସାମ୍ରାଜ୍ୟର ଉପକରଣରେ କୌଣସି ବସ୍ତୁ ବ୍ୟର୍ଥ ନାହିଁ । ସେ ସମସ୍ତ ବ୍ରହ୍ମାଣ୍ଡକୁ ପାଳନ କରୁଛନ୍ତି । ବିନା କୌଣସି କାର୍ଯ୍ୟର ପ୍ରତିବଦଳରେ କରୁଣା ପ୍ରଦାନ କରୁଛନ୍ତି ଓ ତତ୍‌ସହିତ କାର୍ଯ୍ୟର ପ୍ରତିଫଳ ସ୍ୱରୂପ କରୁଣା (ମଧ୍ୟ) ପ୍ରଦାନ କରୁଛନ୍ତି । ପୁରସ୍କାର ଓ ଦଣ୍ଡ ଦେବାର କାର୍ଯ୍ୟକୁ ଧାର୍ଯ୍ୟ ସମୟରେ ପ୍ରଦାନ କରୁଛନ୍ତି । (ତେଣୁ) ତାହାର ଆମେ ଉପାସନା କରୁଅଛୁ ଓ ତାହାଙ୍କ ଠାରୁ ଆମେ ସାହାଯ୍ୟ ଭିକ୍ଷା କରୁଅଛୁ । ଏବଂ ପ୍ରାର୍ଥନା କରୁଅଛୁ କି ଆମକୁ (ସେମାନଙ୍କ ମାର୍ଗରେ, ଯେଉଁମାନଙ୍କ ପୁରସ୍କୃତ କରାଯାଇଅଛି) ସେହି ସମସ୍ତ ପୁରସ୍କୃତ ହେବାର ମାର୍ଗ ଦେଖାନ୍ତୁ ଓ (ଯେଉଁମାନଙ୍କ ଉପରେ ତୁମ୍ଭର) ପ୍ରକୋପ ଅବତୀର୍ଣ୍ଣ ହୋଇଛି ସେହି ମାର୍ଗଭ୍ରଷ୍ଟତା ଠାରୁ ଦୂରେଇ ରଖନ୍ତୁ ।

ଉକ୍ତ ଦୁଆ ଯାହା ସୁରା ଫାତିହାରେ ରହିଛି ତାହା ଇଞ୍ଜିଲ୍‌ର ଦୁଆଠାରୁ ସମ୍ପୂର୍ଣ୍ଣ ଓଲଟା କାରଣ ଇଞ୍ଜିଲ୍‌ରେ ପୃଥିବୀ ପୃଷ୍ଠରେ ଇଶ୍ୱରଙ୍କ ରାଜତ୍ୱର ଅବସ୍ଥିତି ହେବାକୁ ମନା କରାଯାଇଛି । ତେଣୁ ଇଞ୍ଜିଲ୍ ଦୃଷ୍ଟିକୋଣରୁ ନା ପୃଥିବୀ ପୃଷ୍ଠରେ ଇଶ୍ୱରଙ୍କର ରବୁବିୟତ୍ (ପାଳନକର୍ତା) ହେବା କିଛି କାର୍ଯ୍ୟ କରୁଅଛି ନା ଅଶେଷ ଦୟାବାନ ନା କରୁଣାମୟ ହେବା ନା ପୁରସ୍କାର ଓ ଦଣ୍ଡଦେବାର ଶକ୍ତି ରଖିବା (କିଛି କାର୍ଯ୍ୟ କରୁଅଛି) । କାରଣ ଏବେ ତ ପୃଥିବୀ ପୃଷ୍ଠରେ ଇଶ୍ୱରଙ୍କର ରାଜତ୍ୱ ଆସିନାହିଁ । କିନ୍ତୁ ସୁରା ଫାତିହାରୁ ଜଣାପଡୁଛି କି ଏ ଭୁପୃଷ୍ଠରେ ଇଶ୍ୱରଙ୍କର ରାଜତ୍ୱ ରହିଛି ତେଣୁ ସୁରା ଫାତିହାରେ ସେହି ସମସ୍ତ ରାଜତ୍ୱର ଉପକରଣ ଗୁଡିକୁ ବର୍ଣ୍ଣନା କରାଯାଇଛି । ପ୍ରକାଶ ଅଟେ କି ଜଣେ ସମ୍ରାଟଙ୍କ ନିକଟରେ ଏହି ସବୁ ବିଶେଷ ଗୁଣ ରହିବା ଉଚିତ୍ । ଅର୍ଥାତ୍ ସେ ଲୋକମାନଙ୍କୁ ପାଳନ କରିବାର ଶକ୍ତି ରଖିଛି । ତେଣୁ ସୁରା ଫାତିହାରେ ରବ୍‌ବୁଲ୍ ଆଲମିନ୍ ଶବ୍ଦରୁ ଏହି ବିଶେଷ ଗୁଣକୁ ପ୍ରମାଣିତ କରାଯାଇଛି । ପୁଣି ଜଣେ ସମ୍ରାଟଙ୍କର ଦ୍ୱିତୀୟ ବିଶେଷ ଗୁଣ ଏହା ହେବା ଉଚିତ୍ କି ଯାହାକିଛି ତାଙ୍କ ପ୍ରଜାମାନଙ୍କ ପାଇଁ ଆବଶ୍ୟକ ଅଛି ତାହା ସବୁ ବିନା କୌଣସି ପ୍ରତିବଦଳରେ ସେମାନଙ୍କ ସେବାରେ ସମ୍ରାଟଙ୍କ ପରି ପ୍ରଦାନ କରୁ । ତେଣୁ ରହ୍‌ମାନ୍ ଶବ୍ଦରେ ଏହି ବିଶେଷ ଗୁଣକୁ ପ୍ରମାଣିତ କରାଯାଇଛି । ତୃତୀୟ ବିଶେଷ ଗୁଣ ଜଣେ ସମ୍ରାଟଙ୍କର ଏହା ହେବା ଉଚିତ୍ କି ଯେଉଁ ସବୁ କାର୍ଯ୍ୟଗୁଡିକୁ ପ୍ରଜାମାନେ ନିଜର ଚେଷ୍ଟାବଳରେ ସମ୍ପାଦନ କରିପାରନ୍ତି ନାହିଁ ସେମାନଙ୍କର ଏହି କାର୍ଯ୍ୟଗୁଡିକୁ ସମ୍ପାଦନ କରିବା ପାଇଁ ସାହାଯ୍ୟ କରନ୍ତୁ । ତେଣୁ ଅର୍ ରହିମ୍ ଶବ୍ଦରେ ଏହି ବିଶେଷ ଗୁଣକୁ ପ୍ରମାଣିତ କରାଯାଇଛି । ଚତୁର୍ଥ ବିଶେଷଗୁଣ ଯାହା ଜଣେ ସମ୍ରାଟଙ୍କ ନିକଟରେ ରହିବା ଉଚିତ୍ ଅର୍ଥାତ୍ ପୁରସ୍କୃତ କରିବା ଓ ଦଣ୍ଡିତ କରିବାର ଶକ୍ତି ଯଦ୍ୱାରା ନାଗରିକ ମାନଙ୍କ ସୁବ୍ୟବସ୍ଥା କାର୍ଯ୍ୟରେ କୌଣସି ପ୍ରକାର ବାଧା ନଉପୁଜିବ । ତେଣୁ ମାଲିକେ ୟୋମିଦ୍ ଦୀନ୍ ଶବ୍ଦରେ ଏହି ବିଶେଷ ଗୁଣକୁ ପ୍ରକାଶ କରାଯାଇଛି । କଥାର ସାରାଂଶ ହେଉଛି ଏହା କି ଉପରୋକ୍ତ ସୁରଃ ରାଜତ୍ୱର ସମସ୍ତ ସେହି ଉପକରଣକୁ ଉପସ୍ଥାପନ କରୁଅଛି ଯେଉଁଥିରୁ ପ୍ରମାଣିତ ହେଉଅଛି କି ଏ ପୃଥିବୀ ପୃଷ୍ଠରେ ଇଶ୍ୱରଙ୍କ ରାଜତ୍ୱ ଓ ତାଙ୍କ ରାଜକୀୟ ଆଚରଣ ଅବସ୍ଥିତ ରହିଛି । ସୁତରାଂ ତାଙ୍କର ରବୁବିୟତ୍ (ପାଳନକର୍ତା ହେବା) ମଧ୍ୟ ଅବସ୍ଥିତ ଏବଂ ରହେମାନୀୟତ୍ (ଅଶେଷ ଦୟାବାନ୍) ମଧ୍ୟ ଅବସ୍ଥିତ ଏବଂ ରହିମିୟତ୍ (ଅଶେଷ କରୁଣାମୟ) ମଧ୍ୟ ଅବସ୍ଥିତ ଏବଂ ସାହାଯ୍ୟ କରିବାର ଧାରା ମଧ୍ୟ ଅବସ୍ଥିତ ଓ ଦଣ୍ଡଦେବାର ଧାରା ମଧ୍ୟ ଅବ୍ୟାହତ । ସୁତରାଂ ଯାହାକିଛି (ଗୋଟିଏ) ସାମ୍ରାଜ୍ୟର ଉପକରଣ ଥାଏ ସେସବୁ ପୃଥିବୀ ପୃଷ୍ଠରେ ଇଶ୍ୱରଙ୍କ ନିକଟରେ ଅବସ୍ଥିତ ଓ ଏକ ଅଣୁମାତ୍ର ମଧ୍ୟ ତାଙ୍କ ନିର୍ଦ୍ଦେଶରୁ ବାହାର ନୁହେଁ । ସବୁ ପ୍ରକାର ଦଣ୍ଡ ତା ହାତରେ ରହିଛି । ସବୁ ପ୍ରକାର କରୁଣା ତା ହାତରେ ରହିଛି । କିନ୍ତୁ ଇଞ୍ଜିଲ୍ ଏ ଦୁଆ ଶିଖାଇଛି କି ଏବେ ଇଶ୍ୱରଙ୍କ ରାଜତ୍ୱ ତୁମମାନଙ୍କ ମଧ୍ୟରେ ଆସିନାହିଁ । ତାହା ଆସିବା ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କର ଯଦ୍ୱାରା ତାହା ଆସିଯିବ ଅର୍ଥାତ୍ ଏପର୍ଯ୍ୟନ୍ତ ସେମାନଙ୍କର ଇଶ୍ୱର ପୃଥିବୀର ମାଲିକ ଓ ସମ୍ରାଟ ନୁହଁନ୍ତି । ସେଥିପାଇଁ ଏହିଭଳି ଇଶ୍ୱରଙ୍କଠାରୁ କଣ ଆଶା କରାଯାଇପାରିବ । ଶୁଣିରଖ ଓ ବୁଝିନିଅ କି ବଡ ଜ୍ଞାନର ବିଷୟ ହେଉଛି ଏହା କି ପୃଥିବୀର ଅଣୁ ଅଣୁ ମଧ୍ୟ ସେହିପରି ଇଶ୍ୱରଙ୍କ ଶକ୍ତିର ଆୟତରେ ରହିଛନ୍ତି ଯେପରିକି ଆକାଶର ଅଣୁ ଅଣୁ ଇଶ୍ୱରଙ୍କ ରାଜତ୍ୱରେ ରହିଛନ୍ତି ଏବଂ ଯେପରି ଆକାଶରେ ଏକ ମହାନ୍ ପ୍ରକାଶ ରହିଛି ପୃଥିବୀରେ ମଧ୍ୟ ମହାନ୍ ପ୍ରକାଶ ରହିଛି ବରଂ ଆକାଶର ପ୍ରକାଶ ତ ଏକ ଇମାନି (ବିଶ୍ୱାସ କରିବାର) ବିଷୟ । ସାଧାରଣ ମଣିଷ ନା ତ ଆକାଶକୁ ଯାଇଛି ନା ତାହାକୁ ଦେଖିଛି କିନ୍ତୁ ପୃଥିବୀରେ ଇଶ୍ୱରଙ୍କର ଯେଉଁ ରାଜତ୍ୱର ପ୍ରକାଶ ରହିଛି ତାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ପଷ୍ଟ ରୂପେ ଆଖିଦ୍ୱାରା ଦୃଷ୍ଟିଗୋଚର ହେଉଅଛି ।

(କଶ୍‌ତିନୁହ୍ ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩୭-୪୦)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଏ କଥା ମନେରଖନ୍ତୁ କି ଜମାତ୍‌ର ଉନ୍ନତି, ଇସ୍‌ଲାମ୍‌ର ପ୍ରଚାର ପ୍ରସାର ଏବଂ ବିଶ୍ୱଶାନ୍ତି ସ୍ଥାପନ କରିବା ମୂଳତଃ ନିଜାମେ ଖିଲାଫତ୍ (ଖିଲାଫତ୍ ବ୍ୟବସ୍ଥା) ସହିତ ସଂଶ୍ଲିଷ୍ଟ । ସେଥିଯୋଗୁ ମୁଁ ଜମାତ୍ ଅହେମଦୀୟା ଘାନାର ସମସ୍ତ ସଦସ୍ୟମାନଙ୍କୁ ଉପଦେଶ ଦେଉଛି କି ସଦାସର୍ବଦା ଖିଲାଫତ୍ ସହିତ ସମ୍ପୂର୍ଣ୍ଣ ନିଷ୍ଠା ଓ ଭକ୍ତିଭାବର ସମ୍ପର୍କ ରଖନ୍ତୁ ।**

ଦେଶପ୍ରେମକୁ ପ୍ରକାଶ କରିବାରେ ଏକ ଉତମ ନାଗରିକର ନମୁନା ଉପସ୍ଥାପନ କରନ୍ତୁ । କାରଣ ଆମ ନବୀ କରିମ ସ:ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି କି ଦେଶପ୍ରେମ ହେଉଛି ଆମ ଇମାନ୍‌ର ଏକ ଅବିଚ୍ଛେଦ ଅଂଶ ।

ଏମ୍.ଟି.ଏ ଦେଖିବାକୁ ଅଭ୍ୟାସ କରିବା ଉଚିତ୍ ଓ ନିଜ ପରିବାର ବର୍ଗଙ୍କୁ ମଧ୍ୟ ଏଥିପ୍ରତି ବଶେଷ ରୂପେ ଧ୍ୟାନ ଆକର୍ଷଣ କରାଇବା ଉଚିତ୍ । ଯଦ୍ୱାରା ଏମ୍.ଟି.ଏ ଦ୍ୱାରା ପ୍ରଦର୍ଶିତ ହେଉଥିବା ଆଦର୍ଶମୂଳକ ପ୍ରୋଗ୍ରାମ୍ ଗୁଡିକୁ ଦେଖି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ଓ ଜମାତ୍ ଅହେମଦିୟାର ସତ୍ୟତାରୁ ଲାଭ ଉଠାଇପାରିବ ।

## ଘାନାର ୮୬ତମ ଜଲ୍‌ସା ସାଲାନା ଅନୁଷ୍ଠିତ ୪-୬ ଜାନୁଆରୀ ୨୦୧୮ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା

୪-୬ ଜାନୁୟାରୀ ୨୦୧୮ରେ ଜମାତ୍ ଅହେମଦୀୟା ଘାନାର ୮୬ତମ ଜଲ୍‌ସା ସାଲାନା ''ବାଗେ ଅହେମଦ୍'' ଠାରେ ଅନୁଷ୍ଠିତ ହେଲା । ''ବାଗେ ଅହେମଦ୍'' ହେଉଛି ୪୬୦ ଏକରରେ ପରିବେଷ୍ଟିତ ଗୋଟିଏ ସୁନ୍ଦର ଭୂମିଖଣ୍ଡ ଯେଉଁଠି ପ୍ରତ୍ୟେକ ବର୍ଷ ଜଲ୍‌ସା ଅନୁଷ୍ଠିତ ହୋଇଥାଏ । ପଶ୍ଚିମ ଆଫ୍ରିକାର ଏକ ଶାନ୍ତିପୁର୍ଣ୍ଣ ଓ ଭାଇଚାରାରେ ପରିବେଷ୍ଟିତ ଦେଶ ହେଉଛି ଘାନା ଯାହାର ପୁରା ନାମ ହେଉଛି ଘାନା ଗଣତନ୍ତ୍ର । ଦେଶର ମୋଟୋ ହେଉଛି "Freedom and Justice" ଯାହାର ଝଲକ ବାସ୍ତବିକ ରୂପେ ମଧ୍ୟ ଦେଶର ପ୍ରତ୍ୟେକ ମାମଲାରେ ସ୍ପଷ୍ଟ ରୂପେ ଦୃଷ୍ଟିଗୋଚର ହୋଇଥାଏ । ଧର୍ମୀୟ ସହିଷ୍ଣୁତା ଓ ଧୈର୍ଯ୍ୟର ଏପରି ଦୃଶ୍ୟ ଏ ଦୁନିଆରେ ବହୁତ କମ୍ ଦୃଷ୍ଟିଗୋଚର ହୋଇଥାଏ, ଯାହା ଏଠିକାର ପ୍ରଥାର ଏକ ଅଂଶ ବିଶେଷ । ଏ ଦେଶରେ ଖ୍ରୀଷ୍ଟିଆନ୍ ଏବଂ ମୁସଲ୍‌ମାନ୍ ମାନଙ୍କର ସଂଖ୍ୟା ହେଉଛି ଅଧିକା ଯେବେ କି ଗୋଟିଏ ଅଂଶର ଲୋକେ କବିଲା ଧର୍ମକୁ ଅନୁସରଣ କରିଥାନ୍ତି । ଅହେମଦୀୟତ୍ ଏ ଇଲାକାରେ ୧୯୨୧ ମସିହାରେ ଆସିଛି । ଯେବେ ଇକ୍‌ରାଫୁ ଅଂଚଳର ଜଣେ ବୟୋଜ୍ୟେଷ୍ଠ ବନ୍ଧୁ ଚିଫ୍ ମେହ୍‌ଦୀ ଆପାହ୍‌ଙ୍କ ନିବେଦନ କ୍ରମେ ଏବଂ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଆଦେଶ କ୍ରମେ ପ୍ରଥମ ଅହେମଦୀ ମୁବଲିଗ୍ ହଜ୍‌ରତ୍ ମୌଲାନା ଅବ୍‌ଦୁର୍ ରହିମ୍ ସାହେବ୍ ନୟର୍ ସାଲଟ ପାଣ୍ଡ୍ ଏଠାକୁ ଆସିଥିଲେ । ସେ ଏକବର୍ଷ ଏଠାରେ ରହିଲେ ଓ ଏହି ଅବଧି ସମୟରେ ଅନେକ ଲୋକେ ଅହେମଦୀୟତ୍ ଗ୍ରହଣ କଲେ ଓ ଅନେକ ଜମାତ୍ କାଏମ୍ ହେଲା ।

ଜଲ୍‌ସାରେ ଘାନା ଦେଶର ଉପରାଷ୍ଟ୍ରପତି, ଦେଶର ମନ୍ତ୍ରୀଗଣ, ସରକାରଙ୍କ ଉଚ୍ଚପଦବୀରେ ଥିବା ଅଫିସର୍‌ମାନେ, ଟ୍ରାଡିସ୍‌ନାଲ୍ ଚିଫ୍‌ଗଣ ଏବଂ ସ୍ଥାନୀୟ ସମ୍ମାନିତ ବ୍ୟକ୍ତି ବିଶେଷଙ୍କ ବ୍ୟତୀତ ଏ ଦୁନିଆର ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନେ ସାମିଲ୍ ହୋଇଥିଲେ । ଜଲ୍‌ସାର ମୋଟ ଉପସ୍ଥାନ ୩୪୭୦୦ ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଜଲ୍‌ସା ନିମନ୍ତେ ନିଜର ମାର୍ମିକ ଓ ତାତ୍ୱିକ ବାର୍ତା ପଠାଇଥିଲେ । ଯାହାର ଖୁଲାସା (ସାରାଂଶ) ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୬ ଏପ୍ରିଲ୍ ୨୦୧୮ ଙ୍କୁ କୃତଜ୍ଞତା ଜ୍ଞାପନ କରି ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ସେବାରେ ଉପସ୍ଥାପନ କରାଯାଉଅଛି । (ଏଡିଟର୍)

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏ କଥାରେ ମୁଁ ବହୁତ ଆନନ୍ଦିତ ଯେ ଆପଣମାନେ ନିଜର ୮୬ତମ ଜଲ୍‌ସାସାଲାନା ୪-୬ ଜାନୁଆରୀ ୨୦୧୮ ମସିହାରେ ପାଳନ କରୁଛନ୍ତି । ମୋର ଏ ଦୁଆ କି ଅଲ୍ଲାଃତାଲା ପ୍ରତ୍ୟେକ କ୍ଷେତ୍ରରେ ଆପଣମାନଙ୍କ ଜଲ୍‌ସାକୁ ସଫଳ ଓ ବାବର୍‌କତ୍ କରନ୍ତୁ । ଏହି ଅନନ୍ୟ ଧାର୍ମିକ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନେ ବହୁତ ଆଧ୍ୟାତ୍ମିକ ଲାଭ ହାସଲ କରିବା ବାଲା ହୁଅନ୍ତୁ ଏବଂ ଜମାତ୍ ଅହେମଦୀୟା ଘାନାର ସଦସ୍ୟମାନେ ନିରନ୍ତର ପୁଣ୍ୟକର୍ମ, ପବିତ୍ରତା ଓ ନିଷ୍ଠାରେ ଉନ୍ନତି କରିଚାଲନ୍ତୁ ।

ଆପଣମାନଙ୍କୁ ସର୍ବଦା ଏ କଥା ନିଜ ମନ ଭିତରେ ରଖିବାକୁ ହେବ କି ଜମାତ୍ ଅହେମଦୀୟାର ଜଲ୍‌ସାସାଲାନା କୌଣସି ସାଧାରଣ ଧର୍ମୀୟ ଉତ୍ସବ ବା ମେଳା ନୁହେଁ ବରଂ ଏହାର ଅସଲ ଉଦ୍ଦେଶ୍ୟ ହେଉଛି ଜମାତ୍‌ର ସଦସ୍ୟମାନେ ଇଶ୍ୱରଙ୍କ ସାନିଧ ହାସଲ କରନ୍ତୁ । ଧର୍ମୀୟ ଜ୍ଞାନ ଓ ତତ୍ୱ ଜ୍ଞାନରେ ଉନ୍ନତି କରନ୍ତୁ । ନିଜ ଭିତରେ ପବିତ୍ର ପରିବର୍ତନ ଆଣନ୍ତୁ, ଯାହା ଆମର ଦୈନନ୍ଦିନ ଜୀବନର ମାମଲା ଗୁଡିକର ଅଂଶ ବିଶେଷ ହୋଇଯାଉ ଯଦ୍ୱାରା ନିଜକୁ ଏ ସାଂସାରିକ ମାୟା ମୋହରୁ ବଂଚାଇପାରିବେ । ନିଜ ଲୋକ ଓ ଅନ୍ୟମାନଙ୍କ ପାଇଁ ମଧ୍ୟ ସହାନୁଭୁତି, ଆପୋଷ ପ୍ରେମଭାବ ଏବଂ ଭାଇଚାରାରେ ଉନ୍ନତି କରନ୍ତୁ । ଯଦ୍ୱାରା ଉଚ୍ଚତମ ଉଦ୍ଦେଶ୍ୟ ହାସଲ କରିବା ନିମନ୍ତେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ସହିତ ଚେଷ୍ଟା କରିପାରିବେ ଏବଂ ଏ ଶପଥ କରନ୍ତୁ କି ଇସ୍‌ଲାମ୍‌ର ଶାନ୍ତିପୁର୍ଣ୍ଣ ବାର୍ତାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବେ ।

ସମସ୍ତ ସ୍କଲାର୍ ମାନଙ୍କର ଭାଷଣ ଗୁଡିକୁ ଧ୍ୟାନର ସହିତ ଶୁଣନ୍ତୁ ଏବଂ ସେହି ଭାଷଣ ଗୁଡିକରେ ଯେଉଁ ସବୁ ପୁଣ୍ୟ ଓ ଆଧ୍ୟାତ୍ମିକ ପଏଂଟ୍ ଅଛି ସେଥିରୁ ଲାଭ ଉଠାନ୍ତୁ । ବକ୍ତାମାନେ ବହୁତ ପରିଶ୍ରମ କରି ନିଜ ଭାଷଣ ଗୁଡିକୁ ପ୍ରସ୍ତୁତ କରିଥାନ୍ତି ତେଣୁ ସେମାନଙ୍କୁ ବହୁତ ଧ୍ୟାନର ସହିତ ଶୁଣିବା ଉଚିତ୍ ଏବଂ ସମ୍ପୂର୍ଣ୍ଣ ନିଷ୍ଠା ଓ ଧ୍ୟାନର ସହିତ ଜଲ୍‌ସାରେ ସାମିଲ୍ ହେବା ଜରୁରୀ ଅଟେ । ଯାହା କିଛି ଏଠାରୁ ଶିଖିବେ ତା ଉପରେ ପରିଚାଳିତ ହେବେ ।

ଇଶ୍ୱରଙ୍କ ଆମ ଉପରେ ବହୁତ ବଡ଼ ଅନୁଗ୍ରହ ରହିଛି କି ଆମ ଓ୍ୱଲେମାମାନେ ପବିତ୍ର କୁର୍‌ଆନ୍‌ର ଶିକ୍ଷା, ଆହାଦିସ୍ ଏବଂ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ଲେଖନୀରୁ ଉଦ୍ଧୃତ କରି ଆମ ପର୍ଯ୍ୟନ୍ତ ସେହି ଜ୍ଞାନକୁ ପହଂଚାଉଛନ୍ତି ଯାହାକୁ ଆମେ ଶିଖିପାରୁଛେ । ଏହା ଉପରେ ଯଦି ସମ୍ପୂର୍ଣ୍ଣ ରୂପେ ପରିଚାଳିତ ହେବେ ତେବେ ବହୁତ ବଡ଼ ଆଧ୍ୟାତ୍ମିକ ପରିବର୍ତନ ଆମ ଭିତରେ ସୃଷ୍ଟି ହୋଇପାରିବ । ଏହି ଜଲ୍‌ସାରେ ଉପସ୍ଥିତ ହୋଇଥିବା ସମସ୍ତ ଲୋକମାନଙ୍କୁ ଅଲ୍ଲାଃତାଲା ସେମାନଙ୍କର ପୁଣ୍ୟ ଉଦ୍ଦେଶ୍ୟ ଗୁଡିକୁ ପୁରଣ କରନ୍ତୁ ।

ମୁଁ ଆପଣମାନଙ୍କୁ ଏ ଉପଦେଶ ଦେଉଛି କି ଶରାୟତେ ବୟତ୍‌ର ସମସ୍ତ ସର୍ତଗୁଡିକ ଉପରେ ପରିଚାଳିତ ହେବାପାଇଁ ପୁର୍ଣ୍ଣ ଚେଷ୍ଟା କରନ୍ତୁ ଏବଂ ଖିଲାଫତେ ଅହେମଦୀୟାର ଏହି ଐଶ୍ୱରିକ ସିଲ୍‌ସିଲାକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା କରିଚାଲ । ଏକଥା ମନେରଖ କି ଜମାତ୍‌ର ଉନ୍ନତି ଇସ୍‌ଲାମ୍‌ର ପ୍ରସାର ପ୍ରଚାର ଏବଂ ବିଶ୍ୱ ଶାନ୍ତି ସ୍ଥାପନ ହେବା ମୂଳତଃ ନିଜାମେ ଖିଲାଫତ୍ ସହିତ ସଂଶ୍ଲିଷ୍ଟ ରହିଛି । ସେଥିଯୋଗୁ ମୁଁ ଜମାତ୍ ଅହେମଦୀୟା ଘାନାର ସମସ୍ତ ସଦସ୍ୟଙ୍କୁ ଏ ଉପଦେଶ ଦେଉଛି କି ସର୍ବଦା ଖିଲାଫତ୍ ସହିତ ନିଷ୍ଠା ଓ ଭକ୍ତିର ସମ୍ପର୍କ ରଖନ୍ତୁ ।

ଅହେମଦୀ ମୁସ୍‌ଲିମ୍ ଓ ମସିହ୍ ମଉଦ୍ ଆ:ସଙ୍କ ଜମାତ୍‌ର ସଦସ୍ୟ ହୋଇଥିବା ଯୋଗୁ ଆପଣମାନଙ୍କ ପାଇଁ ଏହା ଜରୁରୀ ଅଟେ କି ନିଜର କଥା ଓ କର୍ମରେ ଉଦାହରଣ ହୁଅନ୍ତୁ । ବିଶେଷ ରୂପେ ଅନ୍ୟମାନଙ୍କର ଧ୍ୟାନ ରଖିବା ଓ ନମ୍ର ବ୍ୟବହାର କରିବାବାଲା ହୁଅନ୍ତୁ ଓ ଏହାଠାରୁ ବଳି ଆପଣମାନେ ଦେଶ ସହିତ ପ୍ରେମ ପ୍ରକାଶ କରିବାରେ ଏକ ଉତମ ନାଗରିକର ନମୁନା ଉପସ୍ଥାପନ କରନ୍ତୁ । କାରଣ ଆମ ନବୀ କରିମ୍ ସ:ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି କି ଦେଶ ସହିତ ପ୍ରେମ କରିବା ହେଉଛି ଆମ ଇମାନ୍‌ର ଏକ ଅବିଚ୍ଛେଦ୍ୟ ଅଂଶ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜମାତ୍‌ର ସଦସ୍ୟମାନଙ୍କୁ ସପରିବାର ଖୁତ୍‌ବା ଜୁମା ଓ ଲାଇଭ୍ ଅଭିଭାଷଣ ଗୁଡିକର ସିଧା ପ୍ରସାରଣ ହେଉଥିବା ସମୟରେ ଶୁଣିବା ପାଇଁ ଏବଂ ଏମ୍.ଟି.ଏର ଅନ୍ୟାନ୍ୟ ପ୍ରୋଗ୍ରାମ୍ ଗୁଡିକୁ ମଧ୍ୟ ନିୟମିତ ରୂପେ ଦେଖିବା ପାଇଁ ଉପଦେଶ ପ୍ରଦାନ କଲେ ଓ ଏହିପରି ଅନ୍ୟାନ୍ୟ ଗୁରୁତ୍ୱପୁର୍ଣ୍ଣ ଉତ୍ସବ ଗୁଡିକରେ ଯାଇ ଅଭିଭାଷଣ ଗୁଡିକୁ ଶୁଣିବା ପାଇଁ ମଧ୍ୟ ଉପଦେଶ ଦେଲେ । ପୁଣି ଏହା କହିଲେ କି ଆପଣମାନଙ୍କୁ ଏବେ ଏମ୍.ଟି.ଏ ଆଫ୍ରିକା, ଯାହା ଆଫ୍ରିକାରେ ସ୍ଥାପନ କରାଯାଇଛି, ଏକ ନେମତ୍ (ବୈଭବ) ରୂପେ ମିଳିଛି । ତେଣୁ ଏମ୍.ଟି.ଏ ଦେଖିବାକୁ ଅଭ୍ୟାସ କରିବା ଉଚିତ୍ ଓ ନିଜ ପରିବାର ବର୍ଗଙ୍କୁ ମଧ୍ୟ ଏଥିପ୍ରତି ବଶେଷ ରୂପେ ଧ୍ୟାନ ଆକର୍ଷଣ କରାଇବା ଉଚିତ୍ । ଯଦ୍ୱାରା ଏମ୍.ଟି.ଏ ଦ୍ୱାରା ପ୍ରଦର୍ଶିତ ହେଉଥିବା ଆଦର୍ଶମୂଳକ ପ୍ରୋଗ୍ରାମ୍ ଗୁଡିକୁ ଦେଖି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ଓ ଜମାତ୍ ଅହେମଦିୟାର ସତ୍ୟତାରୁ ଲାଭ ଉଠାଇପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତବ୍‌ଲିଗ୍ କାର୍ଯ୍ୟରେ କର୍ମଠ ହେବାପାଇଁ ଓ ଅହେମଦୀୟତ୍‌ର ବାର୍ତାକୁ ନା କେବଳ ଘାନା ବା ଆଫ୍ରିକା ମହାଦେଶ ବରଂ ସାରା ଦୁନିଆରେ ପହଂଚାଇବା ପାଇଁ ଜମାତ୍‌ର ସଦସ୍ୟମାନଙ୍କୁ ସବିଶେଷ ଚେଷ୍ଟା କରିବା ପାଇଁ ଉପଦେଶ ଦେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ପ୍ରେମପୁର୍ଣ୍ଣ ବାର୍ତାର ଶେଷରେ ଦୁଆ କରିଛନ୍ତି ଯେ ଅଲ୍ଲାଃତାଲା ଆପଣଙ୍କ ଏହି ଜଲ୍‌ସା ସାଲାନାକୁ ପ୍ରତିକ୍ଷେତ୍ରରୁ ସଫଳତା ପ୍ରଦାନ କରନ୍ତୁ ଓ ଏଥିରେ ଯୋଗ ଦେଇଥିବା ଲୋକଙ୍କ ନିଷ୍ଠା ଓ ଆଧ୍ୟାତ୍ମିକତାକୁ ବଢ଼ାନ୍ତୁ । ଆପଣମାନେ ନିଜର ବାସ୍ତବିକ ଇସ୍‌ଲାହ୍ କରି ନିଜ ଭିତରେ ପୁଣ୍ୟ ଓ ପବିତ୍ର ପରିବର୍ତନ ସୃଷ୍ଟି କରାଇ ନିଜ ଜାତି ଓ ମାନବ ଜାତିର ସେବା କରିବା ନିମନ୍ତେ ପ୍ରଶଂସନୀୟ କାର୍ଯ୍ୟ କରିବା ପାଇଁ ଶକ୍ତି ହାସଲ କରନ୍ତୁ । ଅଲ୍ଲାଃତାଲା ସଦାସର୍ବଦା ଆପଣମାନଙ୍କୁ ତାର ଦୟା ଓ ଅନୁଗ୍ରହ ପ୍ରଦାନ କରନ୍ତୁ । ଆମିନ୍ ।

# ଖୁତ୍‌ବା ଜୁମା

## ହଜ୍‌ରତ୍ ମୁନ୍‌ଜିର୍ ବିନ୍ ମୁହମ୍ମଦ୍ ଅନ୍‌ସାରୀ ଏବଂ ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତଆ ରିଜୁଆନୁଲ୍ଲାଃ ଆଲୈହିମ୍‌ଙ୍କ ଜୀବନ ଚରିତ୍ରର ଭିନ୍ନ ଭିନ୍ନ ପାର୍ଶ୍ୱର ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା) ।

ଅଲ୍ଲାଃତାଲା ଆମକୁ ମଧ ଏହି ସାହାବାମାନଙ୍କ ଉଚ୍ଚ ଗୁଣାବଳୀର ଅଧିକାରୀ କରନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ କରିଚାଲନ୍ତୁ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୭ ଜୁଲାଇ ୨୦୧୮ ଅନୁଯାୟୀ ୨୭ ୱଫା ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيمِ - بِسْمِ اللهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعٰلَمِينَ . اَلرَّحْمٰنِ الرَّحِيمِ . مٰلِكِ يَوْمِ الدِّينِ . إِيَّاكَ نَعْبُدُ وَإِيَّاكَ نَسْتَعِينُ .
اِهْدِنَا الصِّرَاطَ الْمُسْتَقِيمَ . صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ .

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ସାହାବାଙ୍କ ଜୀବନୀ ଚର୍ଚ୍ଚା କରିବାରେ ଆଜି ମୁଁ ଆଉ ଦୁଇ ଜଣ ସାବାହାଙ୍କ (ଜୀବନୀ) ଚର୍ଚ୍ଚା କରିବି । ପ୍ରଥମ ଜଣକ ହେଉଛନ୍ତି ହଜରତ ମୁନଜିର୍ ବିନ୍ ମହମ୍ମଦ ଅନ୍‌ସାରୀ । ତାଙ୍କର ସମ୍ପର୍କ କବିଲା ବନୁ ଜହ୍‌ଜବା ସହିତ ଥିଲା । ମଦିନା ଆସିବା ପରେ ହଜୁର ସ.ଆ ହଜରତ ମୁନଜିର୍ ବିନ୍ ମହମ୍ମଦ ଓ ତୁଫେଲ୍ ବିନ୍ ହାରିସ୍‌ଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରାଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୪୮, ମୁନ୍‌ଜିର୍ ବିନ୍ ମୁହମ୍ମଦ୍, ମୁଦ୍ରଣ ଦାରୁଲ୍ ଆହିୟା...ବେରୁତ ୧୯୯୬) ଯେତେବେଳେ ହଜରତ ଯୁବେର୍ ବିନ୍ ଅଓ୍ୱାମ ର:ଅ ହଜରତ ହାତିବ ବିନ୍ ଅବି ବଲତା ଓ ହଜରତ ଅବୁ ସବ୍‌ରା ବିନ୍ ଅବି ରୁହମ୍ ମକ୍କାରୁ ହିଜ୍‌ରତ୍ କରି ମଦିନା ଆସିଲେ ସେତେବେଳେ ସେମାନେ ହଜରତ ମୁନଜିର୍ ବିନ୍ ମହମ୍ମଦଙ୍କ ଘରେ ରହିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୫୫, ଜୁବେର୍ ବିନ୍ ଅଲ୍ ଅଓ୍ୱାମ, ପୃଷ୍ଠା-୬୧, ହାତିବ୍ ବିନ୍ ଅବି ବଲ୍‌ତଆ, ପୃଷ୍ଠା-୨୧୫, ଅବୁ ସବ୍‌ରା ବିନ୍ ଅବି ରହମ୍, ମୁଦ୍ରଣ ଦାରୁଲ୍ ଆହିୟା...ବେରୁତ ୧୯୯୬)ହଜରତ ମୁନଜିର୍ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ୍ ଥିଲେ ଏବଂ ବଏରେ ମାଉନାର ଘଟଣା ଅବସରରେ ଶହିଦ୍ ହେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୪୮, ମୁନ୍‌ଜିର୍ ବିନ୍ ମୁହମ୍ମଦ୍, ମୁଦ୍ରଣ ଦାରୁଲ୍ ଆହିୟା...ବେରୁତ ୧୯୯୬) ବେରେ ମାଉନା ପୂର୍ବରୁ ମଧ ଗୋଟିଏ ଦୁଇଟି ସ୍ଥାନରେ ସାହାବାଙ୍କ ଘଟଣାବଳୀ ଚର୍ଚ୍ଚା ହୋଇସାରିଛି । ପୁନର୍ବାର ସେ ପ୍ରସଙ୍ଗରେ ସଂକ୍ଷିପ୍ତରେ ଚର୍ଚ୍ଚା କରୁଅଛି । ହଜ୍‌ରତ୍ ମୁନ୍‌ଜୀର୍‌ଙ୍କ ସାହାଦତ୍ ବିଷୟରେ ଯେଉଁ ବ୍ୟାପକ ଚର୍ଚ୍ଚା ଅଛି ତାହା "ସିରତ୍ ଖାତମୁନ୍ ନବୀଇନ୍" ପୁସ୍ତକରେ ହଜ୍‌ର୍‌ତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖିଛନ୍ତି । ସେଥିରେ ସେ ଏହା ବର୍ଣ୍ଣନା କରୁଛନ୍ତି କି ହଜୁର ସ.ଆ ସଫର୍ ମାସ ୪ ହିଜରୀରେ ମୁନଜିର୍ ବିନ୍ ଉମରୋ ଅନସାରୀଙ୍କ ନେତୃତ୍ୱରେ ସାହାବାଙ୍କ ଏକ ଦଳ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ (ଲୋକମାନଙ୍କୁ) ଅବଗତ କରିବା ନିମନ୍ତେ ପ୍ରେରଣ କଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନସାରୀ ଥିଲେ । ସେମାନଙ୍କର ସଂଖ୍ୟା ୭୦ ଥିଲା ଏବଂ ସମସ୍ତେ ପବିତ୍ର କୋରାନ କଣ୍ଠସ୍ତ କରିଥିଲେ । ଯେଉଁମାନେ ଦିନବେଳା ଜଙ୍ଗଲରୁ କାଠ ଏକାଠି କରୁଥିଲେ ଓ ସେଗୁଡିକ ବିକ୍ରିକରି ନିଜ ପେଟ ପାଳୁଥିଲେ ଓ ସେମାନେ ରାତିର ଅଧିକାଂଶ ଭାଗ ଉପାସନା କରି ବିତାଉଥିଲେ । ଯେତେବେଳେ ସେମାନେ ସେଠାରେ ପହଂଚିଲେ ଯାହାକି ଏକ କୂଅ ଯୋଗୁଁ ଉକ୍ତ ସ୍ଥାନଟି ବଏର୍ ମାଉନା ନାମରେ ପ୍ରସିଦ୍ଧ ଥିଲା । ସେମାନଙ୍କ ମଧ୍ୟରୁ ହରାମ ବିନ୍ ମିଲ୍‌ହାନ୍ ଯେ କି ଅନସ୍ ବିନ୍ ମାଲିକ୍‌ଙ୍କ ମାମୁଁ ଥିଲେ ହଜୁର ସ.ଆଙ୍କ ନିକଟକୁ ଇସଲାମ ସ୍ୱୀକାର କରିବାର ନିମନ୍ତ୍ରଣ ବାର୍ତ୍ତା ନେଇ ଆମିର କବିଲାର ମୁଖିଆ ଏବଂ ଅବୁ ବରାଃ ଆମିରଙ୍କ ପୁତୁରା ଆମିର ବିନ୍ ତୁଫେଲ୍‌ଙ୍କ ନିକଟକୁ ଗଲେ ତାଙ୍କ ପଛରେ ଅନ୍ୟ ସାହାବାମାନେ ମଧ ଥିଲେ । ଯେତେବେଳେ ହରାମ ବିନ୍ ମିଲହାନ୍ ହଜୁର ସ.ଆଙ୍କ ବାର୍ତ୍ତାବହ ଭାବରେ ଆମିର ବିନ୍ ତୁଫେଲ୍ ଓ ତାଙ୍କ ସାଥିମାନଙ୍କ ନିକଟରେ ପହଂଚିଲେ ସେତେବେଳେ ସେମାନେ କପଟ ବିଶ୍ୱାସୀଙ୍କ ପରି ବେଶ ମର୍ଯ୍ୟାଦା ପ୍ରଦାନ କଲେ କିନ୍ତୁ ଯେତେବେଳେ ସେମାନେ ନିଶ୍ଚିନ୍ତ ହୋଇ ବସିଗଲେ ଓ ସେମାନଙ୍କୁ ଇସଲାମର ବାର୍ତ୍ତା ସମ୍ବନ୍ଧରେ ଅବଗତ କଲେ ସେତେବେଳେ ସେମାନଙ୍କ ମଧ୍ୟରୁ କେତେକ ଖଳ ପ୍ରକୃତିର ବ୍ୟକ୍ତି ଜଣକୁ ଇଶାରା କଲେ ଏବଂ ସେ ଉକ୍ତ ନିଷ୍ପାପ ଓ ପବିତ୍ର ସାହାବିଙ୍କୁ ପଛପଟୁ ବର୍ଛା ମାରି ଶହିଦ୍ କରିଦେଲା ସେତେବେଳେ ହରାମ୍ ବିନ୍ ମିଲହାନ୍‌ଙ୍କ ଓଠରୁ ଏହି ଶବ୍ଦ ଉଚ୍ଚାରିତ ଥିଲା **ଅଲ୍ଲାହୁ ଅକବର୍ ଫୁଜତୁ ଓ୍ୱ ରବ୍‌ବିଲ୍ କାବାଃ** ଅର୍ଥାତ ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ, କାବାର ସୃଷ୍ଟିକର୍ତ୍ତାଙ୍କ ରାଣ ମୁଁ ମୋର ଉଦେଶ୍ୟକୁ ପ୍ରାପ୍ତ କରିନେଲି । ଆମିର ବିନ୍ ତୁଫେଲ୍ କେବଳ ହଜୁର ସ.ଆଙ୍କ ବାର୍ତ୍ତାବହର ହତ୍ୟା କରିବାରେ ଅଟକିଯାଇ ନଥିଲା ବରଂ ତା ପରେ ନିଜ କବିଲା ବନୁ ଆମିର୍‌ଙ୍କ ଲୋକମାନଙ୍କୁ ଉସୁକାଇଲା ଯେ ସେମାନେ ମୁସଲ୍‌ମାନଙ୍କ ବାକି ଦଳଗୁଡିକ ଉପରେ ଆକ୍ରମଣ କରନ୍ତୁ । କିନ୍ତୁ ସେମାନେ ଏକଥା କରିବା ପାଇଁ ମନା କରିଦେଲେ ଓ କହିଲେ କି ଆମେ ଅବୁ ବରାଃଙ୍କ ଦାୟିତ୍ୱରେ ରହି ମୁସଲ୍‌ମାନ୍ ମାନଙ୍କ ଉପରେ ଆକ୍ରମଣ କରିବୁ ନାହିଁ । ଏଥିରେ ଆମିର୍ କବିଲା ବନୁ ସୁଲେମ୍‌ଙ୍କ ମଧ୍ୟରୁ ବନୁ ରିଲ୍ ଓ ଜକଓ୍ୱାନ୍ ଏବଂ ଉସୈଆ ଇତ୍ୟାଦିଙ୍କୁ (ଅର୍ଥାତ୍ ସେହି ଲୋକମାନେ ଯେଉଁମାନେ ବୁଖାରୀ ହଦିସ୍ ମୁତାବକ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଏକ ପ୍ରତିନିଧି ମଣ୍ଡଳ ହୋଇ ଆସିଥିଲେ କି ଆମ ନିକଟକୁ କିଛି ଲୋକ ପଠାନ୍ତୁ ଯେଉଁମାନେ ଆମକୁ ତବ୍‌ଲିଗ୍ କରିବେ) ସାଥିରେ ନେଇ ବାକି ନିରାଶ୍ରୟ ସାହାବାମାନଙ୍କ ଉପରେ ଆକ୍ରମଣ କଲା । ମୁସଲ୍‌ମାନ୍‌ମାନେ ଯେବେ ସେହି କ୍ରୁର ଓ ପାଶବିକ ଗୁଣ ରଖିଥିବା ଲୋକମାନଙ୍କୁ ନିଜ ଆଡକୁ ଆସିବାର ଦେଖିଲେ ସେମାନଙ୍କୁ କହିଲେ କି ଆମକୁ ତୁମଠାରେ କୌଣସି କାମ ନାହିଁ । ଆମେ କୌଣସି ପ୍ରକାରର ଲଢ଼େଇ କରିବାକୁ ଆସିନାହୁଁ । ଆମେ ତ ରସୁଲୁଲ୍ଲାଃ ସ:ଆ:ସଙ୍କ ତରଫରୁ ଏକ କାର୍ଯ୍ୟ ନେଇ ଆସିଅଛୁ । ତେଣୁ ତୁମ ସହିତ ଯୁଦ୍ଧ କରିବାର କୌଣସି ଅଭିଳାସା ରଖିନାହୁଁ । କିନ୍ତୁ ସେମାନେ ତାଙ୍କ କଥା ଶୁଣିଲେ ନାହିଁ ଓ ସମସ୍ତଙ୍କୁ ହତ୍ୟା କରିଦେଲା । ସେମାନଙ୍କ ମଧ୍ୟରୁ କେବଳ ଜଣେ ବର୍ତ୍ତୀ ଯାଇଥିଲେ ଯାହାଙ୍କ ଗୋଡ ଛୋଟା ଥିଲା ଓ ସେ ପାହାଡ ଉପରକୁ ଚଢ଼ିଯାଇଥିଲେ, ଯାହାଙ୍କ ନାମ କାବ୍ ବିନ୍ ଜୈଦ ଥିଲା । (ତାଙ୍କର ଚର୍ଚ୍ଚା ହୋଇସାରିଛି) ଅନ୍ୟ କେତେକ ରିଓ୍ୱାୟତ୍‌ରୁ ଏହା ଜଣାପଡୁଛି କି କୁଫାର୍ (ଅମାନ୍ୟକାରୀ) ମାନେ ତାଙ୍କ ଉପରେ ମଧ ଆକ୍ରମଣ କରିଥିଲେ । ସେଥିଯୋଗୁ ଯେ କ୍ଷତାକ୍ତ ହୋଇଯାଇଥିଲେ ଓ କୁଫାର୍ ତାକୁ ମରିଯିବାର ଭାବି ଛାଡ଼ିଯାଇଥିଲେ କିନ୍ତୁ ପ୍ରକୃତରେ ତାଙ୍କଠାରେ ଜୀବନ ବାକିଥିଲା ଏବଂ ସେ ପରେ ବଂଚିଯାଇଥିଲେ ।

ସାହାବାଙ୍କ ଏହି ଜମାଅତର ମାତ୍ର ଦୁଇ ଜଣ ବ୍ୟକ୍ତି ହଜରତ ଉମରୋ ବିନ୍ ଉମୈୟା ଯମରୀ ଓ ମୁନଜର୍ ବିନ୍ ମହମ୍ମଦ ଓଟମାନଙ୍କୁ ଚରାଇବା ନିମନ୍ତେ ଏଣେତେଣେ ଚାଲିଯାଇଥିଲେ । ସେମାନେ ଦୂରରୁ ନିଜ ଡେରା ଆଡକୁ ଦୃଷ୍ଟି ନିକ୍ଷେପ କଲେ ତ ସେମାନଙ୍କୁ ଦେଖିବାକୁ ପାଇଲେ କି ଦଳଦଳ ପକ୍ଷୀ ଆକାଶରେ ଉଡୁଛନ୍ତି । ସେମାନେ ଏହି ମରୁଭୂମିର ଇସାରାକୁ ଖୁବ୍ ବୁଝିପାରୁଥିଲେ । (ଯେବେ ମରୁଭୂମି ଉପରେ ପକ୍ଷୀମାନେ ଦଳଦଳ ହୋଇ ଉଡିଥାନ୍ତି ତେବେ ଏହାର ଅର୍ଥ କି ତଳେ ସେମାନଙ୍କ ଖାଇବା ନିମନ୍ତେ କିଛି ବ୍ୟବସ୍ଥା ରହିଛି) ତେଣୁ ସେମାନେ ଯଥାଶିଘ୍ର ଏହା ବୁଝିନେଲେ କି କିଛି ଲଢ଼େଇ ହୋଇଛି । ଯେତେବେଳେ ସେମାନେ ଫେରିଆସି ଦେଖିଲେ କି ଅତ୍ୟାଚାରୀ କୁଫାର୍‌ମାନଙ୍କ ପାଶବିକ କାରନାମା ଆଖି ଆଗରେ ଥିଲା । ଦୂରରୁ ହିଁ ଏହି ଦୃଶ୍ୟକୁ ଦେଖି ସେମାନେ ତତ୍‌କ୍ଷଣାତ୍ ଆପୋଷରେ ଏ ବିଷୟରେ ଚର୍ଚ୍ଚା କଲେ କି ଏବେ ଆମକୁ କଣ କରିବାକୁ ହେବ । ଜଣେ କହିଲା ଯେ ଆମକୁ ତତ୍‌କ୍ଷଣାତ୍ ଏଠାରୁ ବାହାରି ଚାଲିଯିବାକୁ ପଡ଼ିବ ଓ ମଦିନାରେ ପହଂଚି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏତେଲା ଦେବାକୁ ହେବ । କିନ୍ତୁ ଅନ୍ୟମାନେ ଏହି ରାୟକୁ ଗ୍ରହଣ କଲେନାହିଁ ଓ କହିଲେ ଯେ ମୁଁ ତ ଏ ସ୍ଥାନରୁ ପଳାୟନ କରି ଯିବିନାହିଁ । ଯେଉଁଠି ଆମ ଅମୀର୍ ମୁନ୍‌ଜିର୍ ବିନ୍ ଉମ୍‌ରୋ ଶହିଦ୍ ହୋଇଛନ୍ତି ସେହିଠାରେ ଆମେ ମଧ ଲଢିବୁ । ସୁତରାଂ ସେ ମଧ ଆଗକୁ ବଢ଼ି ଶତ୍ରୁମାନଙ୍କ ସହ ଯୁଦ୍ଧକରି ଶହିଦ୍ ହେଲେ । (ଉଦ୍ଧୃତ ଶିରତ୍ ଖାତମୁନ୍ ନବୀଇନ୍, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୫୧୮-୫୧୯) ଅର୍ଥାତ୍ ମୁନ୍‌ଜିର୍ ବିନ୍ ମୁହମ୍ମଦ୍ ଯିଏ ଓଟ ଚରାଇବା ପାଇଁ ଯାଇଥିଲେ ଯେବେ ସେ ଫେରିଲେ ସେ ମଧ ଶତ୍ରୁମାନଙ୍କ ସହ ଯୁଦ୍ଧ କରି ସେଠାରେ ଶହିଦ୍ ହେଲେ । ଏହିପରି ତାଙ୍କର ସାହାଦତ୍ ୪ ହିଜରିରେ ହେଲା" ।

ହଜୁର ଅନଓ୍ୱର ଅ.ବ କହିଲେ- ଦ୍ୱିତୀୟ ସାହାବି ଜଣକ ହେଉଛନ୍ତି ହଜରତ ହାତିବ୍ ବିନ୍ ଅବି ବଲ୍‌ତଆ । ତାଙ୍କ ସମ୍ପର୍କ ଲଖମ୍ କବିଲା ସହିତ ଥିଲା । ସେ ବନୁ ଅସଦ୍‌ଙ୍କ ବନ୍ଧୁ ଥିଲେ ତାଙ୍କ ସଂଜ୍ଞା ଅବୁ ଅବଦୁଲ୍ଲାଃ ଥିଲା । ଏବଂ ଏହା ମଧ କୁହାଯାଉଛି କି ତାଙ୍କ କୁନିୟତ୍ ଅବୁ ମୁହମ୍ମଦ୍ ମଧ ଥିଲା । ହଜରତ ହାତିବ୍ ବିନ୍ ଅବି ବଲତଆ ୟମନ ନିବାସୀ ଥିଲେ । ଆସିମ୍ ବିନ୍ ଉମ୍‌ରୋ ରିଓ୍ୱାୟତ୍ କରୁଛନ୍ତି କି ଯେତେବେଳେ ହଜ୍‌ରତ୍ ହାତିବ୍ ବିନ୍ ଅବି ବଲ୍‌ତଆ ଓ ଆପଣଙ୍କ କ୍ରୀତଦାସ ସାଦଙ୍କ ସହିତ ମକ୍କାରୁ ମଦିନା ଆଡକୁ ହିଜ୍‌ରତ୍ କଲେ ସେତେବେଳେ ସେ ଦୁହେଁ ହଜରତ ମୁନଜର୍ ବିନ୍ ମହମ୍ମଦ ବିନ୍ ଉକବାଙ୍କ ଘରେ ଶରଣ ନେଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜରତ ହାତିବ ବିନ୍ ଅବି ବଲତଆ ଏବଂ ରୁଖୈଲା ବିନ୍ ଖାଲିଦ୍‌ଙ୍କ ମଧ୍ୟରେ ମୁଆଖାତ୍ (ଭାଇଭାଇର ବନ୍ଧୁତ୍ୱ) ସ୍ଥାପନ କରିଥିଲେ ଓ ଆଉ ଗୋଟିଏ ରିଓ୍ୱାୟତ୍‌ରେ ମଧ ଆସୁଛି କି ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉଓ୍ୱେମ୍ ବିନ୍ ସାଇଦା ଏବଂ ହଜରତ ହାତିବ ବିନ୍ ଅବି ବଲତଆଙ୍କ ମଧ୍ୟରେ ମୁଆଖାତ୍ ସ୍ଥାପନ କରିଥିଲେ । ହଜରତ ହାତିବ ବିନ୍ ଅବି ବଲତଆ ବଦର, ଓ୍ୱହଦ, ଖନ୍ଦକ ତଥା ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସହ ସାମିଲ୍ ଥିଲେ । ହଜୁର ସ.ଆ ଆପଣଙ୍କୁ ତବ୍‌ଲିଗ୍ ଚିଠି (ପ୍ରଚାର ପତ୍ର) ଦେଇ ସିକନ୍ଦରିୟାର ମହାରାଜା ମକୋକସ୍ ନିକଟକୁ ପ୍ରେରଣ କରିଥିଲେ । ହଜରତ ହାତିବ୍ ହଜୁର ସ.ଆଙ୍କ ତୀରନ୍ଦାଜମାନଙ୍କ ମଧ୍ୟରୁ ଥିଲେ । ଏହା ମଧ ବର୍ଣ୍ଣନା ରହିଛି କି ହଜରତ ହାତିବ ବିନ୍ ଅବି ବଲତଆ ଇସଲାମ ସ୍ୱୀକାର ଗ୍ରହଣ କରିବା ପୂର୍ବରୁ ଜାହିଲିୟତ୍ ଯୁଗରେ କୁରୈଶର ଶ୍ରେଷ୍ଠ ଘୋଡ଼ା ଚଢାଳି ଓ କବି ମାନଙ୍କ ମଧ୍ୟରୁ ଜଣେ ଥିଲେ । କେତେକ କହନ୍ତି କି ସେ ଅବଦୁଲ୍ଲାଃ ବିନ୍ ହମିଦ୍‌ଙ୍କ ଦାସ ଥିଲେ । ସେ ନିଜ ମାଲିକଙ୍କ ସର୍ତ୍ତ ପୂରଣ କରି ସ୍ୱାଧିନ ହୋଇଥିଲେ ଏବଂ ମୁକାତିବତ୍ (ଧାର୍ଯ୍ୟ ଅର୍ଥ) ସେ ମକ୍କା ବିଜୟ ହେବା ସମୟରେ ପରିଶୋଧ କରିଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୪୯୧, ହଜରତ ହାତିବ ବିନ୍ ଅବି ବଲତଆ, ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୧, ମୁଦ୍ରଣ ଦାରୁଲ୍ ଆହିୟା...ବେରୁତ ୧୯୯୬) ହଜରତ ଉମ୍ମେ ସଲମା ବର୍ଣ୍ଣନା କରନ୍ତି ହଜୁର ସ.ଆ ହଜରତ ହାତିବ୍ ବିନ୍ ଅବି ବଲତଆଙ୍କ ହାତରେ ମୋ ନିକଟକୁ ବିବାହ ପ୍ରସ୍ତାବ ପଠାଇଥିଲେ । (ସହି ମୁସ୍‌ଲିମ୍ କିତାବୁଲ୍ ଜନାଇଜ୍...ଖଣ୍ଡ-୪, ପୃଷ୍ଠା-୮୦, ହଦିସ୍ ୧୫୧୬, ଅନୁବାଦକ-ନୁର୍ ଫାଉଣ୍ଡେସନ୍)

ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି କି ହଜରତ ଅନସ ବିନ୍ ମାଲିକ୍ ହଜରତ ହାତିବ୍‌ଙ୍କ ଠାରୁ ଶୁଣିଥିଲେ ହଜୁର ସ.ଆ ଓ୍ୱହଦ ଯୁଦ୍ଧ ସମୟରେ ମୋ ଆଡକୁ ଚାହିଁଲେ । ଯୁଦ୍ଧ ପରେ ଯେବେ ଟିକେ ଅବସ୍ଥା ସୁଧୁରିଲା ନିକଟକୁ ଗଲେ । ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ବହୁତ କଷ୍ଟରେ ପିଡୀତ ଥିଲେ । ହଜ୍‌ରତ୍ ଅଲୀଙ୍କ ହାତରେ ଗୋଟିଏ ପାଣିପାତ୍ର ଥିଲା ଓ ରସୁଲୁଲ୍ଲାଃ ସ:ଆ:ସ ନିଜ ରକ୍ତାତ ମୁଖ ଧୋଉଥିବା ସମୟରେ ହାତିବ ପଚାରିଲେ ହଜୁର ଆପଣଙ୍କର ଏପରି ଅବସ୍ଥା କିଏ କଲା ? ହଜୁର ସ.ଆ ଉତର ଦେଲେ ଉତବା ବିନ୍ ଅବି ଓ୍ୱକାସ ମୋ ମୁହଁକୁ ପଥର ମାରିଛି । ହଜରତ ହାତିବ୍ କୁହନ୍ତି ମୁଁ ପାହାଡ଼ ଉପରେ ଏହି ସମ୍ବାଦକୁ ଶୁଣିଲି କି ହଜୁର ସ.ଆ ଶହିଦ ହୋଇଯାଇଛନ୍ତି । ଏକଥା ଶୁଣିବା ମାତ୍ରେ ମୁଁ ଏପରି ଅବସ୍ଥାରେ ଏଠାକୁ ଆସିଲି କି ଯେପରି ମୋ ଶରୀରରୁ ପ୍ରାଣ ବାୟୁ ଉଡ଼ିଯାଇଛି । ଏପରି ଲାଗୁଛି ଯେପରି ମୋ ଶରୀରେ ପ୍ରାଣନାହିଁ । " ହଜ୍‌ରତ୍ ହାତିବ୍ ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ପଚାରି ବୁଝିଲେ କି ଉତବା କେଉଁଠାରେ ଅଛ ? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ଆଡକୁ ଇଙ୍ଗିତ କରି କହିଲେ ଅମୁକ ସ୍ଥାନରେ ଅଛି । ଏହାଶୁଣି ହଜ୍‌ରତ୍ ହାତିବ ଉତ୍‌ବାଙ୍କ ନିକଟକୁ ଗଲେ ଯେ

ଲୁଚି ରହିଥିଲା । ତାକୁ କାବୁ କରିବାରେ ସେ ସଫଳ ହେଲେ ଏବଂ ନିଜ ତରବାରି ସାହାଯ୍ୟରେ ଆକ୍ରମଣ କରି ତାହାର ମୁଣ୍ଡ କାଟି ଦେଲେ । ତାପରେ ସେ ତାହାର ମୁଣ୍ଡ ଓ ଅନ୍ୟାନ୍ୟ ଜିନିଷ ପତ୍ର ଓ ଘୋଡ଼ା ନେଇ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲେ । ଆଁ ହଜ୍‌ରତ୍ ସ:ଆ:ସ ସେହି ସମସ୍ତ ସାମାନ୍ ଗୁଡିକ ମଧ୍ୟରୁ କିଛି ସାମାନ୍ ହଜ୍‌ରତ୍ ହାତିବଙ୍କୁ ଦେଇଦେଲେ ଓ ହଜୁର ହଜରତ ହାତିବ୍‌ଙ୍କ ପାଇଁ ଦୁଆ କରି କହିଲେ- ଅଲ୍ଲାଃ ତୁମ ଉପରେ ପ୍ରସନ୍ନିତ ଅଲ୍ଲାଃ ତୁମ ଉପରେ ପ୍ରସନ୍ନ ହୁଅନ୍ତୁ । (ଦୁଇଥର କହିଲେ) (କିତାବ୍ ସୁନନୁଲ୍ କୁବ୍‌ରା ଲିଲ୍ ବେହ୍‌କି ଜମାଆ ଅବୁଆବୁଲ୍ ଅନ୍‌ଫାଲ୍....ହଦିସ୍ ୧୩୦୪୧, ଖଣ୍ଡ-୬, ପୃଷ୍ଠା-୫୦୪...୨୦୦୪)

ହଜରତ ହାତିବ୍‌ଙ୍କ ଦେହାନ୍ତ ୩୦ହିଜରୀରେ ୬୫ବର୍ଷ ବୟସରେ ମଦିନାରେ ହୋଇଥିଲା । ହଜରତ ଉସମାନ ଆପଣଙ୍କ ନମାଜ ଜନାଯାଃ ପଢ଼ାଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୧, ମୁଦ୍ରଣ ଦାରୁଲ୍ ଆହିୟା...ବେରୁତ ୧୯୯୬) ହଜୁର ସ.ଆ ହାତିବ ବିନ୍ ଅବି ବଲତଆଙ୍କ ହାତରେ ଏକ ପତ୍ର ମିଶରର ୱ୍ଵଲି ମକୋକସ୍‌ଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହାର ବ୍ୟାଖ୍ୟା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏପରି କରିଛନ୍ତି କି ଏହି ଚିଠିଟି ସମ୍ରାଟଙ୍କ ନିକଟକୁ ତୃତୀୟ ଚିଠି ଥିଲା (ସିରତ୍ ଖାତମୁନ୍ ନବୀଇନ୍, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୮୧୮) ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ବର୍ଣ୍ଣନା କରିଛନ୍ତି କି ତାହା ଚତୁର୍ଥ ଚିଠି ଥିଲା । (ଦିବାଚା ତଫସିରୁଲ୍ କୁରୁଆନ୍ ଅନୁୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃଷ୍ଠା-୩୨୧) ସେ ଯାହାହେଉ ଇସ୍‌ଲାମ୍‌ର ବାର୍ତ୍ତା ପହଂଚାଇବା ପାଇଁ ରାଷ୍ଟ୍ରମୁଖ୍ୟ ଓ ସମ୍ରାଟମାନଙ୍କ ନିକଟକୁ ଯେଉଁ ଚିଠି ଲେଖାଯାଇଥିଲା ସେଥିମଧ୍ୟରୁ ଗୋଟିଏ ଚିଠି ମିଶରର୍ ୱ୍ଵଲି ମକୁକସ୍‌ଙ୍କ ନିକଟକୁ ପ୍ରେରଣ କରାଯାଇଥିଲା ଯିଏ କୈସର (ରୋମ) ଅଧିନସ୍ଥ ମିଶର ଓ ସିକନ୍ଦରିୟାର ଶାସକ ଅର୍ଥାତ ବଂଶଗତ ହାକିମ ଥିଲେ ଏବଂ କୈସର ପରି ଖ୍ରୀଷ୍ଟଧର୍ମାଲମ୍ବୀ ଥିଲେ । ତାଙ୍କର (ବ୍ୟକ୍ତିଗତ) ନାମ ଜରିଜ୍ ବିନ୍ ମିନା ଥିଲା । ସେ ଓ ତାଙ୍କ ପ୍ରଜାମାନେ କବତି ବଂଶୀୟ ଥିଲେ । ସେହି ଚିଠିଟିକୁ ଆଁ ହଜ୍‌ରତ୍ ସ:ଆ:ସ ନିଜ ସାହାବୀ ହାତିବ୍ ବିନ୍ ଅବି ବଲ୍‌ତଆଙ୍କ ହାତରେ ପଠାଇଥିଲେ ଓ ସେହି ଚିଠିର ଶବ୍ଦଗୁଡିକ ଏପରିଥିଲା-

بِسۡمِ اللّٰہِ الرَّحۡمٰنِ الرَّحِیۡمِ - مِنۡ مُحَمَّدٍ عَبۡدِ اللّٰہِ وَرَسُوۡلِہٖ اِلَی الۡمُقَوۡقَسِ عَظِیۡمِ الۡقِبۡطِ -
سَلَامٌ عَلٰی مَنِ اتَّبَعَ الۡھُدٰی - اَمَّا بَعۡدُ فَاِنِّیۡ اَدۡعُوۡكَ بِدِعَایَةِ الۡاِسۡلَامِ اَسۡلِمۡ تَسۡلَمۡ یُؤۡتِكَ
اللّٰہُ اَجۡرَكَ مَرَّتَیۡنِ - فَاِنۡ تَوَلَّیۡتَ فَعَلَیۡكَ اِثۡمُ الۡقِبۡطِ - یَا اَھۡلَ الۡکِتَابِ تَعَالَوۡا اِلٰی کَلِمَةٍ
سَوَاءٍ بَیۡنَنَا وَبَیۡنَکُمۡ اَنۡ لَّا نَعۡبُدَ اِلَّا اللّٰہَ وَلَا نُشۡرِكَ بِہٖ شَیۡئًا وَّلَا یَتَّخِذَ بَعۡضُنَا بَعۡضًا اَرۡبَابًا
مِنۡ دُوۡنِ اللّٰہِ فَاِنۡ تَوَلَّوۡا فَقُوۡلُوا اشۡھَدُوۡا بِاَنَّا مُسۡلِمُوۡنَ

ଅର୍ଥାତ୍- ମୁଁ ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଅଛି ଯେ ଅଶେଷ ଦୟାବାନ ଓ ସଦା କରୁଣାମୟ ଏବଂ ଅମଳର ସର୍ବୋତ୍କୃଷ୍ଟ ପରିଣାମ ପ୍ରଦାନକାରୀ ଅଟନ୍ତି । ଏହି ପତ୍ର ମୁହମ୍ମଦ ଯେ ଅଲ୍ଲାଃଙ୍କ ଭକ୍ତ ଓ ତାଙ୍କ ଦୂତଙ୍କ ତରଫରୁ କବତିମାନଙ୍କ ମୁଖିଆ ମକୋକସଙ୍କ ନାମରେ । ଯେ ସତ୍‌ପଥକୁ ସ୍ୱୀକାର କରିଥାଏ ତାହା ଉପରେ ଅଲ୍ଲାଃଙ୍କ ଦୟା ଅବତୀର୍ଣ୍ଣ ହୁଏ । ହେ ମିଶରର ୱ୍ଵଲି ମୁଁ ଆପଣଙ୍କୁ ଇସଲାମ ଧର୍ମ ସ୍ୱୀକାର କରିବାକୁ ନିମନ୍ତ୍ରଣ ଦେଉଅଛି । ମୁସଲମାନ ହୋଇ ଅଲ୍ଲାଃଙ୍କ ସୁରକ୍ଷା ବଳୟ ମଧ୍ୟରେ ଆସିଯାଅ କାରଣ ବର୍ତମାନ ମୁକ୍ତି ପ୍ରାପ୍ତିର କେବଳ ଏହା ହିଁ ଏକ ମାତ୍ର ପନ୍ଥା । ଅଲ୍ଲାଃତାଲା ଆପଣଙ୍କୁ ଦୁଇଟି ସଫଳତା ପ୍ରଦାନ କରିବେ କିନ୍ତୁ ଯଦି ଆପଣ ଅମାନ୍ୟ କରନ୍ତି ତେବେ ନିଜ ଅପକର୍ମ ସହିତ ସମ୍ପୂର୍ଣ୍ଣ କବତି ସମ୍ପ୍ରଦାୟର ପାପ ବହନ କରିବେ । ହେ ପୁସ୍ତକଧାରୀ ସେହି କଥା ଆଡକୁ ଆସ ଯାହା ଆମ ଓ ତୁମ ମଧ୍ୟରେ ଏକ ଅଟେ । ଅର୍ଥାତ ଆମେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରିବା ନାହିଁ ଏବଂ କୌଣସି ପରିସ୍ଥିତିରେ ତାଙ୍କର ସମତୁଲ୍ୟ (ପ୍ରଭୁ) ଅନ୍ୟ କାହାରିକୁ ମଣିବା ନାହିଁ । ତାଙ୍କୁ ଛାଡ଼ି କାହାରିକୁ ନିଜ ଆବଶ୍ୟକତା ପୂରଣକାରୀ ସ୍ୱୀକାର କରିବା ନାହିଁ । ଏହାପରେ ଯଦି ସେମାନେ ଅମାନ୍ୟ କରନ୍ତି ତେବେ ତାଙ୍କୁ କହିଦିଅ କି ତୁମେ ସାକ୍ଷୀ ରୁହ କି ନିଶ୍ଚିତ ରୂପେ ଆମେ ହେଉଛୁ ଏକ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ରଖୁଥିବା ଭକ୍ତ ଓ ତାହାଙ୍କ ଆଜ୍ଞାବହ ।

ଏହି ଚିଠିଟିକୁ ଆପଣ ସ:ଆ:ସ ସେହି ୱ୍ଵଲିଙ୍କ ନିକଟକୁ ପଠାଇଥିଲେ । ଯେତେବେଳେ ହାତିବ୍ ବିନ୍ ଅବି ବଲ୍‌ତଆ ସିକନ୍ଦରିୟାଠାରେ ପହଂଚିଲେ ସେଠାରେ ମକୁକସ୍‌ଙ୍କ ହାଜିବ୍ ଅର୍ଥାତ୍ ଦର୍‌ୱ୍ଵାନ୍‌ଙ୍କ ସହିତ ସାକ୍ଷାତ୍‌କରି ତାଙ୍କ ସେବାରେ ହାଜରେ ହେଲେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚିଠିଟିକୁ ଉପସ୍ଥାପନ କଲେ । ମକୋକସ୍ ପତ୍ର ପଢିବା ପରେ ହଜରତ ହାତିବ୍‌ଙ୍କୁ କିଂଚିତ ପରିହାସ କରି କହିଲେ ଯଦି ତୁମର ଏହି ସାହିବ (ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ) ବାସ୍ତବରେ ଈଶ୍ୱରଙ୍କ ନବୀ ଅଟନ୍ତି ତେବେ ସେ ମୋ ନିକଟକୁ ପତ୍ର ପ୍ରେରଣ କରିବା ପରିବର୍ତେ ମୋ ବିରୁଦ୍ଧରେ ନିଜ ପାଳନକର୍ତାଙ୍କ ନିକଟରେ ପ୍ରାର୍ଥନା କାହିଁ କଲେ ନାହିଁ କି ଈଶ୍ୱର ମୋତେ ତାଙ୍କ ଅଧିନସ୍ଥ କରିଦିଅନ୍ତେ (ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସେହି ୱ୍ଵଲିଙ୍କ ଉପରେ ହାକିମ କରିଦିଅନ୍ତେ) । ହଜରତ ହାତିବ୍ କହିଲେ ଯଦି ଏହି ଆପତି ସଠିକ୍ ଅଟେ ତେବେ ତାହା ହଜରତ ଈସାଙ୍କ ଉପରେ ମଧ୍ୟ ପଡ଼ିବ କି ସେ କାହିଁ ନିଜ ବିରୋଧିମାନଙ୍କ ବିପକ୍ଷରେ ଏପରି ଦୁଆ କରିନଥିଲେ । ତାପରେ ହାତିବ୍ ମକୋକସ୍‌ଙ୍କୁ ଉପଦେଶ ପୂର୍ବକ କହିଲେ ଆପଣ ଧ୍ୟାନପୂର୍ବକ ବାର୍ତାର ଗଭୀରତାକୁ ବୁଝନ୍ତୁ କାରଣ ଏହା ପୂର୍ବରୁ ଆପଣଙ୍କ ଏହି ଦେଶ ମିଶର୍‌ରେ ଏକ ଏପରି ରାଜା ଫିରଓ୍ଵନ୍ ଥିଲା ଯିଏ ଦାବି କରୁଥିଲା କି ସେ ସମସ୍ତ ଜଗତର ପାଳନକର୍ତା ଓ ହାକିମ ଅଟେ । ଯଦ୍ଵାରା ତାହାକୁ ଅଲ୍ଲାଃ ଏପରି ଧରିଲେ କି ସେ ପୂର୍ବ ଓ ପର ସମସ୍ତଙ୍କ ପାଇଁ ନିଦର୍ଶନ ପାଲଟିଗଲା । ଅତଃ ମୁଁ ଆପଣଙ୍କୁ ବିନମ୍ରତାର ସହିତ କହୁଅଛି କି ଆପଣ ତାହାର କୁପରିଣାମରୁ ଶିକ୍ଷା ହାସଲ କରି ସେହିପରି ନହୁଅନ୍ତୁ କି ଆସନ୍ତାରେ ଲୋକେ ଆପଣଙ୍କ ଅବସ୍ଥାରୁ ଶିକ୍ଷା ହାସଲ କରିବେ । ମକୋକସ ତାଙ୍କର ଏପରି ଅଦମ୍ୟ ସାହସ ପରିଲକ୍ଷିତ କରି କହିଲେ ଦେଖ ଆମେ ପୂର୍ବରୁ ଏକ ଧର୍ମର ଅନୁଗାମୀ ଅଟୁ ତେଣୁ ଯେପର୍ଯ୍ୟନ୍ତ ତା'ଠାରୁ କୌଣସି ଶ୍ରେଷ୍ଠ ଧର୍ମ ମିଳିନଯାଏ ଆମେ ତାହାକୁ ପରିହାର କରି ପାରିବୁ ନାହୁଁ । ଅର୍ଥାତ୍ ଇସାଇୟତ୍‌କୁ ଛାଡ଼ିପାରିବୁ ନାହିଁ । ଏଥିରେ ହାତିବ୍ ର.ଅ କହିଲେ ଇସଲାମ ଏପରି ଧର୍ମ ଯିଏ ଅନ୍ୟ ସମସ୍ତ ଧର୍ମଠାରୁ ଉର୍ଦ୍ଧ୍ୱକୁ ନେଇଯାଇଥାଏ (ଏହା ଅନ୍ତିମ ଧର୍ମ ଅଟେ, ସମସ୍ତ ଧର୍ମ ଏଥିରେ ସମ୍ମିଳିତ ହୋଇଯାଇଛି) ଏବଂ ତାହା ନିଶ୍ଚିତ ଭାବରେ ଆପଣଙ୍କୁ ଏଥିରୁ ବାରଣ କରି ନଥାଏ କି ଆପଣ ହଜରତ ଈସା ମସିଙ୍କୁ ସ୍ୱୀକାର କରନ୍ତୁ ବରଂ ତାହା ସମସ୍ତ ସତ୍ୟବାଦୀ ଅବତାରମାନଙ୍କ ଉପରେ ବିଶ୍ୱାସ ଆଣିବାର ଆଦେଶ ଦେଇଥାଏ । ଯେପରି ହଜରତ ମୁସା ହଜରତ ଈସାଙ୍କ ଆଗମନର ସୁସମ୍ବାଦ ଦେଇଥିଲେ, ସେହିପରି ହଜରତ ଈସା ଆମ ନବୀ ହଜରତ ମୁହମ୍ମଦ ସ.ଆଙ୍କ ଆଗମନର ସୁସମ୍ବାଦ ଦେଇଛନ୍ତି । ଏଥିରେ ମକୋକସ୍ ଚିନ୍ତାରେ ପଡ଼ି ନିରବ ହୋଇଗଲା କିନ୍ତୁ ତାପରେ ଏକ ଅନ୍ୟ ବୈଠକରେ ଯେଉଁଠାରେ ବଡ଼ ବଡ଼ ପାଦ୍ରୀ ବିରାଜମାନ ଥିଲେ ମକୋକସ୍ ହାତିବ୍‌ଙ୍କୁ ପୁଣି ପଚାରିଲା କି ମୁଁ ଶୁଣିବାକୁ ପାଇଲି କି ତୁମ ନବୀ ନିଜ ଦେଶରୁ ବହିଷ୍କୃତ ହୋଇଛନ୍ତି, ସେହି ଅବସରରେ ସେ ନିଜ ଶତ୍ରୁମାନଙ୍କ ବିନାଶ ପାଇଁ ଦୁଆ କାହିଁ କଲେ ନାହିଁ । ଏଥିରେ ହାତିବ୍ ତାଙ୍କୁ ଉତର ଦେଲେ ଆପଣଙ୍କ ନବୀ ମସିହଙ୍କୁ ତ ୟହୁଦିମାନେ ଧରି ଶୁଳିରେ ମାରିଦେବାକୁ ଚେଷ୍ଟା କରିଥିଲେ କିନ୍ତୁ ସେ ତାଙ୍କ ବିରୁଦ୍ଧରେ ଦୁଆ କରି ସେମାନଙ୍କୁ ନିଃଶେଷ କରିପାରିଲେ ନାହିଁ । ମକୋକସ୍ ଏହି ଉତର ଶୁଣି ବେଶ୍ ପ୍ରଭାବିତ ହେଲା ଏବଂ କହିଲା ନିଃସନ୍ଦେହ ତୁମେ ଜଣେ ବିଜ୍ଞ ପୁରୁଷ ତଥା ଜଣେ ମହାନ ଜ୍ଞାନୀଙ୍କ ନିକଟରୁ ଦୂତ ହୋଇଆସିଅଛ । ଏହାପରେ ପୁଣି ସେ କହିଲେ କି ମୁଁ ତୁମ ନବୀଙ୍କ ବିଷୟରେ ଚିନ୍ତା କରିଛି । ପୁଣି କହିଲେ କି ମୁଁ ଏହା ଭାବୁଛି ଯେ ସେ ବାସ୍ତବରେ କୌଣସି ପ୍ରକାର ଖରାପ ଶିକ୍ଷା ଦେଇନାହାଁନ୍ତି ଓ ନା କୌଣସି ଭଲ କାର୍ଯ୍ୟ କରିବାରୁ ରୋକିଛନ୍ତି । ପୁଣି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚିଠିକୁ ଗୋଟିଏ ହାତି ଦାନ୍ତରେ ନିର୍ମିତ ଡବା ଭିତରେ ରଖି ତା ଉପରେ ନିଜର ମୋହର ଲଗାଇଲା ଓ ତାକୁ ସୁରକ୍ଷାରେ ରଖିବା ପାଇଁ ନିଜ ଘରର ଜଣେ ବିଶ୍ୱସନୀୟ ଝିଅଙ୍କ ଦାୟିତ୍ୱରେ ଦେଇଦେଲା । ସେ ଯାହାହେଉ ସେହି ଚିଠଟିକୁ ମକୁକସ୍ ସମ୍ମାନ ପ୍ରଦାନ କଲା । ଏହାପରେ ମକୁକସ୍ ନିଜର ଜଣେ ଆରବୀୟ ଲେଖକଙ୍କୁ ଡକାଇଲା ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ନାମରେ ଗୋଟିଏ ଚିଠି ଲେଖିକରି ହାତିବ୍‌ଙ୍କ ହାତରେ ଧରାଇଦେଲା । ସେହି ଚିଠିରେ ଯେଉଁ ବାକ୍ୟଗୁଡିକ ଲେଖାଯାଇଥିଲା ତାହାର ଅନୁବାଦ ହେଉଛି ଏପରି:- ଈଶ୍ୱରଙ୍କ ନାମ ସହିତ, ଯିଏ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଟନ୍ତି, ଏହି ଚିଠିଟିକୁ ବନାମ ମୁହମ୍ମଦ୍ ବିନ୍ ଅବ୍‌ଦୁଲ୍ଲାଃ (ସ:ଆ:ସ) କବ୍‌ତି ବଂଶର ମୁଖିଆ ମକୁକସ୍‌ଙ୍କ ତରଫରୁ ଲେଖାଯାଇଛି । ଆପଣଙ୍କ ଉପରେ ଶାନ୍ତିବର୍ଷଣ ହେଉ । ମୁଁ ଆପଣଙ୍କ ଚିଠି ଏବଂ ଆପଣଙ୍କର ଉଦ୍ଦେଶ୍ୟକୁ ବୁଝିପାରିଲି ଓ ଆପଣଙ୍କ ନିମନ୍ତ୍ରଣ ଉପରେ ଚିନ୍ତା କଲି । ମୁଁ ନିଶ୍ଚିତ ରୂପେ ଏହା ଜାଣିଥିଲି କି ଜଣେ ନବୀଙ୍କ ଆବିର୍ଭାବ ହେବାର ଅଛି । କିନ୍ତୁ ମୁଁ ଏ ଧାରଣା ରଖିଥିଲି କି ସେହି ନବୀ ସିରିଆ ଦେଶରେ ଜନ୍ମ ହେବେ (ନା କି ଆରବରେ) ଏବଂ ମୁଁ ଆପଣଙ୍କ ରାଜଦୂତଙ୍କ ସହିତ ସମ୍ମାନ ଦେଖାଇଛି ଏବଂ ମୁଁ ତାଙ୍କ ସହିତ ଦୁଇଜଣ ଝିଅଙ୍କୁ ପଠାଉଛି, ଯେଉଁମାନଙ୍କୁ କବ୍‌ତି ବଂଶରେ ବଡ ପଦମର୍ଯ୍ୟାଦା ହାସଲ ଅଛି । ଏମାନେ ଉଚ୍ଚ ବଂଶୀୟ ଝିଅ । ମୁଁ କିଛି ପାର୍‌ଚା (ବସ୍ତ୍ର) ମଧ୍ୟ ପ୍ରେରଣ କରୁଛି ଓ ଆପଣଙ୍କ ଆରୋହଣ ନିମନ୍ତେ ଖଚର୍ ମଧ୍ୟ ପଠାଉଛି । ୱ୍ଵସ୍ ସଲାମ୍ । ଏହାପରେ ସେ ଦସ୍ତଖତ କରିଛନ୍ତି ।

ଏହି ପତ୍ରରୁ ସ୍ପଷ୍ଟ ହେଉଅଛି ଯେ, ମକୋକସ୍ ମିଶର୍ ହଜୁର ସ.ଆଙ୍କ ଦୂତଙ୍କ ସହ ସମ୍ମାନ ପ୍ରଦର୍ଶନ କରିଥିଲା ଏବଂ ସେ ହଜୁର ସ.ଆଙ୍କ ନବୀ ହେବାର ଦାବୀ କରିବାରେ ଆଗ୍ରହ ପ୍ରକାଶ କରିଥିଲା । ସେ ଯାହା ହେଉ ସେ ଇସଲାମ ସ୍ୱୀକାର ତ କରିନଥିଲେ ଏବଂ ଅନ୍ୟ ରିୱ୍ଵାୟତ୍‌ରୁ ଜଣା ଯାଉଅଛି କି ସେ ଖ୍ରୀଷ୍ଟଧର୍ମୀ ଥିବା ଅବସ୍ଥାରେ ହିଁ ଦେହତ୍ୟାଗ କରିଥିଲେ । ତାଙ୍କ କଥା କହିବାର ଶୈଳୀରୁ ଏହା ମଧ୍ୟ ଜଣାପଡୁଥିଲା କି ସେ ନିଶ୍ଚିତ ରୂପେ ଧର୍ମ ସମ୍ବନ୍ଧୀୟ ଆଗ୍ରହ ନେଉଥିଲେ କିନ୍ତୁ ଯେଉଁକଥା ଏ ବିଷୟରେ ଜରୁରୀ ଥିଲା ତାହା ତାଙ୍କୁ ହାସଲ ହୋଇନଥିଲା । ସେଇଥିପାଇଁ ସେ ଅତ୍ୟନ୍ତ ବିନମ୍ରତାର ସହିତ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତ୍ରଣକୁ ଟାଳିଦେଲା ।

ଯେଉଁ ଦୁଇଗୋଟି ଯୁବତୀଙ୍କୁ ମକୋକସ୍ ପ୍ରେରଣ କରିଥିଲେ ସେମାନଙ୍କ ମଧ୍ୟରୁ ଜଣଙ୍କର ନାମ ଥିଲା ମାରିୟା ଓ ଅନ୍ୟଜଣକର ନାମ ଥିଲା ସିରିଇନ୍ ଏବଂ ଏହି ଦୁଇଜଣ ଆପୋଷରେ ଭଉଣୀ ଥିଲେ ଯେପରିକି ମକୁକସ୍ ନିଜ ଚିଠିରେ ଏହା ଲେଖିଥିଲା ଯେ ସେମାନେ କବ୍‌ତି କୌମ୍‌ର ଥିଲେ ଓ ଏହା ହେଉଛି ସେହି ଜାତି ଯାହା ସହିତ ମକୁକସ୍‌ର ମଧ୍ୟ ସମ୍ପର୍କ ଥିଲା । ଓ ଏହି ଦୁଇଜଣ ଯୁବତୀ ସାଧାରଣ ଲୋକମାନଙ୍କ ମଧ୍ୟରୁ ନଥିଲେ ବରଂ ମକୁକସ୍‌ଙ୍କ ଲେଖାନୁସାରେ ସେମାନଙ୍କୁ କବ୍‌ତି କୌମ୍ (ଜାତି)ରେ ବହୁତ ଉଚ୍ଚ ପଦବୀ ହାସଲ ହୋଇଥିଲା । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଲେଖିଛନ୍ତି କି ବାସ୍ତବରେ ଏହା ଜଣାପଡୁଛି କି ମିଶରୀୟମାନଙ୍କ ମଧ୍ୟରେ ଏହା ପୁରୁଣା ପ୍ରଥା ଥିଲା କି ନିଜର ସମ୍ମାନସ୍ପଦ ଅତିଥିମାନଙ୍କୁ, ଯେଉଁମାନଙ୍କ ସହିତ ଏମାନେ ସୁସମ୍ପର୍କ ବଢ଼ାଇବା ପାଇଁ ଚାହୁଁଥିଲେ, ବନ୍ଧୁ ପ୍ରସ୍ତାବ ନିମନ୍ତେ ନିଜ କୁଟୁମ୍ବ ବା ନିଜ ଜାତିର ସମ୍ଭ୍ରାନ୍ତ ଯୁବତୀମାନଙ୍କୁ ପେଶ୍ କରିଦେଉଥିଲେ । ଯଦ୍ଵାରା ତାଙ୍କର ବିବାହ ହୋଇଯାଉ । ପୁଣି ସେ ଲେଖୁଛନ୍ତି କି ସୁତରାଂ ଯେବେ ହଜ୍‌ରତ୍ ଇବ୍ରାହିମ୍ ଆ:ସ ମିଶର୍‌ରେ ଆସି ରହିଲେ ମିଶର୍‌ର ରଇସ୍ (ମୁଖିଆ) ତାଙ୍କୁ ମଧ୍ୟ ଗୋଟିଏ ଉଚ୍ଚ ବଂଶୀୟ ଯୁବତୀ ଅର୍ଥାତ୍ ହଜ୍‌ରତ୍ ହାଜ୍‌ରାଙ୍କ ପ୍ରସ୍ତାବ ପେଶ୍ କରିଥିଲେ ଯିଏ ପରେ ହଜ୍‌ରତ୍ ଇସ୍‌ମାଇଲ୍ ଓ ତାଙ୍କ ମାଧ୍ୟମରେ ଅନେକ ଆରବୀୟ କବିଲାର ମା ହେଲେ । ସେ ଯାହାହେଉ ମକୁକସ୍‌ଙ୍କ ଦ୍ୱାରା ଯେଉଁ ଦୁଇଜଣ ଯୁବତୀଙ୍କୁ ପଠାଯାଇଥିଲା ସେମାନେ ମଦିନାରେ ପହଂଚିବା ପରେ ଆଁ ହଜ୍‌ରତ୍ ସ:ଆ:ସ ମାରିୟାଙ୍କୁ ନିଜେ ହିଁ ନିଜ ବିବାହ ବନ୍ଧନରେ ନେଇନେଲେ ଓ ତାଙ୍କ ଭଉଣୀ ସିରିଇନ୍‌ଙ୍କୁ ଆରବର ବିଖ୍ୟାତ କବି ହସାନ୍ ବିନ୍ ସାବିତ୍‌ଙ୍କ ସହିତ ବିବାହ କରାଇଦେଲେ । ଏହି ମାରିୟା ହେଉଛନ୍ତି ସେହି ପବିତ୍ର ମହିଳା ଯାହାଙ୍କ ଗର୍ଭରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପୁତ୍ର ହଜ୍‌ରତ୍ ଇବ୍ରାହିମ୍ ଜନ୍ମ ହୋଇଥିଲେ ଯିଏ ନବୁୱ୍ଵତ୍ ଯୁଗର ଏକମାତ୍ର ସନ୍ତାନ ଥିଲେ । ଏକଥା ମଧ୍ୟ କହିବା ଯୋଗ୍ୟ କି ଏହି ଦୁଇଜଣ ଯୁବତୀ ମଦିନା ପହଂଚିବା ପୂର୍ବରୁ ହାତିବ୍ ବିନ୍ ବଲତଆଙ୍କ ତବ୍‌ଲିଗ୍ ଦ୍ୱାରା ମୁସଲ୍‌ମାନ୍ ହୋଇଯାଇଥିଲେ ।

ଯେଉଁ ଖଚର୍‌ଟିକୁ ଏହି ଅବସରରେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ଉପହାର ସଦୃଶ ପଠାଇଥିଲେ ତାହା ଧଳା ରଙ୍ଗର ଥିଲା । ଆଁ ହଜ୍‌ରତ୍ ସ:ଆ:ସ ତା ଉପରେ ଅଧିକାଂଶ ସମୟ ଆରୋହଣ କରୁଥିଲେ ଓ ହୁନେନ୍ ଯୁଦ୍ଧରେ ମଧ୍ୟ ଏହି ଖଚର୍‌ଟି ଆପଣଙ୍କ ତଳେ ଥିଲା । (ଉଦ୍ଧୃତ ସିରତ୍ ଖାତମୁନ୍ ନବିଇନ୍ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ, ପୃଷ୍ଠା-୮୧୮-୮୨୧) ମକୋକସ୍‌ଙ୍କୁ ଯେଉଁ ପତ୍ର ଲେଖାଯାଇଥିଲା ସେଥି ସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଅ ଏକଥା ବର୍ଣ୍ଣନା କରିଛନ୍ତି କି ଉକ୍ତ ପତ୍ରରେ ଠିକ୍ ସେହି କଥା ଲେଖା ଥିଲା ଯାହାକି ରୋମର ସମ୍ରାଟ ନିକଟକୁ ହଜୁର ସ.ଆ ଲେଖିଥିଲେ । କେବଳ ଏତିକି ପାର୍ଥକ୍ୟ ଥିଲା କି ଯଦି ତୁମେ ସ୍ୱୀକାର ନକର ତେବେ ରୋମ ଅଧିବାସୀଙ୍କ ପାପଭାର ତୁମେ ବହନ କରିବ ଏବଂ ଏହି ପତ୍ରରେ ଲେଖାଥିଲା କି କବତିମାନଙ୍କ ପାପଭାର ମକୋକସ୍ (ତୁମେ) ବହନ କରିବ । ଯେତେବେଳେ ହାତିବ୍ ର.ଅ ମିଶର ପହଂଚିଲେ ସେତେବେଳେ ମକୋକସ୍ ନିଜ ରାଜଧାନୀରେ ନଥିଲେ ବରଂ ସିକନ୍ଦରିୟାରେ ଥିଲେ । ହାତିବ୍ ସିକନ୍ଦରିୟାରେ ପହଂଚିଲେ ଯେଉଁଠାରେ ମକୋକସ୍ ସମୁଦ୍ର ତଟଦେଶରେ ମଜ୍‌ଲିସ୍ ଲଗାଇ ବସିଥିଲେ, ହାତିବ ମଧ୍ୟ ଗୋଟିଏ ଡଙ୍ଗା ଦ୍ୱାରା (ହୋଇପାରେ ସେଠାରେ କୌଣସି ଦ୍ୱୀପ ଥିବ) ଚଢ଼ି ସେହି ସ୍ଥାନରେ ପହଂଚିଲେ । ତାଙ୍କ ଆଖପାଖରେ ସୈନ୍ୟମାନେ ପହରା ଦେଉଥିଲେ ତେଣୁ ହାତିବ ଦୂରରୁ ପତ୍ର ଦେଖାଇ ଉଚ୍ଚ ସ୍ୱରରେ କହିବାରୁ, ରାଜା ଆଦେଶ ଦେଲେ ତାଙ୍କୁ ମୋ ନିକଟକୁ ଆଣ ଓ ପୁଣି ତାଙ୍କୁ ରାଜାଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା ।

ପୁଣି ଆପଣ ଏହା ମଧ୍ୟ ଲେଖିଛନ୍ତି କି ହାତିବ ର:ଅ ମକୁକସ୍‌କୁ ଏହା ମଧ୍ୟ କହିଥିଲା "ଈଶ୍ୱରଙ୍କ ରାଣ ! ମୁସା ଈଶାଙ୍କ ସମ୍ବନ୍ଧରେ ଏପରି ଖବର ଦେଇନାହାଁନ୍ତି ଯେପରିକି ଈସା ମୁହମ୍ମଦ୍

ସ:ଆ:ସଙ୍କ ବିଷୟରେ ଦେଇଛନ୍ତି ଓ ଆମେ ତୁମକୁ ସେହିପରି ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରତି ଡାକୁଅଛୁ ଯେଉଁପରି ତୁମେମାନେ ୟୁହୁଦୀମାନଙ୍କୁ ଇସାଙ୍କ ଆଡକୁ ଡାକୁଅଛ । ପୁଣି କହିଲେ କି ପ୍ରତ୍ୟେକ ନବୀଙ୍କର ଗୋଟିଏ ଉମ୍ମତ୍ (ଦଳ) ରହିଥାଏ ଓ ତାଙ୍କ ପାଇଁ ଏହା ଧାର୍ଯ୍ୟ ହୋଇଥାଏ କି ସେମାନେ ସେହି ନବୀର ଆଜ୍ଞାକୁ ପାଳନ କରନ୍ତୁ । ତେଣୁ ଯେହେତୁ ତୁମେ ସେହି ନବୀର ଯୁଗକୁ ପାଇଛ ଯାହାଙ୍କୁ ଅଲ୍ଲାଃତାଲା ସମଗ୍ର ସଂସାର ନିମନ୍ତେ ନବୀ ବନାଇ ପ୍ରେରଣ କରିଛି । ତେଣୁ ତୁମ ଉପରେ ଏହା ଧାର୍ଯ୍ୟ କି ତାକୁ ଗ୍ରହଣ କରିନିଅ ଓ ଆମ ଧର୍ମ ତୁମକୁ ମସିହ୍‌ଙ୍କ ଅନୁସରଣ କରିବାରେ ରୋକୁନାହିଁ ବରଂ ଆମେ ତ ଅନ୍ୟ ଲୋକମାନଙ୍କୁ ମଧ୍ୟ ଏ ନିର୍ଦ୍ଦେଶ ଦେଉଅଛୁ କି ସେମାନେ ମସିହ୍‌ଙ୍କ ଉପରେ ଇମାନ୍ ଆଣନ୍ତୁ” । (ଦିବାଚା ତଫ୍‌ସିରୁଲ୍ କୁରୁଆନ୍, ଅନୁୱାରୁଲ୍ ୱଲୁମ୍, ଖଣ୍ଡ-୨୦, ପୃଷ୍ଠା-୩୨୨) ଏମାନେ ସେହି ଲୋକ ଥିଲେ ଯେ ଅତ୍ୟନ୍ତ ସାହସ ଓ ବୁଦ୍ଧମାନୀର ସହିତ (ଇସଲାମର) ପ୍ରଚାର କାର୍ଯ୍ୟ ସମ୍ପାଦନ କରୁଥିଲେ । ସେମାନେ କଦାପି କୌଣସି ହାକିମ, ୱଲି କିମ୍ବା ସମ୍ରାଟ ନିକଟରେ ଭୟଭୀତ ହେଉନଥିଲେ ।

ପୁଣି ମକା ବାସୀଙ୍କ ନିମନ୍ତେ ମହିଳା ଜଣକ ଚିଠି ନେଇଯିବାର ଯେଉଁ ଘଟଣା ଆସୁଛି ସେ ହାତିବ ବିନ୍ ଅବି ବଲତଆ ହିଁ ଥିଲେ ଯିଏ ଉକ୍ତ ମହିଳାଙ୍କ ଜରିଆରେ ମକା ବାସୀଙ୍କ ନିମନ୍ତେ ଚିଠି ପଠାଇଥିଲେ ଏବଂ ହଜୁର୍ ସ:ଆ:ସ ଙ୍କ ଆସିବା ବିଷୟରେ ଏତେଲା ଦେଇଥିଲେ । ସୁତରାଂ ରିୱାୟତ୍‌ରେ ଆସୁଛି କି ରସୁଲୁଲ୍ଲାଃ ସ:ଆ:ସ ଯେବେ ମକା ବିଜୟ ନିମନ୍ତେ ସୈନ୍ୟ ସାମନ୍ତଙ୍କ ସହିତ ବାହାରିଲେ ସେ ସମୟରେ ଆପଣ ସ:ଆ:ସଙ୍କର ଜଣେ ସାହାବୀ ହଜରତ୍ ହାତିବ୍ ବିନ୍ ଅବି ବଲ୍‌ତଆ ମକାର କୁରୈଶଙ୍କ ନିକଟକୁ ଜଣେ ମହିଳାଙ୍କ ହାତରେ ଚିଠି ପଠାଇଥିଲେ । ହଜ୍‌ରତ୍ ସୟଦ୍ ଜୈନୁଲ୍ ଆବେଦିନ୍ ଶାହ୍ ସାହିବ ବୁଖାରୀର ଶରାହ୍ (ବ୍ୟାଖ୍ୟା) ରେ ଲେଖୁଛନ୍ତି କି “ଏହିଘଟଣାର ବ୍ୟାଖ୍ୟ କରିବା ପୂର୍ବରୁ ଇମାମ୍ ବୁଖାରୀ ଏହି କୁରାନୀୟ ଆୟତଟିକୁ ଲେଖିଛନ୍ତି କି *ଲା ତତଖିଜୁ ଅଦୁୱି ୱ ଅଦୁୱକୁମ୍ ଅଉଲିଆ* ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ମୋର ଶତ୍ରୁ ଓ ତୁମ ନିଜର ଶତ୍ରୁମାନଙ୍କୁ କଦାପି ବନ୍ଧୁ ନ କରନ୍ତୁ । ହଜ୍‌ରତ୍ ଅଲୀ ର:ଅଙ୍କ ଠାରୁ ରିୱାୟତ୍ ହୋଇଛି କି ସେ କହିଲେ କି ରସୁଲୁଲ୍ଲାଃ ସ:ଆ:ସ ମୋତେ ଜୁବେର୍ ଏବଂ ମକ୍‌ଦାଦ୍ ବିନ୍ ଅସୁଅଦ୍‌ଙ୍କୁ ପଠାଇଲେ । ଆପଣ କହିଲେ ତୁମେ ଚାଲିଯାଓ । ଯେବେ ତୁମେ ରଉଜାଏ ଖାଖ୍‌ଠାରେ ପହଂଚିବ ସେଠାରେ ଗୋଟିଏ ଓଟପକ୍ଷୀ ଉପରେ ଆରୋହଣ କରିଥିବା ମହିଳ ମିଳିବେ ଓ ତାଙ୍କ ନିକଟରେ ଗୋଟିଏ ଚିଠି ଅଛି । ତୁମେ ସେହି ଚିଠିଟିକୁ ତାଙ୍କଠାରୁ ନେଇନେବ । ଆମେ ବାହାରିପଡ଼ିଲୁ । ଆମ ଘୋଡା ଗୁଡିକ ବହୁତ ଶିଘ୍ର ଦଉଡି ଆମକୁ ସେଠାକୁ ନେଇଗଲେ । ଯେତେବେଳେ ଆମେ ରଉଜାଏ ଖାଖ୍‌ଠାରେ ପହଂଚିଲୁ ସେତେବେଳେ ଆମେ ଏହା ଦେଖୁଥିଲୁ କି ସେଠାରେ ଗୋଟିଏ ଓଟପକ୍ଷୀ ଉପରେ ଜଣେ ଆରୋହଣ କରିଥିବା ମହିଳା ଥିଲେ । ଆମେ ତାଙ୍କୁ କହିଲୁ କି ଚିଠି ବାହାର କର । ନଚେତ୍ ଆମେ ତୁମ ବସ୍ତ୍ରକୁ ବାହାର କିର ତଲାସି ନେବୁ । ଏକଥା ଶୁଣି ସେ ଚିଠିଟିକୁ ନିଜ ଚୁଟି ଭିତରୁ ବାହାର କରି ଦେଲା । ଆମେ ସେହି ଚିଠିଟିକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ନେଇ ଆସିଲୁ । ଦେଖିଲୁ ଯେ ସେଥିରେ ଲେଖାଥିଲା ହାତିବ୍ ବିନ୍ ଅବି ବଲ୍‌ତଆଙ୍କ ତରଫରୁ ମକାରେ ଥିବା ମୁସ୍‌ରିକ୍‌ଙ୍କ ନାମରେ ଏହି ଚିଠିଟି ରହିଛି । ସେ ରସୁଲୁଲ୍ଲାଃ ସ:ଆ:ସଙ୍କ କୌଣସି ଏକ ଉଦେଶ୍ୟ ବିଷୟରେ ସେମାନଙ୍କୁ ଏତେଲା ଦେଉଥିଲା । ଅତଏବ ଆପଣ ଏପରି ଏକ ପତ୍ର ମକ୍କା ଗମନ କରୁଥିବା ଜଣେ ମହିଳାଙ୍କ ହାତରେ ଦେଇଥିଲେ । ଅଲ୍ଲାଃତାଲା ହଜୁର ସ.ଆଙ୍କୁ ଏଥିସମ୍ବନ୍ଧରେ ଅବଗତ କରିବାରୁ ହଜୁର ହଜରତ ଅଲ୍ଲୀ ଓ କେତେକ ସାହାବାଙ୍କୁ ଉକ୍ତ ମହିଳାଙ୍କ ପଛରେ ପଠାଇଲେ । ସେମାନେ ଉକ୍ତ ପତ୍ରକୁ ତା’ଠାରୁ ସଂଗ୍ରହ କରି ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲେ । ହଜୁର ସ.ଆ ଯେତେବେଳେ ହାତିବଙ୍କୁ ଏଥି ସଂକ୍ରାନ୍ତରେ ପଚାରିଲେ, ସେ ଉତର ଦେଲେ ହଜୁର ମୁଁ ଏହି କାର୍ଯ୍ୟ କୌଣସି ବିଶ୍ୱାସଘାତକତା କିମ୍ବା କପଟ ବିଶ୍ୱାସ ଯୋଗୁଁ କରି ନାହିଁ ବରଂ ନିଜ ବନ୍ଧୁବାନ୍ଧବଙ୍କ ଦୟା ଆଚରଣର ପ୍ରତିବଦଳରେ ଲେଖିଥିଲି । ହଜୁର ସ.ଆ କହିଲେ ତୁମେ ସତ କହୁଅଛ ଏବଂ ତାଙ୍କୁ କ୍ଷମା କରିଦେଲେ ।

ହଜ୍‌ରତ୍ ଉମର୍ ସେହି ଅବସରରେ ସେଠାରେ ଉପସ୍ଥିତ ଥିଲେ । ସେ କହିଲେ ହେ ରସୁଲୁଲ୍ଲାଃ ମୋତେ ଅନୁମତି ଦିଅନ୍ତୁ କି ମୁଁ ଏହି ମୁନାଫିକ୍‌କୁ ହତ୍ୟା କରିଦେବି । ଏଥିରେ ଆପଣ ସ:ଆ:ସ କହିଲେ କି ଇଏ ତ ବଦର୍ ଯୁଦ୍ଧରେ ଉପସ୍ଥିତ ରହିଥିଲା । ଓ ତୁମକୁ କଣ ଜଣା କି ଇଶ୍ୱର ବଦର ବାସୀଙ୍କୁ ଦେଖିଛି ଓ କହିଛି ତୁମେ ମନଇଛା ଯାହା କର ମୁଁ ତୁମ ପାପଗୁଡିକୁ ପର୍ଦ୍ଦାପୋଷୀ କରିଦେଇଛି । (ଉଦ୍ଧୃତ ସହି ବୁଖାରୀ କିତାବୁଲ୍ ଜିହାଦ୍, ବାବୁଲ୍ ଜାନୁସ୍, ହଦିସ୍ ନଂ-୩୦୦୭....)

ହଜ୍‌ରତ୍ ୱଲି ଉଲ୍ଲାଃ ଶାହ୍ ସାହେବ୍ ସହି ବୁଖାରୀର ଆଉଗୋଟିଏ ହଦିସ୍‌କୁ ବ୍ୟାଖ୍ୟା କରି ଲେଖୁଛନ୍ତି କି “ଆଉଗୋଟିଏ ହଦିସ୍‌ରେ ସେହି ମହିଳାଜରକୁ ମୁସ୍‌ରିକା (ଅନେକେଶ୍ୱରବାଦୀ) କୁହାଯାଇଛଇ ଓ ତାଙ୍କ ପଛରେ ତାଙ୍କୁ ଧରିବା ପାଇଁ ଯେଉଁମାନେ ଯାଇଥିଲେ ସେମାନେ ହେଉଛନ୍ତି ହଜ୍‌ରତ୍ ଅଲୀ, ହଜ୍‌ରତ୍ ଅବୁ ମର୍‌ସଦ୍ ଗନୱି ଏବଂ ହଜ୍‌ରତ୍ ଜୁବେର୍ । ସେହିପରି ଲେଖିଛନ୍ତି କି ସେହି ମହଳା ଜଣକ ଗୋଟିଏ ଓଟ ଉପରେ ବସି ଚାଲିଯାଉଥିଲେ । ଚିଠିଟିକୁ ଲୁଚାଇବା ବିଷୟରେ ଅନ୍ୟ ଏକ ରିୱାୟତ୍‌ରେ ଲେଖାଅଛି କି ଯେତେବେଳେ ସେ ଆମକୁ ଗମ୍ଭୀର ରୂପେ ଦେଖିଲା ସେ ନିଜ ଅଂଟାରେ ବନ୍ଧା ହୋଇଥିବା ଚାଦର ଆଡକୁ ନଇଁ ଚିଠିଟିକୁ ବାହାର କରି ରଖିଦେଲା । ଆମେ ସେହି ମହିଳାଜରକୁ ନେଇ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲୁ ।

ହଜ୍‌ରତ୍ ଉମର୍ ର:ଅ କହିଲେ ସେ ଅଲ୍ଲାଃ ଓ ତାଙ୍କ ରସୁଲ୍ ଓ ମୋମିନ୍ ମାନଙ୍କ ସହିତ ଖୟାନତ୍ (ବିଶ୍ୱାସଘାତ) କରିଛି । ହେ ରସୁଲୁଲ୍ଲାଃ ମୋତେ ଅନୁମତି ଦିଅନ୍ତୁ କି ମୁଁ ତା ବେକକୁ ତା ଶରୀରରୁ ଅଲଗା କରିଦେବି । ଏଥିରେ ଆପଣ ସ:ଆ:ସ କହିଲେ- କଣ ହାତିବ୍ ବିନ୍ ଅବି ବଲ୍‌ତଆ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ଲୋକମାନଙ୍କ ମଧ୍ୟରେ ନଥିଲେ ? ପୁଣି ଆପଣ ସ:ଆ:ସ କହିଲେ- ଆଶା କରୁଛି ଇଶ୍ୱର ବଦର୍ ବାସୀଙ୍କୁ ଦେଖିଥିବେ ଓ ଏହା କହିଥିବେ କି ଯାହାକିଛି ତୁମେ ଇଛାକରିପାର । ତୁମପାଇଁ ଜନ୍ନତ୍ ଧାର୍ଯ୍ୟ ହୋଇସାରିଛି ବା ଏହା କହିଲେ କି ମୁଁ ତମୁର ପର୍ଦ୍ଦାପୋଷୀ (ଦୋଷ ଦୁର୍ବଳତାକୁ ଘୋଡାଇ) ତୁମକୁ କ୍ଷମା କରିସାରିଛି । ଏହା ଶୁଣି ହଜ୍‌ରତ୍ ଉମରଙ୍କ ଆଖିରୁ ଅଶ୍ରୁ ବହିଚାଲିଲା ଓ କହିଲେ କି ଅଲ୍ଲାଃ ଓ ତାଙ୍କ ରସୁଲ୍ ଠିକ୍ ଜାଣିଛନ୍ତି” । (ସହି ବୁଖାରୀ କିତାବୁଲ୍ ମଗାଜି...ହଦିସ୍ ୩୯୮୩, ଅନୁବାଦ ଓ ବ୍ୟାଖ୍ୟା ହଜରତ୍ ସୟଦ୍ ଜଏନୁଲ୍ ଆବେଦିନ୍ ୱଲିଉଲ୍ଲାଃ ଶାହ୍ ସାହିବ, ଖଣ୍ଡ-୮, ପୃଷ୍ଠା- ୫୩-୫୫, ନିଜାରତ୍ ଇଶାଅତ୍ ରବ୍‌ୱା)

ହଜରତ ଅବୁବକର ର.ଅ ମଧ୍ୟ ହଜରତ ହାତିବଙ୍କୁ ମକୋକସ୍‌ଙ୍କ ନିକଟକୁ ପ୍ରେରଣ କରିଥିଲେ ଏବଂ ଏକ ଚୁକ୍ତିପତ୍ର ପ୍ରସ୍ତୁତ କରିଥିଲେ । ହଜରତ ଉମରୋ ବିନ୍ ଆସଙ୍କ ମିଶର ଆକ୍ରମଣ କରିବା ସମୟ ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଉକ୍ତ ଶାନ୍ତି ଚୁକ୍ତି ସ୍ଥଗିତ ରହିଥିଲା । (ଅଲ୍ ଇସ୍ତିଆବ୍, ଖଣ୍ଡ-୧, ପୃଷ୍ଠା-୩୭୬, ହାତିବ୍ ବିନ୍ ଅବି ବଲ୍‌ତଆ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ ୨୦୦୨)

ହଜରତ ହାତିବ୍‌ଙ୍କ ସମ୍ବନ୍ଧରେ ବର୍ଣ୍ଣିତ ରହିଛି କି ସେ ଅତ୍ୟନ୍ତ ସୁନ୍ଦର ଶରୀରର ଅଧିକାରୀ ଥିଲେ, ମୁଖରେ ସ୍ୱଳ୍ପ ଦାଢି, ଗଳା ଓ ଶରୀର ନିମ୍ନକୁ ଢଳିରହି ଥିଲା, ଅଳ୍ପ ଉଚ୍ଚତା ବିଶିଷ୍ଟ ଏବଂ ତାଙ୍କ ଆଙ୍ଗୁଳିଗୁଡ଼ିକ ବେଶ୍ ମୋଟା ଥିଲା ।

ୟାକୁବ ବିନ୍ ଉତବା ବର୍ଣ୍ଣନା କରନ୍ତି ହଜରତ ହାତିବ ବିନ୍ ଅବି ବଲତଆ ନିଜ ଦେହାନ୍ତ ସମୟରେ ୪୦୦୦ ଦିରହମ୍ ଏବଂ ଦିନାର ଛାଡ଼ି ଯାଇଥିଲେ । ସେ ଖାଦ୍ୟଶସ୍ୟର ବ୍ୟବସାୟ କରୁଥିଲେ, ସେ ନିଜ ସମ୍ପତି ମଦିନାରେ ଛାଡ଼ି ଯାଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬୧, ମୁଦ୍ରଣ- ଦାରୁଲ୍ ଅହ୍‌ୟା.....ବେରୁତ ୧୯୯୬) ହଜରତ ଜାବିର ର:ଅ ବର୍ଣ୍ଣନା କରନ୍ତି ଏକଦା ହଜରତ ହାତିବଙ୍କ ଦାସ ହଜୁର ସ.ଆଙ୍କ ନିକଟକୁ ଅଭିଯୋଗ ନେଇ ଆସି କହିଲେ ହେ ଅଲ୍ଲାଃଙ୍କ ରସୁଲ ହାତିବ ନିଶ୍ଚିତ ରୂପେ ନର୍କରେ ଦାଖିଲ ହେବ । (କୌଣସି ଅଳସୁଆ ବ୍ୟକ୍ତି ଏହା କହିଥିବେ) ଏଥିରେ ହଜୁର ସ.ଆ ତାକୁ ଉତର ଦେଲେ ତୁମେ ମିଛ କହୁଅଛ ସେ କଦାପି ନର୍କଗାମୀ ହେବେ ନାହିଁ କାରଣ ସେ ବଦର ଓ ସୁଲେଃ-ହୁଦେବିୟାରେ ଯୋଗ ଦେଇଥିଲେ । (ସୁନନେ ତିରିମିଜ୍ ଅବୁଆବୁଲ୍ ମନାକିବ୍....ହଦିସ୍ ନଂ-୩୮୬୪)

ଯେପରିକି ବତାଗଲା କି ହଜ୍‌ରତ୍ ହାତିବ୍ ର:ଅ ଜଣେ ବେପାରୀ ମଧ୍ୟ ଥିଲେ । ମଣ୍ଡିରେ ମାଲ୍ ବିକ୍ରି କରୁଥିଲେ । ମାଲ୍ ବିକ୍ରି କରିବାର ଓ ମୂଲ୍ୟ ଧାର୍ଯ୍ୟ କରିବାର ଯେଉଁ ଇସ୍‌ଲାମୀୟ ଶିକ୍ଷା ଅଛି ତାହା କଣ ? ଏହାର ଚର୍ଚ୍ଚା କରି ତାଙ୍କ ପ୍ରସଙ୍ଗରେ ହଜ୍‌ରତ୍ ମୁସ୍‌ଲେ ମଉଦ୍ ର:ଅ ଏକଥା ବର୍ଣ୍ଣନାକ କରିଛନ୍ତି । ସେ କହୁଛନ୍ତି କି “ରସୁଲେ କରିମ୍ ସ:ଆ:ସଙ୍କ ସମୟରେ ମଦିନା ମନୱରାଠାରେ ଜିନିଷପତ୍ର ଗୁଡିକର ମୂଲ୍ୟ ଧାର୍ଯ୍ୟ କରିବା ନିମନ୍ତେ ଇସ୍‌ଲାମୀୟ ହୁକୁମତ୍ କାର୍ଯ୍ୟ କରୁଥିଲା । (ଅର୍ଥାତ୍ ମାର୍କେଟ୍‌ରେ ଯେଉଁ ମୂଲ୍ୟ ରହିଥାଏ ସେ ସବୁକୁ ଇସ୍‌ଲାମୀୟ ହୁକୁମତ୍ ଧାର୍ଯ୍ୟ କରୁଥିେ) ସୁତରାଂ ହଦିସ୍‌ରେ ଆସୁଅଛି କି ହଜ୍‌ରତ୍ ଉମର୍ ର:ଅ ଏକଦା ମଦିନାର ବଜାର ଭିତରେ ଘୁରୁଥିଲେ । ସେ ସମୟରେ ଦେଖିବାକୁ ପାଇଲେ କି ଜଣେ ବ୍ୟକ୍ତି ଯାହାଙ୍କ ନାମ ହାତିବ୍ ବନ୍ ଅବି ବଲ୍‌ତଆ ଅଲ୍ ମୁସଲ୍ଲି ଥିଲା, ବଜାରରେ ଦୁଇବସ୍ତା ଶୁଖିଲା ଅଙ୍ଗୁର ଧରି ବସିଥିଲେ । (ଶୁଖିଲା ଅଙ୍ଗୁର କୁହନ୍ତୁ ବା କେତେକ ସ୍ଥାନରେ ଏହାକୁ ଖିସ୍‌ମିସ୍ ବୋଲି ଲେଖାଯାଇଛି) ଏକଦା ହଜରତ ହାତିବ ମଦିନାର ବଜାରରେ ସୁଖିଲା ଅଙ୍ଗୁର କମ୍ ଦାମରେ ବିକ୍ରି କରୁଥିଲେ । ହଜରତ ଉମର ର.ଅ ସେହି ପଥ ଦେଇ ଅତିକ୍ରମ କରୁଥିଲେ, ଆପଣ ତାଙ୍କୁ କହିଲେ- ଏହାର ମୂଲ୍ୟ କେତେ ଦିର୍‌ହମ୍ । ସେ କହିଲେ ଏକ ଦିର୍‌ହମ୍ ବଦଳରେ ଦୁଇ ମଦ୍ ମିଳୁଛି । ଏହା ତାର ମୂଲ୍ୟ ଥିଲା । ଏହା ବଜାରର ସାଧାରଣ ମୂଲ୍ୟଠାରୁ ସସ୍ତା ଥିଲା । ଏଥିରେ ହଜ୍‌ରତ୍ ଉମର ତାଙ୍କୁ କହିଲେ ତୁମେ ଏହାକୁ ନେଇ ନିଜ ଘର ଇଲାକା ନିକଟରେ ବିକ୍ରି କର । ବଜାରରେ ଏଭଳି କମ୍ ଦାମରେ ବିକ୍ରି କରିବାକୁ ଅନ୍ୟମାନେ ଅନୁମତି ଦେବେ ନାହିଁ । ଏଥିରେ ବଜାରର ଦାମ୍ ଖରାପ ହୋଇଥାଏ । ଓ ଜନତାଙ୍କର ବଜାର୍‌ରେ ବିକ୍ରି କରୁଥିବା ଲୋକମାନଙ୍କ ବିଷୟରେ କୁଧାରଣା ସୃଷ୍ଟି ହୋଇଥାଏ” । ମାର୍କେଟ୍‌ର ଯେଉଁ ଅଧିକା ମୂଲ୍ୟ ଥାଏ ଏହାଦ୍ୱାରା ଲୋକମାନେ ପୁଣି କହିବେ କି ସେ ଆମଠାରୁ ଅନୁଚିତ ମୂଲ୍ୟ ନେଉଅଛି ବୋଲି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଲେଖୁଛନ୍ତି କି ଫୁକ୍‌ହା ଏହା ଉପରେ ବହୁତ ତର୍କ କରିଛନ୍ତି । କିଛି ଫୁକ୍‌ହା ଏହିପରି ରିୱାୟତ୍ ମଧ୍ୟ ନକଲ କରିଛନ୍ତି କି ପରେ ହଜ୍‌ରତ୍ ଉମର୍ ନିଜର ଏହି ଚିନ୍ତାଧାରାଠାରୁ ଫେରିଯାଇଥିଲେ । କିନ୍ତୁ ସେ ଯାହାହେଉ ଫୁକ୍‌ହା (ବିଚାରପତି) ହଜରତ ଉମର ର.ଅଙ୍କ ଏହି ରାଏକୁ ସ୍ୱୀକାର ଯୋଗ୍ୟ ମଣିଛନ୍ତି । ସେମାନେ ଲେଖିଛନ୍ତି ଇସଲାମୀୟ ପ୍ରସାଶନର ଦାୟିତ୍ୱ କି ସେ ବଜାରର ଦରଦାମ ନିର୍ଦ୍ଧାରଣ କରନ୍ତୁ ନଚେତ୍ ଜାତିର ଚରିତ୍ର ଓ ଦିଆନତ୍‌ରେ ଫରକ୍ ପଡ଼ିଯିବ କିନ୍ତୁ ଏକଥା ମନେରଖିବା ଉଚିତ୍ ହେବ କି ଏଠାରେ ସେହି ସବୁ ବସ୍ତୁଗୁଡିକର ଚର୍ଚ୍ଚା କରାଯାଇଛି ଯାହାକୁ ମଣ୍ଡିରେ ଆଣି ବିକ୍ରି କରାଯାଏ । ଯେଉଁ ବସ୍ତୁଗୁଡିକ ବସ୍ତୁଗୁଡିକ ମଣ୍ଡିକୁ ଅଣାଯାଇନଥାଏ ସେହି ବସ୍ତୁଗୁଡିକ ବିଷୟରେ ଏଠାରେ ଚର୍ଚ୍ଚା କରାଯାଏନାହିଁ । ତେଣୁ ଯେଉଁ ବସ୍ତୁଗୁଡିକୁ ମଣ୍ଡିକୁ ଅଣାଯାଇ ବିକ୍ରି କରାଯାଇଥାଏ ସେ ସବୁ ସମ୍ବନ୍ଧରେ ଇସ୍‌ଲାମ୍‌ର ସ୍ପଷ୍ଟ ନିର୍ଦ୍ଦେଶ ହେଉଛି ଏହା କି ସେ ସବୁର ଗୋଟିଏ ରେଟ୍ ଧାର୍ଯ୍ୟ ହେବା ଉଚିତ୍ । ଯଦ୍ୱାରା କୌଣସି ଦୋକାନୀ ମୂଲ୍ୟରେ କମ୍ ବା ଅଧିକା ନକରିପାରିବ । ସୁତରାଂ କିଛି ଚିହ୍ନ ଓ ଆହାଦିସ୍ ଫୋକହାମାନେ ଦେଖିଛନ୍ତି, ଯେଉଁଥିରେ ଏହାର ତାଇଦ୍ କରାଯାଇଛି” । (ଉଦ୍ଧୃତ ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୯, ପୃଷ୍ଠା- ୩୦୭-୩୦୮, ଖୁତ୍‌ବାଜୁମା, ପ୍ରଦତଃ ୧୦ ଜୁନ୍ ୧୯୩୮)

ହୁକୁମତ୍‌ର ବ୍ୟବସ୍ଥା ଅନ୍ତର୍ଗତ ଜୀବଯନ୍ତୁଙ୍କ ଚରିବା ଓ ସେଠାରେ ପାନୀୟର ବ୍ୟବସ୍ଥା କରିବା ମଧ୍ୟ ଇସଲାମୀୟ ପ୍ରଶାସନର କର୍ତବ୍ୟ । ଏ କାମ ମଧ୍ୟ ଏକଦା ହଜୁର ସ.ଆ ହଜରତ ହାତିବଙ୍କ ମାଧ୍ୟମରେ ଏକ (ଘାସ) ପଡ଼ିଆରେ କୂଅ ଖନନ କରାଇଥିଲେ । ଅତଏବ ଲେଖାଅଛି ବନୁ ମୁସତଲିକ୍ ଯୁଦ୍ଧରୁ ପ୍ରତ୍ୟାବର୍ତନ କରିବା ସମୟରେ ହଜୁର ସ.ଆ ନକିଇ ସ୍ଥାନ ମଧ୍ୟ ଦେଇ ଅତିକ୍ରମ କରୁଥିବା ସମୟରେ ତାହାର ପ୍ରଶସ୍ତତା ଓ ଶ୍ୟାମଳ ଘାସ ଦେଖିଲେ । ଏହା ବହୁତ ବଡ ଇଲାକା ଏବଂ ଚାରିଆଡେ ସବୁଜିମା ଭରି ରହିଥିଲା । ଯେଉଁଠାରେ ଅନେକ କୂଅ ମଧ୍ୟ ଥିଲା ଏବଂ ସେଠାକାର ମାଟିତଳ ପାଣି ମଧ୍ୟ ଉତମ ଥିଲା । ହଜୁର ସ.ଆ ଉକ୍ତ କୂଅ ସମ୍ବନ୍ଧରେ ପଚାରିବାରୁ ଲୋକେ କହିଲେ ଏଠାକାର ଜଳ ତ ବେଶ୍ ମଧୁର କିନ୍ତୁ ଯେତେବେଳେ ଆମେ ଉକ୍ତ କୂଅଗୁଡ଼ିକର ପ୍ରସଂଶା କରୁ ସେତେବେଳେ ତାହାର ପାଣି କମ୍ ହୋଇ କୂଅଗୁଡ଼ିକ ଶୁଷ୍କ ହୋଇ ଯାଇଥାଏ । ଏଥିରେ ହଜୁର ସ.ଆ ହଜରତ ହାତିବ ବିନ୍ ଅବି ବଲତଆଙ୍କୁ ଆଦେଶ ଦେଲେ କି ଏଠାରେ ଏକ କୂଅ ଖନନ କର । ତାପରେ ଉକ୍ତ ସ୍ଥାନ ନକିଇକୁ ହଜୁର ସ.ଆ ଜୀବଯନ୍ତୁଙ୍କ ଚରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ଅର୍ଥାତ୍ ସରକାରୀ ଗୋଚର ଗୁଡିକ ସରକାରଙ୍କ ବ୍ୟବସ୍ଥା ଅନ୍ତର୍ଗତ ରହିବ । ହଜ୍‌ରତ୍ ବିଲାଲ୍ ବିନ୍ ହାରିସ୍ ମୁଜନିଙ୍କୁ ତାଙ୍କ ଉପରେ ନିଗ୍‌ରାନ୍ ନିୟୋଜିତ କଲେ । ହଜ୍‌ରତ୍ ବିଲାଲ୍ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ଏହି ଜମିର କେତେ ଅଂଶକୁ ଗୋଚର ବନାଇବି । ଏହା ବହୁତ ବଡ଼ ଇଲାକା । ତାହା ସରକାରୀ ଗୋଚର ବନାଇବା ପାଇଁ କେତେ ଅଂଶ ବ୍ୟବହାର କରାଯିବ । ଏଥିରେ ଆପଣ ସ:ଆ:ସ କହିଲେ ଯେବେ ଫଜର୍‌ର ସମୟ ହେବ ସେତେବେଳେ ଜଣେ ଉଚ୍ଚ ସ୍ୱରର ବ୍ୟକ୍ତିକୁ ଛିଡ଼ା କରାଓ (ଅନ୍ଧାର ରାତିରେ ଆୱାଜ୍ ବହୁତ ଦୁରକୁ ଯାଇଥାଏ) ଯେତେବେଳେ ଫଜର୍ ହେବ ସେତେବେଳେ ଉଚ୍ଚ ସ୍ୱରରେ କହୁଥିବା ଜଣେ ବ୍ୟକ୍ତିକୁ ଛିଡ଼ା କରାଓ । ପୁଣି ତାଙ୍କୁ ମୁକମଲ୍ ନାମି ଛୋଟ ପାହାଡ ଉପରେ ଛିଡ଼ା କରାଓ । ପୁଣି ଯେଉଁପର୍ଯ୍ୟନ୍ତ ସେହି ବ୍ୟକ୍ତିଙ୍କର ଶବ୍ଦ ପହଂଚିବ ସେତିକି ଅଂଶକୁ ମୁସଲ୍‌ମାନ୍ ମୁଜାହିଦ୍‌ଙ୍କ ଘୋଡା ଓ ଓଟମାନଙ୍କର ଚରାଭୂଇଁ ବନାଇଦିଅ । (ଏହା ମଧ୍ୟ ସେମାନଙ୍କର ଏକ ବ୍ୟବସ୍ଥା ଥିଲା) ଫୁଟ ଏବଂ ମାଇଲ୍‌ର କଥା ହେଉନାହିଁ । ତାର ଶେଷ ସୀମାର ବିଭିନ୍ନ କୋଣରେ ଲୋକମାନଙ୍କୁ ଛିଡ଼ା କରାଓ ଓ ଯେଉଁପର୍ଯ୍ୟନ୍ତ ଆୱାଜ୍ ପହଂଚୁଥିବ ତାହା ଉକ୍ତ ଚରାଭୂଇଁର ବାଉଣ୍ଡ୍‌ରି ହେବ । ଏବଂ ତାହା ମୁସଲ୍‌ମାନ୍

ମୁଜାହିଦ୍ ମାନଙ୍କ ଘୋଡା ଓ ଓଟ ମାନଙ୍କ ନିମନ୍ତେ ଚରାଭୁଇଁ ହେବ, ଯେଉଁମାନଙ୍କ ଜରିଆରେ ସେମାନେ ଜିହାଦ୍ କରିପାରିବେ । ଏହା ବଇତୁଲ୍ ମାଲ୍ ଓ ସରକାରୀ ଚୋରାଭୁଇଁ ଅଟେ ଓ ଯୁଦ୍ଧରେ ଯୋଗଦେବାକୁ ଯାଉଥିବା ଯେଉଁ ମୁଜାହିଦ୍‌ମାନେ ଅଛନ୍ତି ସେମାନଙ୍କ ଘୋଡା ଓ ଓଟ ସେଠାରେ ଚରିବେ । ହଜ୍‌ରତ୍ ବିଲାଲ୍ ଏଥିରେ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ମୁସଲ୍‌ମାନ୍ ମାନଙ୍କ ଅନ୍ୟ ଚରୁଥିବା ଜୀବଜନ୍ତୁଙ୍କ ସମ୍ବନ୍ଧରେ କଣ ରାୟ ରହିଛି । (ଅନେକ ସାଧାରଣ ମୁସଲ୍‌ମାନ୍‌ଙ୍କ ଜୀବଜନ୍ତୁ ମଧ୍ୟ ଖୋଲାଖୋଲି ରୂପେ ପଡିଆରେ ଅଛନ୍ତି, ଚରାଭୁଇଁରେ ଚରୁଛନ୍ତି, ସେମାନଙ୍କ ସମ୍ବନ୍ଧରେ କଣ ରାୟ ରହିଛି ? ଆପଣଙ୍କର କଣ ଉପଦେଶ ଅଛି ?) ସେ କହିଲେ କି ସେ ସେଥିରେ ଦାଖଲ ହେବେନାହିଁ । ଏହା କେବଳ ସେହି ଲୋକମାନଙ୍କ ପାଇଁ ରହିଛି ଯେଉଁମାନେ ଜିହାଦ୍ ନିମନ୍ତେ ନିଜ ଓଟ ଓ ଘୋଡାକୁ ପ୍ରସ୍ତୁତ କରି ରଖିଛନ୍ତି । ହଜ୍‌ରତ୍ ବିଲାଲ୍ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ଏହି ଦୁର୍ବଳ ପୁରୁଷ ବା ଦୁର୍ବଳ ମହିଳାଙ୍କ ସମ୍ବନ୍ଧରେ ଆପଣଙ୍କର କଣ ଧାରଣା ରହିଛି । ଯାହାଙ୍କ ନିକଟରେ ସ୍ୱଳ୍ପ ମାତ୍ରାରେ ଛେଳି ମେଣ୍ଢା ଥିବେ ଏବଂ ସେ ସେମାନଙ୍କର ସ୍ଥାନ ପରିବର୍ତନ କରିବା ପାଇଁ ଶକ୍ତି ରଖିନଥିବେ । ବହୁତ କମ୍ ସଂଖ୍ୟାରେ ଗରିବ ଲୋକମାନେ ଅଛନ୍ତି, ଯେଉଁମାନେ ଗୋଟିଏ ଯୋଡିଏ ଛେଳି ବା ମେଣ୍ଢା ରଖିଛନ୍ତି । ବହୁତ ଦୂରକୁ ନେଇଯିବା ସେମାନଙ୍କ ପାଇଁ ବହୁତ କଷ୍ଟକର କଥା ବା ଆଉ କେଉଁଠାକୁ ମଧ୍ୟ ଯାଇପାରିବା ନାହିଁ । ଦୁର୍ବଳ ଲୋକେ ଅଛନ୍ତି, ବୟସ୍କ ଲୋକେ ଅଛନ୍ତି, ମହିଳାମାନେ ମଧ୍ୟ ଅଛନ୍ତି) ଏଥିରେ ଆପଣ ସ:ଆ:ସ ନିର୍ଦ୍ଦେଶ ଦେଲେ କି ସେମାନଙ୍କୁ ଛାଡ଼ିଦିଅ ଓ ଚରିବାକୁ ଦିଅ" (ଉଦ୍ଧୃତ ଅଜ୍ ସିବ୍‌ଲିଲ୍ ହୁଦା ୱ୍ୱର୍ ରଶାଦ୍, ଖଣ୍ଡ-୪, ପୃଷ୍ଠା-୩୫୨-୩୫୩, ବନି ମୁସ୍‌ତଲିକ୍ ଯୁଦ୍ଧ, ମୁଦ୍ରଣ ଦାରୁଲ୍, କୁତ୍‌ବୁଲ୍ ଇଲ୍‌ମିଆ, ବେରୁତ ୧୯୯୬) ସେମାନଙ୍କୁ ଅନୁମତି ଅଛି । ଗରୀବମାନଙ୍କୁ ଓ ଅସହାୟ ଲୋକମାନଙ୍କୁ, ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଏ ଅନୁମତି ଅଛି କି ସେମାନେ ସରକାରୀ ଚାର ଭୂଇଁରେ ଚରିପାରିବେ । ତେବେ ଜାତୀୟ ସମ୍ପତି କେବଳ ଜାତି ଉଦେଶ୍ୟରେ ବ୍ୟବହାର ହେବା ଉଚିତ୍ । ହଁ ଗରିବମାନଙ୍କର ଯଦି ନିଜର ଆବଶ୍ୟକତା ମଧ୍ୟ ଅଛି ତେବେ ସେମାନେ ଏଥିରେ ଅଂଶଗ୍ରହଣ କରିପାରିବେ ।

ହଜରତ ହାତିବ ବିନ୍ ଅବି ବଲତଆଙ୍କ ଚରିତ୍ର ଚର୍ଚ୍ଚା କରି ଅର୍ଥାତ୍ ତାଙ୍କ ଚରିତ୍ର କିପରି ଥିଲା । ସିରତ ଅସହାବ୍‌ର ଲେଖକ ଲେଖିଛନ୍ତି କି ସେ ଅତ୍ୟନ୍ତ ବିଶ୍ୱସ୍ତ, ଦୟା ଆଚରଣକାରୀ, ସ୍ୱଷ୍ଟବାଦୀ ବ୍ୟକ୍ତି ବିଶେଷ ଗୁଣର ଅଧିକାରୀ ଥିଲେ । ମୁସଲମାନ ଓ ନିଜ ବନ୍ଧୁବାନ୍ଧବମାନଙ୍କର ମଧ୍ୟ ଦେଖାଶୁଣା କରୁଥିଲେ । ମକ୍କା ବିଜୟ ସମୟରେ ସେ ମୁସ୍‌ରିକ୍ (ଅମାନ୍ୟକାରୀ)ଙ୍କୁ ଯେଉଁ ପତ୍ର ଲେଖିଥିଲେ, (ଯାହାକୁ ସେ ଉକ୍ତ ମହିଳାଙ୍କ ମାଧ୍ୟମରେ ପଠାଇଥିଲେ) ତାହା ପ୍ରକୃତରେ ନିଜ ବନ୍ଧୁବାନ୍ଧବଙ୍କ ମଙ୍ଗଳ କାମନା କରୁଥିବା ଯୋଗୁଁ ଲେଖିଥିଲେ ଯାହାର ଚର୍ଚ୍ଚା ପୂର୍ବରୁ କରିଆସିଲି । ସୁତରାଂ ହଜୁର ସ.ଆ ମଧ୍ୟ ଏହି ପବିତ୍ର ନିୟତ ଓ ସ୍ୱଷ୍ଟବଚନକୁ ଦୃଷ୍ଟି ଆଗରେ ରଖି ତାଙ୍କ ସହ ନମ୍ର ଆଚରଣ ଓ କ୍ଷମା ପ୍ରଦାନ କରିଥିଲେ । (ଉଦ୍ଧୃତ ସିରତୁସ୍ ସାହାବା ର:ଅ, ଖଣ୍ଡ-୨, ପୃଷ୍ଠା-୪୧୧-୪୧୨, ମୁଦ୍ରଣ-ଇସ୍‌ଲାମୀୟ ପୁସ୍ତକାଳୟ) ।

ଅଲ୍ଲାଃତାଲା ଆମକୁ ମଧ୍ୟ ଏହି ସାହାବାମାନଙ୍କ ଉଚ୍ଚ ଗୁଣାବଳୀର ଅଧିକାରୀ କରନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ କରିଚାଲନ୍ତୁ ।

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ "ଅଖ୍‌ବାର୍ ବଦର୍" ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ଜମାତ୍‌ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲ୍‌ସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍‌ନା ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡିକୁ ପାଠ କରିବା ନିମନ୍ତେ ତହ୍‌ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا صَلَّيْتَ عَلٰى اٰلِ اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا بَارَكْتَ عَلٰى اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ۔

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍‌ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ اِنَّكَ اَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَاِسْرَافَنَا فِيْٓ اَمْرِنَا وَثَبِّتْ اَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତା ! ଆମମାନଙ୍କର ତୃଟିଗୁଡିକୁ ଆମମାନଙ୍କର କର୍ତବ୍ୟରେ ସୀମା ଲଙ୍ଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍‌ରାନ୍:୧୪୮)

(4) رَبَّنَا ظَلَمْنَآ اَنْفُسَنَا وَاِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَآ اٰتِنَا فِى الدُّنْيَا حَسَنَةً وَّفِى الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍‌ରାଃ:୨୦୨)

(6) اَللّٰهُمَّ اِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُبِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ୍, କିତାବ୍ ଫଜାଏଲୁଲ୍ କୁର୍‌ଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମି ଦୁଆ)

## ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତିମା ୨୦୧୮ର ମଞ୍ଜୁରୀ

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟାପୂର୍ବକ ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତେମା ୨୦୧୮ ନିମନ୍ତେ ୧୨-୧୩-୧୪ ଅକ୍ଟୋବର ୨୦୧୮ (ଶୁକ୍ରବାର, ଶନିବାର ଓ ରବିବାର) ଦିନ ଗୁଡିକର ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ସମସ୍ତ ଜେଲି ତନ୍‌ଜିମ୍ ଗୁଡିକର ସଦସ୍ୟ ଓ ସଦସ୍ୟାମାନେ ଏବେଠାରୁ ଦୁଆ କରି କାଦିଆନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ଇଜ୍‌ତେମାରେ ଯୋଗଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ତତ୍‌ସହିତ ଏହି ଇଜ୍‌ତେମା ପ୍ରତି କ୍ଷେତ୍ରରୁ ସଫଳ ହେବାପାଇଁ ଅନବରତ ଦୁଆ ଜାରି ରଖନ୍ତୁ । ଜଜାକୁମୁଲ୍ଲାହୁ ତାଲା ଅହସନୁଲ୍ ଜଜା

(କାର୍ଯ୍ୟାଳୟ)

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଏଭଳି ସୌଭାଗ୍ୟ ମିଳିଥିବାରୁ ବହୁତ ଆନନ୍ଦିତ ଥିଲେ ଓ ଏହି ପବିତ୍ର ବାବର୍‌କତ୍ କ୍ଷଣ ଗୁଡିକରୁ ଲାଭାନ୍ୱିତ ହେଉଥିଲେ ଯାହା ସେମାନଙ୍କୁ ଏକ ନୁଆ ଜୀବନ ପ୍ରଦାନ କରୁଥିଲା । ଅଲ୍ଲାଃତାଲା ଏହି ସମସ୍ତ ସୌଭାଗ୍ୟ ଆମ ସମସ୍ତଙ୍କ ପାଇଁ ବାବର୍‌କତ୍ କରନ୍ତୁ । ଆମିନ୍ ।

ନନ୍‌ସ୍ପିଟ୍‌ରେ ଥିବା ଜମାତ୍‌ର ମର୍କଜ୍ ''ବଇତୁଲ୍ ନୁର୍'' ହେଉଛି ବହୁତ ବଡ ଲମ୍ବା ଓ ଚଉଡା ବିଶିଷ୍ଟ ଏକ ଅଟ୍ଟାଳିକା । ଏହାର କ୍ଷେତ୍ରଫଳ ହେଉଛି ୧.୨୫ ଏକର । ଏହି କମ୍ପ୍ଲେକ୍‌ସ୍‌ରେ ତିନିଗୋଟି ବଡ଼ବଡ଼ ଅଟ୍ଟାଳିକା ରହିଛି ଯାହା ତିନିଗୋଟି ବ୍ଲକ୍ ରୂପରେ ଅବସ୍ଥିତ । ବ୍ଲକ୍ ଏ (A) ତିନି ମହଲା ବିଶିଷ୍ଟ । ଏହାର ପ୍ରଥମ ମହଲାଟିରେ ଗୋଟିଏ ବିଶାଳ ହଲ୍ ରହିଛି ଯାହା ୧୯୮୫ ମସିହାରୁ ପଚ୍ଚବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଊଣାଅଧିକେ ତିରିଶି ବର୍ଷ ମସ୍‌ଜିଦ୍ ରୂପେ ବ୍ୟବହାର ହେଉଥିଲା ଓ ଏହା ବ୍ୟତୀତ ଏହି ଅଟ୍ଟାଳିକାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ମହଲାରେ ବାଇଶିଗୋଟି କୋଠରୀ ରହିଛି ଓ ସେହି କୋଠରୀ ଗୁଡିକରୁ ଅଧିକାଂଶ ଅତିଥିମାନଙ୍କ ରହିବା ନିମନ୍ତେ ବ୍ୟବହାର କରାଯାଉଛି । ଏତଦ୍‌ବ୍ୟତୀତ ଗାଧୁଆଘର ଓ ଜମାତି ରୋଷେଇଁଶାଳ ଅଲଗା ମଧ୍ୟ ଅଛି । ଲଙ୍ଗର୍‌ଖାନାର ବ୍ୟବସ୍ଥା ମଧ୍ୟ ଏହି ଅଟ୍ଟାଳିକା ସହିତ ସଂଲଗ୍ନ ରହିଛି । ଜମାତ୍‌ର ଲାଇବ୍ରେରୀ ମଧ୍ୟ ଏହି ଅଟ୍ଟାଳିକାରେ ରହିଛି ।

ଦ୍ୱିତୀୟ ବ୍ଲକ୍ ବି (B) ମଧ୍ୟ ହେଉଛି ତିନିମହଲା ବିଶିଷ୍ଟ । ଏହି ବ୍ଲକ୍‌ର ପ୍ରଥମ ଓ ଦ୍ୱିତୀୟ ମହଲାରେ ତିନିଗୋଟି ହଲ୍ ରହିଛି ଓ ତୃତୀୟ ମହଲାରେ ସାତଗୋଟି ଗେଷ୍ଟ୍ ହାଉସ୍ ଅର୍ଥାତ୍ ଆବାସସ୍ଥଳୀ ନିମନ୍ତେ ଆପାର୍ଟମେଂଟ୍ ରହିଛି ।

ତୃତୀୟ ବ୍ଲକ୍ ସି (C) ଯାହାର ଗୋଟିଏ ପାର୍ଶ୍ୱକୁ ପଚ୍ଚବର୍ଷ ମସ୍‌ଜିଦ୍ ଆକାରରେ ପରିବର୍ତନ କରାଯାଇଛି ଓ ନିୟମିତ ରୂପେ ମେହ୍‌ରାବ୍ ଇତ୍ୟାଦି ନିର୍ମାଣ କରାଯାଇଛି । ଏତଦ୍‌ବ୍ୟତୀତ ଏହି ବ୍ଲକ୍‌ରେ ଦୁଇଗୋଟି କାର୍ଯ୍ୟାଳୟ ଓ ଗୋଟିଏ ଆବାସସ୍ଥଳୀ ନିମନ୍ତେ ଅଂଶ ମଧ୍ୟ ରହିଛି ।

ଏତଦ୍‌ଭିନ୍ନ ଏହି କମ୍ପ୍ଲେକ୍‌ସରେ ଏହି ତିନିଗୋଟି ବ୍ଲକ୍ ବ୍ୟତୀତ ରହିବା ପାଇଁ ଗୋଟିଏ ବଙ୍ଗଳା ମଧ୍ୟ ଅଛି । ଏହି କମ୍ପ୍ଲେକ୍‌ସଟିକୁ ୧୯୮୫ ମସିହାରେ କିଣାଯାଇଥିଲା । ନନ୍‌ସ୍ପିଟ୍‌ର ଇଲାକାଟି ହେଉଛି ଅତ୍ୟନ୍ତ ସୁନ୍ଦର ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ଓ ଏହାର ପରିବେଶ ବହୁତ ମନୋରମ ଅଟେ ।

୧୯୮୫ ମସିହାରେ, ଯେବେ ଏହି ସ୍ଥାନଟିକୁ କିଣାଯାଇଥିଲା ସେତେବେଳେ ନନ୍‌ସ୍ପିଟ୍‌ରେ କେବଳ ଗୋଟିଏ ଅହେମଦୀ ଫ୍ୟାମିଲି ରହୁଥିଲେ । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ପଚ୍ଚବର୍ଷ ନନ୍‌ସ୍ପିଟ୍ ଜମାତ୍‌ର ତଜନିଦ୍ ୧୯୫ରୁ ଅଧିକା କରାଯାଇଥିଲା । ଏବେ ଏହାକୁ ଦୁଇଗୋଟି ଜମାତ୍ ଅର୍ଥାତ୍ Nunspeet and Zwolle ରେ ବିଭାଜନ କରାଯାଇଛି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏ ଜମାତ୍ ବହୁତ ଦ୍ରୁତଗତିରେ ଉନ୍ନତି କରିଚାଲିଛି । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲା ଜାଲିକା ।

**୫ ଅକ୍ଟୋବର ୨୦୧୫ (ସୋମବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬:୪୫ରେ ବଇତୁଲ୍ ନୁର୍‌ଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ପ୍ରୋଗ୍ରାମ୍ ମୁତାବକ ସକାଳ ୧୧ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫତର୍‌କୁ ଆସିଲେ ।

## ଲୋକାଲ୍ ରେଡିଓ "RTV Nunspeet" ର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଇଂଟରଭ୍ୟୁ

ଲୋକାଲ୍ ରେଡିଓ "RTV Nunspeet" ର ନ୍ୟୁଜ୍ ଇନ୍‌ଚାର୍ଯ୍ୟ ନିଜ କ୍ୟାମେରା ମ୍ୟାନ୍ ଏବଂ ଜର୍ନାଲିଷ୍ଟ୍ Bernadeth ଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ନେବାପାଇଁ ଆସିଥିଲେ । ଏହି ଇଂଟରଭ୍ୟୁଟିକୁ ବଇତୁଲ୍ ନୁର୍‌ଠାରୁ ସିଧା ପ୍ରସାରଣ RTV Radio ରେ ଲାଇଭ୍ ପ୍ରସାରଣ କରାଯିବାର ଥିଲା ।

ଜର୍ନାଲିଷ୍ଟ୍ ଜଣକ ପ୍ରଥମେ ପ୍ରଶ୍ନ ପଚାରିଲେ କି ହଜୁର୍ କାହିଁକି ହଲାଣ୍ଡ୍ ଆସିଛନ୍ତି । ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ଏଠି ହଲାଣ୍ଡ୍‌ର ନ୍ୟାସ୍‌ନାଲ୍ ପାର୍ଲିଆମେଂଟ୍‌ରେ ଫରେନ୍ ଆଫାୟାର୍‌ସ୍ କମିଟି (Foreign Affairs Committee) ମୋତେ ନିମନ୍ତ୍ରଣ କରିଥିଲେ କି ମୁଁ ଏଠାକୁ ପାର୍ଲିଆମେଂଟ୍‌କୁ ଆସେ ଏବଂ ଏଠାରେ ଚର୍ଚ୍ଚା ହେଉ ଓ ସେମାନଙ୍କୁ ଅଭିଭାଷଣ ମଧ୍ୟ ପ୍ରଦାନ କରେ । ଏହା ତ ଗୋଟିଏ ଆସିବାର କାରଣ । ପୁଣି ଅଲ୍‌ମିରେଠାରେ ଗୋଟିଏ ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରିବାର ମଧ୍ୟ ପ୍ରୋଗ୍ରାମ୍ ରହଛି । ଏହି ପ୍ରୋଗ୍ରାମ୍‌ଟି ଆସନ୍ତା କାଲି ଅନୁଷ୍ଠିତ ହେବ । ଏତଦ୍‌ବ୍ୟତୀତ ନିଜ କମ୍ୟୁନିଟିର ସଦସ୍ୟମାନଙ୍କ ସହିତ ସାକ୍ଷାତ୍‌କରିବାର ମଧ୍ୟ ପ୍ରୋଗ୍ରାମ୍ ରହିଛି । ସେମାନଙ୍କ ସହିତ ସାକ୍ଷାତ୍‌କରି ସେମାନଙ୍କର ଅବସ୍ଥା ବିଷୟରେ ଜାଣିବି, ସେମାନଙ୍କର ସମସ୍ୟା ବିଷୟରେ ଅବଗତ ହେବି ଓ ବିଭିନ୍ନ ବିଷୟରେ ସେମାନଙ୍କର ମାର୍ଗଦର୍ଶନ କରାଇବି ।

ନନ୍‌ସ୍ପିଟ୍‌ରେ ରହଣି ବାବଦରେ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ଏଠି ଏକସପ୍ତାହ ରହିବି । ଏହା ବହୁତ ସୁନ୍ଦର ଇଲାକା ଓ ମୋତେ ଏ ସ୍ଥାନ ବହୁତ ପସନ୍ଦ ଅଟେ । ମୁଁ ଯେବେ ମଧ୍ୟ ଏଠାକୁ ଆସୁଛି ଏଠାରେ ରହିବା ସମୟରେ ଖୁବ୍ ଖୁସି ଉପଭୋଗ କରୁଛି ।

ଆଉ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ଲଣ୍ଡନ୍‌ରେ ରହୁଛି । ତାହାର କାରଣ ହେଉଛି ଏହା କି ୧୯୮୪ ମସିହାରେ ସେ ସମୟର ପାକିସ୍ତାନ୍‌ର ଡିକ୍‌ଟେଟର୍ ଜିଆଉଲ୍ ହକ୍ ଆମ ଜମାତ୍ ବିରୋଧରେ ବହୁତ କଠିନ କାନୁନ୍ ବନେଇଛି । ଆମକୁ ଅସ୍‌ସଲାମୋ ଆଲୈକୁମ୍ କହିବା ପାଇଁ ଅନୁମତି ନଥିଲା । ନମାଜ ପଢ଼ିବା ପାଇଁ ଅନୁମତି ନଥିଲା । ଇସ୍‌ଲାମ୍‌ର କୌଣସି ଶିକ୍ଷା ଉପରେ ଅମଲ ଆମେ କରିପାରୁନଥିଲୁ । ତବ୍‌ଲିଗ୍ ଆମେ କରିପାରୁନଥିଲୁ । ଏପରି କୌଣସି ଶୈଳୀ ଯାହା ଇସ୍‌ଲାମୀୟ ଆସ୍ଥାକୁ ପ୍ରକାଶ କରୁଥାଏ, ତାହା ଆମେ କରିପାରୁନଥିଲୁ । ତେଣୁ ଖଲିଫତୁଲ୍ ମସିହ୍ ଏହି ସବୁ ସର୍ତଗୁଡିକୁ ଦୃଷ୍ଟିରେ ରଖି ସେଠାରେ ରହିପାରିବେ ନାହିଁ । ତେଣୁ ମୋ ପୂର୍ବରୁ ଖଲିଫା ହଜ୍‌ରତ୍ ମିର୍ଜା ତାହେର୍ ଅହେମଦ୍ ସାହେବ୍ ରହେମୁଲ୍ଲାହୁ ତାଲାଙ୍କୁ ପାକିସ୍ତାନ୍‌ରୁ ଲଣ୍ଡନ୍ ସିଫ୍‌ଟ୍ କରିବାକୁ ପଡ଼ିଲା । ୧୯୮୪ ମସିହାଠାରୁ ସେଠାରେ ରହିଆସିଛନ୍ତି ଓ ସେ ସମୟରୁ ଲଣ୍ଡନ୍ ଆମର ହେଡ୍‌କ୍ୱାର୍ଟର୍ ହୋଇଛି । ୨୦୦୩ ମସିହାରେ ତାଙ୍କର ଦେହାନ୍ତ ହେଲା । ଯେହେତୁ ପାକିସ୍ତାନ୍‌ରେ ସେହିଭଳି ଅବସ୍ଥା କାଏମ୍ ଥିଲା । ତେଣୁ ଯେବେ ପଂଚମ ଖଲିଫାଙ୍କର ଚୟନ ହେଲା ତାହା ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ଠାରେ ଅନୁଷ୍ଠିତ ହେଲା ଓ ସେଠାରେ ମୋତେ ହିଁ ଖଲିଫା ରୂପେ ଚୟନ କରି ନିର୍ବାଚିତ କରାଗଲା । ସୁତରାଂ ସେବେଠାରୁ ମୁଁ ଲଣ୍ଡନ୍‌ରେ ରହୁଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଗୋଟିଏ ନବୀଙ୍କ ଦେହାନ୍ତ ପରେ ତାଙ୍କ କାର୍ଯ୍ୟକୁ ଆଗକୁ ବଢ଼ାଇବା ଓ ସମ୍ପୂର୍ଣ୍ଣ କରିବା ପାଇଁ ଖିଲାଫତ୍‌ର ବ୍ୟବସ୍ଥା ରହିଛି । ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଇସ୍‌ଲାମ୍‌ରେ ଏପରି ଏକ ସମୟ ମଧ୍ୟ ଆସିବ ଯେତେବେଳେ ଇସ୍‌ଲାମ୍ କେବଳ ନାମ ଭିତରେ ସିମୀତ ରହିଯିବ ଓ ଯେବେ ଏପରି ସମୟ ଆସିବ ଅଲ୍ଲାଃତାଲା ସେତେବେଳେ ମୁସଲ୍‌ମାନ୍ ମାନଙ୍କ ହିଦାୟତ୍ ନିମନ୍ତେ ଜଣେ ରିଫର୍ମର୍‌କୁ ପ୍ରେରଣ କରିବେ ଓ ସେ ମସିହ୍ ଓ ମେହ୍‌ଦୀ ହେବେ ।

ଆମର ଏ ବିଶ୍ୱାସ ଅଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ସେହି ପ୍ରତିଶୃତ ମସିହ୍ ଓ ମେହ୍‌ଦୀଙ୍କର ପ୍ରକଟ ହୋଇସାରିଛି ଓ ଯେଉଁ ମସିହ୍ ମଉଦ୍ ଏବଂ ଇମାମ୍ ମେହ୍‌ଦୀ ଆ:ସ ଇସ୍‌ଲାମ୍‌ର ଦ୍ୱିତୀୟ ଯୁଗପାଇଁ ଆସିବାର ଥିଲା ସେ ଆସିସାରିଛନ୍ତି ଓ ଆମ ନିକଟରେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହିଁ ହେଉଛନ୍ତି ସେହି ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍ ।

ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ମସିହ୍ ଓ ମେହ୍‌ଦୀଙ୍କ ଆଗମନ ସମୟରେ ଅନେକ ଲକ୍ଷଣ ବର୍ଣ୍ଣନା କରିଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି ରମ୍‌ଜାନ୍ ମାସର ବିଶେଷ ନିର୍ଦ୍ଧାରିତ ତାରିଖ ଗୁଡିକରେ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ହେବାର ଲକ୍ଷଣ ଥିଲା । ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ମେହ୍‌ଦୀଙ୍କ ସତ୍ୟତା ନିମନ୍ତେ ଦୁଇଗୋଟି ଲକ୍ଷଣ ଏପରି ରହିଛି କି ଯେବେଠାରୁ ପୃଥିବୀ ଓ ଆକାଶ ସୃଷ୍ଟି ହେଲାଣି ତାହା କୌଣସି (ଆଧାତ୍ମିକ ପୁରୁଷ)ଙ୍କ ସତ୍ୟତା ନିମନ୍ତେ ଏପରି ପ୍ରକାଶ ହୋଇନାହିଁ । ମେହ୍‌ଦୀ ଆ:ସଙ୍କ ଆବିର୍ଭାବ ସମୟରେ ରମ୍‌ଜାନ୍ ମାସରେ ଚନ୍ଦ୍ରଗ୍ରହଣ ହେଉଥିବା ତାରିଖ ଗୁଡିକ ମଧ୍ୟରୁ ପ୍ରଥମ ତାରିଖ ଅର୍ଥାତ୍ ରମ୍‌ଜାନ୍‌ର ୧୩ ତାରିଖକୁ ଚନ୍ଦ୍ରଗ୍ରହଣ ହେବ ଏବଂ ସୂର୍ଯ୍ୟପରାଗ ତାରିଖ ଗୁଡିକ ମଧ୍ୟରୁ ମଧ୍ୟ ତାରିଖ ଅର୍ଥାତ୍ ରମ୍‌ଜାନ୍ ମାସର ୨୮ ତାରିଖକୁ ସୂର୍ଯ୍ୟପରାଗ ହେବ ଏବଂ ଏହି ଦୁଇଗୋଟି ନିଦର୍ଶନ ପୂର୍ବରୁ କେବେ ପ୍ରକାଶିତ ହୋଇନାହିଁ ।

ସମସ୍ତ ମୁସଲ୍‌ମାନ୍ ଏ କଥା ସ୍ୱୀକାର କରୁଛନ୍ତି କି ଯେବେ ଇମାମ୍ ମେହ୍‌ଦୀ ଆ:ସ ଆବିର୍ଭାବ ହେବେ ସେତେବେଳେ ତାଙ୍କ ସତ୍ୟତା ନିମନ୍ତେ ଏହି ନିଦର୍ଶନ ଗୁଡିକ ପୁରଣ ହେବେ । ସୁତରାଂ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଦାବି ପରେ ୧୮୯୪ ମସିହାରେ ପୃଥିବୀର ପୂର୍ବଭାଗରେ ଓ ତା ଆରବର୍ଷ ୧୮୯୫ ମସିହାରେ ପୃଥିବୀର ପଶ୍ଚିମ ଭାଗରେ ଏହି ବିଶେଷ ତାରିଖ ଗୁଡିକରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ହେଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- କି ଏହି ଭବିଷ୍ୟବାଣୀ ପୁରଣ ହୋଇସାରିଛି ଓ ରମ୍‌ଜାନ୍ ମାସରେ ଉକ୍ତ ନିର୍ଦ୍ଧାରିତ ତାରିଖ ଗୁଡିକରେ ଗ୍ରହଣ ଲାଗିଛି । ଏହି ଭବିଷ୍ୟବାଣୀ ବ୍ୟତୀତ ଆହୁରି ମଧ୍ୟ ଅନେକ ଭବିଷ୍ୟବାଣୀ ପୁରଣ ହୋଇସାରିଛି । କିନ୍ତୁ ଏହା ସତ୍ୱେ ମଧ୍ୟ ଅନ୍ୟ ମୁସଲ୍‌ମାନ୍‌ମାନେ ଆପଣଙ୍କୁ ଗ୍ରହଣ କଲେନାହିଁ । ଆମେ ସେହି ପ୍ରତିଶୃତ ମସିହ୍ ଓ ମେହ୍‌ଦୀ ଆ:ସଙ୍କୁ ଗ୍ରହଣ କରିସାରିଛୁ ।

୧୯୭୪ ମସିହାରେ ପାକିସ୍ତାନ୍‌ରେ ଭୁଟ୍ଟୋଙ୍କ ସରକାରଙ୍କ ସମୟରେ ସମସ୍ତ ଜାମତ୍ ଗୁଡିକ ମିଶି ଆମକୁ ଅଣ ମୁସ୍‌ଲିମ୍ ବିବେଚିତ କଲା । ଏହାପରେ ୧୯୮୪ ମସିହାରେ ଜିଆଉଲ୍ ହକ୍ ଗୋଟିଏ ଅର୍ଡିନାନ୍‌ସ ତିଆରି କଲା ଓ ସେଥିରେ ବହୁତ କଠିନ କାନୁନ୍ ବନାଇଲା କି ଆମେ ନିଜେ ନିଜକୁ ମୁସଲ୍‌ମାନ୍ ବୋଲାଇପାରିବୁ ନାହିଁ । ନିଜ ପିଲାମାନଙ୍କ ନାମକୁ ଇସ୍‌ଲାମୀୟ ନାମରେ ନାମିତ କରିପାରିବୁ ନାହିଁ । ମୁସଲ୍‌ମାନଙ୍କ ପରି ଉପାସନା କରିପାରିବୁ ନାହିଁ, ତବ୍‌ଲିଗ୍ କରିପାରିବ ନାହିଁ ଓ ଏପରି କୌଣସି କାଯ୍ୟ କରିପାରିବୁ ନାହିଁ, ଯେଉଁ କାର୍ଯ୍ୟ ଦ୍ୱାରା ଆମେ ମୁସଲ୍‌ମାନ୍ ବୋଲି ପରିପ୍ରକାଶ ହେଉଥିବ । ଯେତେବେଳେ ଏହି ସମସ୍ତ ପ୍ରତିବନ୍ଧକ ଆମ ଉପରେ ଲଗାଇ ଦିଆଗଲା ସେତେବେଳେ ମୋ ପୂର୍ବରୁ ଥିବା ଖଲିଫା ପାକିସ୍ତାନ୍ ହିଜ୍‌ରତ୍ (ଦେଶାନ୍ତର) କରିଲେ । ଖଲିଫତୁଲ୍ ମସିହ୍‌ଙ୍କର ଯେଉଁ ସବୁ ଫରାଏଜ୍ (ଧାର୍ଯ୍ୟ କାର୍ଯ୍ୟ) ରହିଛି ଅର୍ଥାତ୍ ସେ ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାକୁ ପ୍ରସାର କରିବେ ଓ ଇସ୍‌ଲାମ୍‌ର ପ୍ରଚାର ପ୍ରସାରର କାର୍ଯ୍ୟ ମଧ୍ୟ କରିବେ । ପାକିସ୍ତାନ୍‌ରେ ରହି ଏହି ଦାୟିତ୍ୱ ଗୁଡିକ ସମ୍ପାଦନ ହୋଇପାରିନଥାନ୍ତା । ସେଇଥିପାଇଁ ସେ ଦେଶକୁ ଛାଡ଼ିବାକୁ ପଡ଼ିଲା ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ- ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଇସ୍‌ଲାମ୍‌ରେ ଏପରି ଏକ ସମୟ ମଧ୍ୟ ଆସିବ ସେତେବେଳେ ଇସ୍‌ଲାମ୍ କେବଳ ନାମକୁ ମାତ୍ର ବାକି ରହିଯିବ ଓ ଲୋକମାନେ ଇସ୍‌ଲାମ୍‌ର ଅସଲ ଶିକ୍ଷାକୁ ଭୁଲାଇଦେବେ । ଯେବେ ଏହିପରି ସମୟ ଆସିବ ସେତେବେଳେ ଅଲ୍ଲାଃତାଲା ମୁସଲ୍‌ମାନ୍‌ମାନଙ୍କ ହିଦାୟତ୍ ନିମନ୍ତେ ମସିହ୍ ମଉଦ୍ ଓ ଇମାମ୍ ମେହ୍‌ଦୀ ଆ:ସଙ୍କୁ ପ୍ରକଟ କରାଇବେ ଓ ପ୍ରତିଶୃତ ମସିହ୍ ପୁନର୍ବାର ଲୋକମାନଙ୍କୁ ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ବିଷୟରେ ଅବଗତ କରାଇବେ ଏବଂ ସେହି ଭୁଲ୍ ପ୍ରଥାଗୁଡିକ ଯାହା ଦୀନ୍‌ରୁ ଦୂରେଇ ଯିବା ଯୋଗୁ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ସୃଷ୍ଟି ହୋଇସାରିଥିଲା, ସେଗୁଡିକର ସଂସ୍କାର କରିବେ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆସି ଇସ୍‌ଲାମ୍‌ର ସଚ୍ଚା ଏବଂ ବାସ୍ତବିକ୍ ଶିକ୍ଷାକୁ ପ୍ରସାର କଲେ ଓ ଅପଭ୍ରଂଶ ହୋଇଯାଇଥିବା ପ୍ରଥାଗୁଡିକର ସଂସ୍କାର କଲେ । ଆମେ ତାଙ୍କୁ ଗ୍ରହଣ କଲୁ ଓ ଆଜି ଆମେ ହେଉଛୁ (ଏପରି ଗୋଷ୍ଠୀ) ଯେ ଇସ୍‌ଲାମ୍‌ର ଅସଲ ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହେଉଅଛୁ ଓ ସମଗ୍ର ସଂସାରରେ ଏହି ଶିକ୍ଷାକୁ ପ୍ରଚାର ଓ ପ୍ରସାର କରୁଅଛୁ ଓ ଏହି ଶିକ୍ଷାକୁ ପ୍ରଚାର ପ୍ରସାର କରିବା ସହିତ ମାନବ ଜାତିର ସେବା କାର୍ଯ୍ୟ ମଧ୍ୟ କରୁଅଛୁ । ଆମେ ଗରିବ ଦେଶଗୁଡିକରେ ସ୍କୁଲ୍, ଡାକ୍ତରଖାନା ଖୋଲିଅଛୁ ଏବଂ ମାନବ ସେବା ନିମନ୍ତେ ଅନ୍ୟାନ୍ୟ ବହୁତ ଗୁଡିଏ ପ୍ରୋଜେକ୍ଟ ମଧ୍ୟ ଜାରି ରହିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ସବୁ କାର୍ଯ୍ୟଗୁଡିକ ବ୍ୟତୀତ ମୋର ଆହୁରି ମଧ୍ୟ ଅନେକ ଦାୟିତ୍ୱ ରହିଛି । ହଜାର ହଜାର ଲୋକେ ପ୍ରତ୍ୟେକ ଦିନ ମୋତେ ପ୍ରାର୍ଥନା କରିବା ନିମନ୍ତେ ଚିଠି ଲେଖୁଛନ୍ତି ଓ ଅନେକ ଲୋକେ ସେମାନଙ୍କର ସମସ୍ୟାର ସମାଧାନ ଚାହୁଁଛନ୍ତି । ତେଣୁ ମୁଁ ସେ ସମସ୍ତ ଲୋକଙ୍କ ମାର୍ଗଦର୍ଶନ କରାଉଛି ।

ଅନେକ ଶିକ୍ଷାର୍ଥୀ ନିଜ ଶିକ୍ଷାପାଇଁ ମାର୍ଗଦର୍ଶନ ଚାହୁଁଛନ୍ତି ଅର୍ଥାତ୍ ସେ ନିଜପାଇଁ କେଉଁ ବିଷୟକୁ ଚୟନ କରିବେ, କେଉଁ କ୍ଷେତ୍ରକୁ ଗ୍ରହଣ କରିବେ, ତେଣୁ ସେ ସମସ୍ତଙ୍କୁ ଗାଇଡ୍ କରୁଅଛି । ପୁଣି କିଛି ଶିକ୍ଷାର୍ଥୀ ତାଲିମି ଇମ୍‌ଦାଦ୍ (ଶିକ୍ଷା ନିମନ୍ତେ ସାହାଯ୍ୟ)ର ଦରଖାସ୍ତ କରୁଛନ୍ତି । ସେମାନଙ୍କର ଫିସ୍ ଆମେ ପ୍ରଦାନ କରୁଅଛୁ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏକଥା ଠିକ୍ କି ଇସ୍‌ଲାମ୍‌ର ବାର୍ତା ପହଂଚାଇବା ପାଇଁ ବହୁତ ଅସୁବିଧା ଓ କଠିନତାକୁ ସମ୍ମୁଖୀନ ହେବାକୁ ପଡୁଛି କିନ୍ତୁ ଆମେ ଏକଥା ଠାଣି ନେଇଛୁ କି ପ୍ରତ୍ୟେକ ପରିସ୍ଥିତିରେ ପ୍ରତ୍ୟେକ ପ୍ରକାର ଅସୁବିଧାକୁ ସମ୍ମୁଖୀନ କରି ଇସ୍‌ଲାମ୍‌ର ବାର୍ତାକୁ ପହଂଚାଇବୁ ଓ ଏଥିରୁ ବିରତ ହେବୁନାହିଁ । ଯେଉଁ ସବୁ ଭଲ କଥାଗୁଡିକ ରହିଛି

ଲୋକମାନେ ତାକୁ ଶୁଣିବେ ଓ ଗ୍ରହଣ ମଧ୍ଯ କରିବେ । ସତ୍ୟ ପ୍ରଭାବ ପକାଇଥାଏ । କିଛି ଲୋକେ ଏ ବାର୍ତାକୁ ଶୁଣିଥାନ୍ତି ଓ ସ୍ୱୀକାର କରିଥାନ୍ତି କି ଏହା ସଠିକ୍ ବାର୍ତା ବୋଲି । କିନ୍ତୁ ନିଜର କିଛି ମତଲବ୍ ପାଇଁ ଏହାକୁ ଗ୍ରହଣ କରିନଥାନ୍ତି ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମ ନିଜର କୌଣସି ଧର୍ମ ନାହିଁ । ଆମ ଧର୍ମ ହେଉଛି ଇସ୍‌ଲାମ୍ । ଜଣେ ହିଁ ନବୀ ଅଛନ୍ତି । ଗୋଟିଏ ହିଁ ପବିତ୍ର କୁରଆନ୍ ଅଛି । ଆମର କୌଣସି ନୁଆ ଇସ୍‌ଲାମ୍ ନାହିଁ । ଆମର ଏ ବିଶ୍ୱାସ ରହିଛି କି ପବିତ୍ର କୁର୍‌ଆନ୍ ମୁତାବକ ସବୁଠାରୁ ବଡ଼ ଜିହାଦ୍ ହେଉଛି ତାହା ଯାହାଦ୍ୱାରା ନିଜର ଆଚାର ବ୍ୟବହାରରେ ପରିବର୍ତନ କରାଯାଏ । ନିଜକୁ ପବିତ୍ର କରିବାକୁ ହୁଏ ଓ ପୁଣି ଇସ୍‌ଲାମ୍‌ର ବାସ୍ତବିକ୍ ଓ ସତ୍ ଶିକ୍ଷା ଓ ପ୍ରେମ ଓ ଶାନ୍ତିର ବାର୍ତାକୁ ପ୍ରସାର କରିବାକୁ ହୁଏ । ବାକି ତରବାରିର ଯେଉଁ ଜିହାଦ୍ ରହିଛି ଏହା ତ ତଳସ୍ତରର ଜିହାଦ୍ ଅଟେ ଓ ଏଥିପାଇଁ ବହୁତ ସର୍ତାବଳୀ ମଧ୍ଯ ରହିଛି ଓ ଏହା ମଧ୍ଯ ସର୍ତ ରହିଛି କି ଯଦି ପ୍ରଥମେ ଆପଣମାନଙ୍କ ବିରୋଧରେ ତରବାରି ଉଠାଯାଏ ଓ ଆପଣମାନଙ୍କ ଉପରେ ଯୁଦ୍ଧକୁ ଥୋପି ଦିଆଯାଏ ତେବେ ଯାଇ ନିଜର ପ୍ରତିରକ୍ଷା କରାଯାଉ ।

ଆଁ ହଜ୍‌ରତ୍ ସ:ଆ:ସ ମକାରେ ଦଶବର୍ଷ ରହିଲେ ଓ ନିଜର କୌଣସି ପ୍ରକାର ପ୍ରତିରକ୍ଷା କଲେନାହିଁ । ପୁଣି ଆପଣ ସ:ଆ:ସ ମଦିନା ହିଜ୍‌ରତ୍ କଲେ । ଯେତେବେଳେ ମକାରୁ ବିରୋଧିମାନଙ୍କ ସେନା ମଦିନା ଉପରେ ଆକ୍ରମଣ କଲେ ସେତେବେଳେ ଯାଇ ଆପଣ ସ:ଆ:ସଙ୍କୁ ନିଜର ପ୍ରତିରକ୍ଷା କରିବା ପାଇଁ ଅନୁମତି ଦିଆଗଲା ଓ ପ୍ରତିରକ୍ଷା କରିବାର ଅନୁମତି ଦେଇ ଅଲ୍ଲାଃତାଲା କୁର୍‌ଆନ୍ କରିମ୍‌ରେ ନିର୍ଦ୍ଦେଶ ଦେଲେ କି ସେହି ଲୋକମାନଙ୍କୁ ଯାହାଙ୍କ ବିରୋଧରେ ଆକ୍ରମଣ କରାଯାଉଛି, (ତାଙ୍କୁ) ଯୁଦ୍ଧ କରିବାର ଅନୁମତି ଦିଆଯାଉଛି । କାରଣ ତାଙ୍କ ଉପରେ ଅତ୍ୟାଚାର କରାଯାଇଛି ଓ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ପୁର୍ଣ୍ଣ ଶକ୍ତି ରଖିଛନ୍ତି । ମୁସଲ୍‌ମାନ୍ ମାନଙ୍କୁ ଏବେ ଯଦି ନିଜର ପ୍ରତିରକ୍ଷା ନିମନ୍ତେ ଅନୁମତି ନ ଦିଆଯାଇଥାଆନ୍ତା ତେବେ ଉପାସନା ପୀଠ ଗୁଡିକୁ (ବିରୋଧିଙ୍କ ଦ୍ୱାରା) ଭାଙ୍ଗି ଦିଆଯାଇଥାଆନ୍ତା ଓ ଗିର୍ଜା ମଧ୍ଯ ଓ ୟୁହୁଦୀମାନଙ୍କ ଧର୍ମସ୍ଥଳୀ ମଧ୍ଯ ଓ ମସ୍‌ଜିଦ୍ ମଧ୍ଯ ଧ୍ୱଂସ କରାଯାଇଥାଆନ୍ତା । ତେଣୁ ଅଲ୍ଲାଃତାଲା ପ୍ରତିରକ୍ଷା ନିମନ୍ତେ ଯେଉଁ ଅନୁମତି ଦେଲେ ତାହା ଏଇଥିପାଇଁ ଦେଲେ କି ସମସ୍ତ ଧର୍ମ ଓ ସମସ୍ତ ଧର୍ମର ଉପାସନା ପୀଠଗୁଡିକୁ ସୁରକ୍ଷା ଦିଆଯାଇପାରିବ । ତେଣୁ ଏହି ଅନୁମତିରେ ଏ ନିର୍ଦ୍ଦେଶ ଥିଲା କି ଯଦି ନିଜ ଧର୍ମକୁ ବଂଚାଇବାକୁ ହୁଏ ଓ ଧର୍ମୀୟ ସ୍ୱାଧୀନତାକୁ ଓ ଧର୍ମସ୍ଥଳୀଗୁଡିକୁ ବଂଚାଇବାକୁ ହୁଏ ତେବେ ନିଜର ପ୍ରତିରକ୍ଷା କର । ଯଦି ତୁମେ ନିଜର ପ୍ରତିରକ୍ଷା କରିବ ତେବେ ଏହାର ଅର୍ଥ ଏପରି ହେବ କି ତୁମେ ସମସ୍ତ ଧର୍ମର ପ୍ରତିରକ୍ଷା କରିବ ।

ଆଉଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଇସ୍‌ଲାମ୍ ସନ୍ତ୍ରାସବାଦର ଧର୍ମ ନୁହେଁ । ଏହା ଇସ୍‌ଲାମ୍ ଉପରେ ଏକ ଆରୋପ ଲଗାଯାଉଛି । କିଛି ଗୋଷ୍ଠୀ ଚରମପନ୍ଥୀ ଅଛନ୍ତି, ଯେଉଁମାନେ ନିଜର ଆଚରଣ ଯୋଗୁ ଇସ୍‌ଲାମ୍‌କୁ ବଦ୍‌ନାମ୍ କରୁଛନ୍ତି । ଏହା କୌଣସି ପ୍ରକାରର ଜିହାଦ୍ ନୁହେଁ କି କେବଳ ଲୋକମାନଙ୍କୁ ମାରି ଦିଆଯାଉ ଓ ହତ୍ୟା କରାଯାଉ । ଆମେ ଲଗାତାର ଦୁନିଆରେ ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷା ଓ ତାର ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତାକୁ ଲୋକମାନଙ୍କ ନିକଟରେ ପହଂଚାଉଛୁ । ସହିଷ୍ଣୁତା ଓ ଭାଇଚରାକୁ ପ୍ରତିଷ୍ଠା କରିବା ନିମନ୍ତେ ଚେଷ୍ଟା ଚଳାଇଛୁ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ ପଚାରିଲେ କି ଆପଣ ଅହେମଦୀ ଲୋକମାନଙ୍କ ସହିତ ମିଶୁଛନ୍ତି । ତେବେ କଣ ସେମାନଙ୍କୁ ଆପଣଙ୍କ ସାହାଯ୍ୟ କରିବାର ଆବଶ୍ୟକତା ହୋଇଥାଏ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଅସଲରେ ଏହା ଗୋଟିଏ Two way love. ଜଣେ ଅହେମଦୀ ଯେବେ ତାଙ୍କର କୌଣସି ପ୍ରିୟଙ୍କ ସହିତ ମିଶିଥାଏ ସେ ବହୁତ ଆନନ୍ଦ ଅନୁଭବ କରିଥାଏ ଓ ଯୁଗ ଖଲିଫା ମଧ୍ୟ ଯେବେ ନିଜ ପ୍ରିୟଜନଙ୍କ ସହିତ ମିଶିଥାଏ ବହୁତ ଖୁସି ଅନୁଭବ କରିଥାଏ ।

ସିରିଆନ୍ ରିଫ୍ୟୁଜି ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସିରିଆରୁ ଯେଉଁ ରିଫ୍ୟୁଜିମାନେ ୟୁରୋପୀୟ ଦେଶଗୁଡିକୁ ଆସୁଛନ୍ତି ତାଙ୍କ ବିଷୟରେ ଆମେ ଏହା କହୁଛୁ କି ଯେଉଁମାନଙ୍କୁ ତାଙ୍କ ଅଧିକାରରୁ ବଂଚିତ ରଖାଯାଇଛି, ସେମାନଙ୍କୁ ସାହାଯ୍ୟ କରାଯାଉ । ଯଦ୍ୱାରା ସେମାନେ ନିଜର ଜୀବନ ନିର୍ବାହ କରିପାରିବେ । ସ୍ଥାନୀୟ ସରକାର୍ ହେଉ, ଅନ୍ୟାନ୍ୟ ସଂଗଠନ ଗୁଡିକ ହୁଅନ୍ତୁ ବା କେନ୍ଦ୍ରୀୟ ସରକାର ହୁଅନ୍ତୁ (ସମସ୍ତେ) ଅସହାୟ ଲୋକମାନଙ୍କର ସାହାଯ୍ୟ କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ କହିଲେ ଏହି ସମସ୍ୟା ଗୁଡିକର ଅସଲ ସମାଧାନ ହେଉଛି ଏହା କି ସେହି ସବୁ ଦେଶଗୁଡିକରେ ଯୁଦ୍ଧକୁ ଶେଷ କରିଦିଆଯାଉ । ଯେତେବେଳେ ସେହି ଦେଶଗୁଡିକରେ ଶାନ୍ତି ସ୍ଥାପନ ହୋଇଯିବ ସେତେବେଳେ ଏହି ମୁହାଜିର୍‌ମାନେ ନିଜ ଦେଶଗୁଡିକୁ ଫେରିଯାଆନ୍ତୁ ଓ ସେଠାରେ ସେମାନଙ୍କୁ ରହିବା ପାଇଁ ଓ ସେମାନଙ୍କୁ ବିସ୍ଥାପିତ କରିବା ପାଇଁ ସାହାଯ୍ୟ କରାଯାଉ ।

୧୧:୩୦ରେ ଏହି ଇଂଟର୍‌ଭ୍ୟୁ ଶେଷ ହେଲା । ପରିଶେଷରେ ଇଂଟର୍‌ଭ୍ୟୁ ନେଉଥିବା ଟିମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ଇଂଟର୍‌ଭ୍ୟୁ ରେଡିଓ RTV Nunspeet ରୁ ସିଧା ପ୍ରସାରଣ ହେଉଥିଲା । ସେଠାରେ KPN ମାଧ୍ୟମରେ ସମଗ୍ର ହଲାଣ୍ଡ୍ ଓ Web Stream ମାଧ୍ୟମରେ ସମଗ୍ର ଦୁନିଆରେ ସିଧା ପ୍ରସାରଣ ହେଉଥିଲା । ବ୍ରିଟେନ୍ ଏବଂ ପାକିସ୍ତାନ୍‌ରୁ କିଛି ଲୋକଙ୍କ ବାର୍ତା ମିଳିଲା କି ସେମାନେ ଏହି ଇଂଟର୍‌ଭ୍ୟୁକୁ ଲାଇଭ୍ ଶୁଣିଛନ୍ତି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ କାର୍ଯ୍ୟାଳୟରେ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ମୋକରମ୍ ଆବିଦ୍ ଓ୍ୱହିଦ୍ ଖାନ୍ ସାହେବ୍ ଇନ୍‌ଚାର୍ଯ୍ୟ ପ୍ରେସ୍ ଏଣ୍ଡ୍ ମିଡିଆ ସେଲ୍ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଦଫ୍‌ତରି ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଦିନ ୧:୧୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

ଦିନ ୨ଟା ସମୟରେ ହଜୁର୍ ଅନୁଓ୍ୱର୍ ବଇତୁଲ୍ ନୁର୍‌ଠାରେ ପଦାର୍ପଣ କରି ନମାଜ ଜୋହର୍ ଏବଂ ଅସର ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୫:୨୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଆସିଲେ ।

## ରିଜିଓନାଲ୍ ଟି.ଭି ଷ୍ଟେସନ୍ TV GELDERLAAND ର ହଜୁର୍ ଅନୁଓ୍ୱର୍ ଅ:ବ:ଅ ସହିତ ଇଂଟର୍‌ଭ୍ୟୁ

ରିଜିଓନାଲ୍ ଟି.ଭି ଷ୍ଟେସନ୍ TV GELDERLAAND ର ଜର୍ନାଲିଷ୍ଟ୍ ଓ କ୍ୟାମେରାମ୍ୟାନ୍ ନିଜ ଟିମ୍ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟର୍‌ଭ୍ୟୁ ନେବାପାଇଁ ଆସି ପହଂଚିଥିଲେ ଓ ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନର ଅପେକ୍ଷାରେ ରହିଥିଲେ । ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ଜର୍ନାଲିଷ୍ଟ୍ ଜଣକ ବତାଇଲେ କି ଏହି ପ୍ରଦେଶରେ ଦୁଇ ମିଲିୟନ୍ ଲୋକ ଅଛନ୍ତି ଓ ଆମର ଏହି ଟି.ଭି ଷ୍ଟେସନ୍‌ଟି ଏହି ପ୍ରଦେଶ ନିମନ୍ତେ ବି.ବି.ସି ଭଳି ଗୁରୁତ୍ୱ ରଖିଛି ।

ଜର୍ନାଲିଷ୍ଟ୍ ଜଣକ ପ୍ରଥମ ପ୍ରଶ୍ନ ଏହା କଲେ କି ହଜୁର୍ ଅନୁଓ୍ୱର୍‌ଙ୍କ ଏଠି ନନ୍‌ସ୍ୱିଟ୍‌ରେ ରହଣି କିପରି ରହିଲା ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ଏଠିକାର ରହଣି ବହୁତ ଉତମ । ମୁଁ ପୂର୍ବରୁ ମଧ୍ଯ ଅନେକଥର ଏଠାକୁ ଆସିଛି ଓ ଏଠାରେ ରହିବାକୁ ପସନ୍ଦ କରିଛି । ବହୁତ ସୁନ୍ଦର ସ୍ଥାନ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପ୍ରଶ୍ନ ପଚାରିଲେ କି ନନ୍‌ସ୍ୱିଟ୍ ଜମାତ୍ ଅହେମଦିୟା ପାଇଁ କିପରି ଗୁରୁତ୍ୱ ବହନ କରୁଛି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଜମାତ୍ ଅହେମଦୀୟା ହଲାଣ୍ଡ୍‌ର ଗୋଟିଏ ସେଂଟର୍ ହଗ୍ (Den Hagg) ଠାରେ ଥିଲା । ଜମାତ୍ ନିଜ ଆବଶ୍ୟକ ଅନୁସାରେ ଗୋଟିଏ ବଡ଼ ଯାଗାର ଅନୁସରଣରେ ଥିଲା । ଯେତେବେଳେ ସ୍ଥାନ ଖୋଜାଗଲା । ଏହି ସ୍ଥାନଟି ପସନ୍ଦ ଆସିଲା । (କାରଣ) ଏହା ସହରରୁ ବାହାରେ ଥିଲା, ସସ୍ତା ଥିଲା ଏବଂ ଖୋଲା ଓ ବଡ଼ ସ୍ଥାନ ଥିଲା । ଏବଂ ଏହା ଆମ ଆବଶ୍ୟକ ମୁତାବକ ଥିଲା । ଆମେ ଏହାକୁ କିଣିନେଲୁ । ଏ ଇଲାକାଟି ହେଉଛି ବହୁତ ସୁନ୍ଦର । ମୋ ପୂର୍ବ ଖଲିଫା ମଧ୍ଯ ଏହି ସ୍ଥାନଟିକୁ ବହୁତ ପସନ୍ଦ କରୁଥିଲେ । ଯେବେ ଏହି ଯାଗାଟିକୁ କିଣାଗଲା ସେତେବେଳେ କମ୍ୟୁନିଟି ବଡ଼ ନଥିଲା । ଏବେ ଅଲ୍ଲାଃଙ୍କ କରୁଣାରୁ ସଂଖ୍ୟା ବଢ଼ିଯାଇଛି । ଏଠାରେ ଜମାତ୍‌ର ସମସ୍ତ ଫଙ୍କ୍‌ସନ୍ ଓ ପ୍ରୋଗ୍ରାମ୍ ଅନୁଷ୍ଠିତ ହେଉଛି । ଏଠିକାର ସ୍ଥାନୀୟ ଲୋକମାନେ ବହୁତ ସ୍ନେହି । ସେଇଥିପାଇଁ ଏହି ସ୍ଥାନକୁ ଆମେ ପସନ୍ଦ କରୁଅଛୁ ।

ଜର୍ନାଲିଷ୍ଟ୍ ଜଣକ ଆଉ ଗୋଟିଏ ପ୍ରଶ୍ନ କଲେ- ଅର୍ଥାତ୍ ଅହେମଦୀୟା କମ୍ୟୁନିଟି ସର୍ବପ୍ରଥମେ ହଲାଣ୍ଡ୍‌ରେ ମସ୍‌ଜିଦ୍ ନିର୍ମାଣ କରିଛି । ଏହି ମସ୍‌ଜିଦ୍‌ଟିକୁ ନିର୍ମାଣ ହେବାର ବହୁତ ଦିନ ହୋଇଗଲାଣି । ଏହି ଅବଧି ମଧ୍ୟରେ ଇସ୍‌ଲାମ୍ ସମ୍ବନ୍ଧରେ ଲୋକମାନଙ୍କର ଦୃଷ୍ଟିକୋଣ ପରିବର୍ତନ ହୋଇଛି କି ଏ ସମ୍ପର୍କରେ ହଜୁର୍‌ଙ୍କର କଣ ମତ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେବେ ଆମର ପ୍ରଥମ ମସ୍‌ଜିଦ୍ ହେଗ୍‌ଠାରେ ବନା ହୋଇଯାଇଥିଲା ସେ ସମୟରେ ଲୋକମାନଙ୍କର ଧର୍ମ ପ୍ରତି ଆଗ୍ରହ ଥିଲା । ବର୍ତମାନ ତାହା ଆଉନାହିଁ ଓ ଧର୍ମପ୍ରତି ଆଗ୍ରହ କମ୍ ହୋଇଯାଇଛି ଓ ନାସ୍ତିକବାଦ ଆଡକୁ ଅଧିକ ଆଗ୍ରହ ସୃଷ୍ଟି ହୋଇଛି । ଏହାର ଗୋଟିଏ କାରଣ ହେଉଛି କି ଇସ୍‌ଲାମ୍ ସମ୍ବନ୍ଧରେ ଲୋକମାନଙ୍କର ଚିନ୍ତାଧାରା ପରିବର୍ତନ ହୋଇଛି ଓ ଲୋକେ ଇସ୍‌ଲାମ୍‌କୁ ଭଲ ବୋଲି ଭାବୁନାହାଁନ୍ତି ଓ ଦ୍ୱିତୀୟ କାରଣ ହେଉଛି ମୁସଲ୍‌ମାନ୍ ମାନଙ୍କର ନିଜର କାର୍ଯ୍ୟ ଯାହା ଇସ୍‌ଲାମ୍‌କୁ ଖରାପ ରଙ୍ଗରେ ପରିବେଶଣ କରୁଛି । ମୁସଲ୍‌ମାନ୍ ମାନଙ୍କ ତରଫରୁ ଚରମପନ୍ଥୀ ଓ ସନ୍ତ୍ରାସବାଦ କାର୍ଯ୍ୟକଳାପ ହେଉଛି । ତେଣୁ ଲୋକମାନେ ଏହା ଭାବୁଛନ୍ତି କି ବର୍ତମାନ ଏ ଦୁନିଆରେ ଯାହା କିଛି ସମସ୍ୟା ଉପୁଜିଛି ତାହା ସବୁ ଏହି ମୁସଲ୍‌ମାନ୍ ମାନଙ୍କ ଯୋଗୁ ଉପୁଜିଛି । ଯେବେ କି ଏକଥା ଠିକ୍ ନୁହେଁ ।

ଇସ୍‌ଲାମ୍ ହେଉଛି ଶାନ୍ତି ଓ ସୌହାର୍ଦ୍ଦ୍ୟର ଧର୍ମ ଓ ସେ ଶାନ୍ତିର ଶିକ୍ଷା ହିଁ ଦେଇଥାଏ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏହା ସବୁକିଛି ଦେଖି ମୋ ଇମାନ୍ ମଜ୍‌ବୁତ୍ ହେଲା କି ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ ଇସ୍‌ଲାମ୍‌ରେ ଏପରି ଏକ ସମୟ ମଧ୍ଯ ଆସିବ କି ଇସ୍‌ଲାମ୍ କେବଳ ନାମକୁ ମାତ୍ର ବାକି ରହିଯିବ । ଲୋକେ ଇସ୍‌ଲାମ୍‌ର ଶିକ୍ଷାକୁ ଭୁଲିଯିବେ । ସେତେବେଳେ ଜଣେ ରିଫର୍‌ମର୍ ମସିହ୍ ଓ ମେହ୍‌ଦୀ ଆସିବେ ଓ ଇସ୍‌ଲାମ୍‌ର ଅସଲ ବାସ୍ତବିକ ଶିକ୍ଷାକୁ ସଂସାରରେ ପ୍ରସାର ପ୍ରଚାର କରିବେ । ଆମେ ଏହା ବିଶ୍ୱାସ ରଖୁଛୁ କି ସେହି ବ୍ୟକ୍ତି ବିଶେଷ ଆସିସାରିଛନ୍ତି ଓ ତାଙ୍କ ମାଧ୍ୟମରେ ଇସ୍‌ଲାମ୍‌ର ଦ୍ୱିତିୟ ଯୁଗର ଶୁଭାରମ୍ଭ ହୋଇଛି ଓ ସେ ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାକୁ ଲୋକମାନଙ୍କ ନିକଟରେ ପରିଚିତ କଲେ ଓ ସେହି ସବୁ ଭୁଲ୍ ପ୍ରଥାଗୁଡିକ ଯାହା ଧର୍ମରୁ ଦୁରେଇଯିବା ଯୋଗୁ ମୁସଲ୍‌ମାନ୍‌ମାନଙ୍କ ଭିତରେ ସୃଷ୍ଟି ହୋଇଯାଇଥିଲା, ସେଗୁଡିକ ସୁଧାର କଲେ । ଆଜି ମଧ୍ଯ ମୁସଲ୍‌ମାନ୍ ମାନେ ପବିତ୍ର କୁରଆନ୍‌କୁ ଭୁଲ୍ ବ୍ୟାଖ୍ୟା କରୁଛନ୍ତି । (ଯେବେକି) ଆଜିକା ସମୟରେ ଆମେ ସାରା ଦୁନିଆରେ ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷାକୁ ପ୍ରସାର ଓ ପ୍ରଚାର କରୁଅଛୁ । ଆମେ ବିଗତ ୧୨୫ ବର୍ଷରୁ ଏହି କାର୍ଯ୍ୟ କରି ଆସୁଛୁ । ଏବଂ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକେ ଅହେମଦୀୟତ୍‌ରେ ଦାଖିଲ୍ ହେଉଛନ୍ତି । କେବଳ ଏହି ବର୍ଷ ପାଂଚଲକ୍ଷ ଷାଠିଏ ହଜାର୍‌ରୁ ଅଧିକା ଲୋକେ ଅହେମଦୀୟତ୍‌ରେ ଦାଖିଲ୍ ହୋଇଛନ୍ତି । ଆଫ୍ରିକାରୁ ଅଧିକ ସଂଖ୍ୟକ ଲୋକେ ସାମିଲ୍ ହୋଇଛନ୍ତି । ଦୂର ପ୍ରାଚ୍ୟ ଦେଶ, ଏସିୟା, ୟୁରୋପ୍, ଆରବୀୟ ଦେଶ ଏବଂ ଅନ୍ୟାନ୍ୟ ଦେଶଗୁଡିକରୁ ମଧ୍ଯ ଲୋକମାନେ ଅହେମଦୀୟତ୍‌ରେ ସାମିଲ୍ ହୋଇଛନ୍ତି ଓ ପ୍ରତ୍ୟେକ ବର୍ଷ ସାମିଲ୍ ହେଉଛନ୍ତି ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ କି କଣ ଆପଣଙ୍କ କମ୍ୟୁନିଟି Fast Growing Community ଅଟେ କି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ଆମେ ଏକ Organized Fast Growing Community । ଗୋଟିଏ ଲିଡର୍‌ସିପ୍, ଗୋଟିଏ ବ୍ୟାନର୍, ଗୋଟିଏ ସ୍ଲୋଗାନ୍ ଅନ୍ତର୍ଗତ ଜମାତ୍ ଅହେମଦୀୟା ହେଉଛି ଏକମାତ୍ର କମ୍ୟୁନିଟି ଯାହା ସମ୍ବନ୍ଧରେ ଏହା କୁହାଯାଇପାରିବ କି ବର୍ତମାନ ସମୟରେ ସବୁଠାରୁ ଅଧିକା ଏ ଦୁନିଆରେ ବଢୁଥିବା କମ୍ୟୁନିଟି ଅଟେ ।

ଆଉ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ମୁସ୍‌ଲିମ୍ ଦେଶଗୁଡିକରେ ଖୋଲାଖୋଲି ରୂପେ ସ୍ୱାଧୀନତାର ସହିତ ନିଜକୁ ପ୍ରକାଶ କରିପାରୁନାହୁଁ । ଆରବ ଲୋକେ ଆମକୁ ପସନ୍ଦ କରୁନାହାଁନ୍ତି । (କାରଣ) ଆମେ ସେମାନଙ୍କର ଜିହାଦ୍‌ର ବ୍ୟାଖ୍ୟାକୁ ବିରୋଧ କରିଥାଉ । ସେମାନଙ୍କ ଜିହାଦ୍‌ର ଯେଉଁ ସ୍ୱରୂପ ରହିଛି ଆମେ ତାର ବିରୋଧୀ । ଅସଲ ଜିହାଦ୍ ଯାହା ହେଉଛି ସବୁଠାରୁ ଉତମ ଜିହାଦ୍ ତାହା ହେଉଛି ନିଜେ ନିଜକୁ ସଂସ୍କାର କରିବା ଓ ନିଜର ମନକୁ ଇସ୍‌ଲାହ୍ କରିବା ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା, ଶାନ୍ତି ଓ ସୌହାର୍ଦ୍ଦ୍ୟର ଶିକ୍ଷାକୁ ପ୍ରତ୍ୟେକ ବ୍ୟକ୍ତି ପର୍ଯ୍ୟନ୍ତ ପହଂଚାଇବା ଅର୍ଥାତ୍ ଇସ୍‌ଲାମ୍‌ର ବାର୍ତାକୁ ପହଂଚାଇବା ।

ହଁ କେବଳ ସେ ସମୟରେ ତରବାରି ଦ୍ୱାରା ଜିହାଦ୍ କରିବାର ଅନୁମତି ଅଲ୍ଲାଃତାଲା ଦେଇଛନ୍ତି ଯେତେବେଳେ ତୁମ ଶତ୍ରୁ ତୁମ ଉପରେ ଆକ୍ରମଣ କରୁଥିବ ଓ ତୁମକୁ ତୁମର ଧର୍ମକୁ ପରିତ୍ୟାଗ କରିବା ପାଇଁ ବାଧ୍ୟ କରୁଥିବ ଓ ନିଜ ପ୍ରତିରକ୍ଷା ନିମନ୍ତେ ବିବଶ କରୁଥିବ, ସେତେବେଳେ ତରବାରି ଯୁଦ୍ଧର ଅନୁମତି ଅଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ

କହିଲେ କି ବର୍ତମାନ ଦୁନିଆରେ କୌଣସି ହୁକୁମତ୍ କୌଣସି ମୁସଲ୍‌ମାନ୍ ଦେଶ ବିରୋଧରେ ଏପରି ଯୁଦ୍ଧ ଲଢୁନାହିଁ କି ଯଦ୍ଦ୍ୱାରା ଇସ୍‌ଲାମ୍‌ର ବାର୍ତାକୁ ପ୍ରସାର କରାଯାଇ ପାରିବ ନାହିଁ । କୌଣସି ଯୁଦ୍ଧ ବର୍ତମାନ ଧର୍ମ ବିରୋଧରେ ହେଉନାହିଁ । ବର୍ତମାନ ଇସ୍‌ଲାମ୍ ବିରୋଧରେ ସମଗ୍ର ଦୁନିଆରେ କୌଣସି ଅସ୍ତ୍ର ବ୍ୟବହାର କରାଯାଉନାହିଁ ।

ଆଜିକାଲି ଯୁଦ୍ଧ ଅସ୍ତ୍ର ପରିବର୍ତେ ଇସ୍‌ଲାମ୍ ବିରୋଧରେ ଲିଟ୍‌ରେଚର୍ ଜରିଆରେ ପ୍ରପଗଣ୍ଡା ହେଉଛି । ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆ ମାଧମରେ ଇସ୍‌ଲାମ୍ ଉପରେ ଆକ୍ରମଣ କରାଯାଉଛି । ତେଣୁ ଏହାର ଉତର ମଧ ଲିଟ୍‌ରେଚର୍ ଓ ମିଡ଼ିଆ ମାଧମରେ ଦେବା ଉଚିତ୍ ଓ ଆମକୁ ଏହି ଶିକ୍ଷା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଦେଇଛନ୍ତି ଓ ସେ ବତାଇଛନ୍ତି କି ଏ ଯୁଗରେ କଲମର ଜିହାଦ୍ କରିବା ଉଚିତ୍ ।

ପୁଣି ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ ପଚାରିଲେ କି ମୁସଲ୍‌ମାନ୍ ଯୁବକମାନେ ଏହି ପ୍ରଦେଶରୁ ଓ ୟୁରୋପ୍‌ର ଅନ୍ୟ ଦେଶମାନଙ୍କରୁ ମଧ ISIS ରେ ସାମିଲ୍ ହେବାପାଇଁ ସିରିଆ ଇତ୍ୟାଦି ଦେଶଗୁଡ଼ିକୁ ଯାଉଛନ୍ତି । ତେଣୁ ଆପଣଙ୍କର ଏ ସମ୍ୱନ୍ଧରେ କଣ ମତ ଅଛି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବର୍ତମାନ ଯେଉଁଭଳି ମୁସଲ୍‌ମାନ୍ ମାନେ ଜଣେ ଅନ୍ୟଜଣକୁ ମାରି ଚାଲିଛନ୍ତି ଓ ଅନ୍ୟମାନଙ୍କ ହତ୍ୟା କରିଚାଲିଛନ୍ତି ସେହିପରି ବିଗତ ଶତାବ୍ଦିଗୁଡ଼ିକରେ ମଧ ଖ୍ରୀଷ୍ଟିଆନ୍‌ମାନେ ଆପୋଷରେ ଜଣେ ଅନ୍ୟଜଣଙ୍କ ଫିର୍‌କାର ଲୋକମାନଙ୍କୁ ହତ୍ୟା କରୁଥିଲା ଓ ସେମାନଙ୍କ ମଧରେ ଆପୋଷ ଯୁଦ୍ଧ ହେଉଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଏକଥା ବୁଝିପାରୁନାହିଁ କି ଆଜିକାଲି ଏମାନେ ଏହି ଜଣେ ଅନ୍ୟଜଣକୁ ମାରିବା ବାଲା, ହତ୍ୟା ଓ ବିଭ୍ରାଟ କରିବାବାଲା ମୁସଲ୍‌ମାନ୍‌ମାନେ କିପରି ନିଜର ଏହି ଅତ୍ୟାଚାର ମୂଳକ କାର୍ଯ୍ୟକଳାପକୁ ଉଚିତ୍ ଓ ଇସ୍‌ଲାମୀୟ ଶିକ୍ଷା ମୁତାବକ ମନେକରୁଛନ୍ତି । ଏମାନଙ୍କର ଏପରି କାର୍ଯ୍ୟକଳାପ ସହିତ ଇସ୍‌ଲାମ୍‌ର କୌଣସି ସମ୍ପର୍କ ନାହିଁ ।

ଆଁ ହଜ୍‌ରତ୍ ସ:ଆ:ସ ତ ଏହା କହିଥିଲେ କି ଯିଏ କଲ୍‌ମା ତୈଅବା ଅର୍ଥାତ୍ *ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାହି* ପଢୁଛି ସେ ହେଉଛି ମୁସଲ୍‌ମାନ୍ । ତେଣୁ ତୁମେ ତା ବିରୋଧରେ ତରବାରି ଉଠାଓ ନାହିଁ । ସୁତରାଂ ଏହି ଯେଉଁ ମୁସଲ୍‌ମାନ୍ ମାନେ ଆପୋଷରେ ଜଣେ ଅନ୍ୟଜଣକୁ ବିରୋଧ କରି ଏହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷାର ବିପରୀତ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କୌଣସି ଅହେମଦୀ ଯିଏ ସଚ୍ଚା ଓ ପ୍ରକୃତ ଅହେମଦୀ ଥିବ ସେ ଏପରି ଜିହାଦ୍ ବିଷୟରେ ମଧ ଭାବିପାରିବ ନାହିଁ । ଜଣେ ଅହେମଦୀ ନିକଟରେ ଅସଲ ଜିହାଦ୍ ହେଉଛି ଏହା କି ନିଜେ ନିଜକୁ ସଂସ୍କାର କରୁ ଓ ନିଜର ଇସ୍‌ଲାହ୍ କରୁ ଓ ଇସ୍‌ଲାମ୍‌ର ପ୍ରକୃତ ବାର୍ତା, ଇସ୍‌ଲାମ୍‌ର ଅସଲ ଶିକ୍ଷାକୁ ସମଗ୍ର ଦୁନିଆରେ ପହଂଚାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ଯେଉଁ ଲୋକମାନେ ୟୁରୋପୀୟ ଦେଶଗୁଡ଼ିକରୁ ଯାଇ ISIS ସହିତ ମିଶୁଛନ୍ତି ସେମାନେ ପରିସ୍ଥିତିରୁ ହତାସ ହୋଇଥିବା ଲୋକେ । ଇକୋନୋମିକ୍ କ୍ରାଇସିସ୍ ୨୦୦୮ ମସିହାରେ ଆସିଥିଲା । ସେଥିଯୋଗୁ କୋଟିକୋଟି ଲୋକ ବେରୋଜଗାର ହେଲେ । ଏହି ଇକୋନୋମିକ୍ କ୍ରାଇସିସ୍ ପରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ବଢ଼ିଲା ଓ ଏହାର ଲାଭ ସନ୍ତ୍ରାସବାଦ ଗୋଷ୍ଠୀ ଗୁଡ଼ିକ ଉଠାଇଲେ ଓ ବେକାରି ଯୁବକ ମାନଙ୍କର ବ୍ରେନ୍ ଓ୍ୱାସ୍ କଲେ । ଯେଉଁ ଯୁବକମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିଲେ ସେମାନଙ୍କୁ ଟଙ୍କାର ଲୋଭ ଦିଆଗଲା, ସେମାନଙ୍କୁ କୁହାଗଲା କି ତୁମ ସରକାର ତୁମ ସହିତ ଅତ୍ୟାଚାର କରୁଛନ୍ତି । ଏହିପରି କଥା କହି ଲୋକମାନଙ୍କୁ ସରକାର ବିରୋଧରେ ଉସୁକା ଗଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ୟୁ.କେ ର ପରିସ୍ଥିତିକୁ ମୁଁ ଜାଣିଛି । ସେଠାରେ ଯେଉଁ ମୁହାଜିର୍ ଅଛନ୍ତି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକା ଲାଭ ଉଠାଉଛନ୍ତି । ବ୍ରିଟେନ୍‌ର ସ୍ଥାନୀୟ ବାସିନ୍ଦାଙ୍କ ଅପେକ୍ଷା ସେମାନେ ଅଧିକା ଲାଭ ପାଉଛନ୍ତି । ତେଣୁ ଯଦି କୌଣସି ଯୁଦ୍ଧ କରିବାର ଥାଆନ୍ତା ତେବେ ବ୍ରିଟିସ୍ ମୁସଲ୍‌ମାନ୍‌ମାନଙ୍କ ବିରୁଦ୍ଧରେ କରନ୍ତେ । ଅର୍ଥାତ୍ ଆମେ ତ ବେରୋଜଗାର ଅଛୁ ଓ ତୁମେ ସବୁ ପ୍ରକାରର ଲାଭ ହାସଲ କରୁଛ । କିନ୍ତୁ ଏଠିକାର ପରିସ୍ଥିତି ହେଉଛି ଓଲଟା ଓ କିଛି ଇମିଗ୍ରେଟ୍‌ସ୍ ଯୁବକ ମାନେ ସନ୍ତ୍ରାସବାଦ୍ ଗୋଷ୍ଠୀ ସହିତ ଯାଇ ମିଶୁଛନ୍ତି ।

ଜର୍ନାଲିଷ୍ଟ୍ ଜଣକ ଏ ପ୍ରଶ୍ନ ପଚାରିଲେ କି ଆପଣ ଜଣେ ମୁସଲ୍‌ମାନ୍ ହୋଇଥିବାରୁ କଣ ସନ୍ତ୍ରାସବାଦୀ କାର୍ଯ୍ୟକଳାପର ପ୍ରଭାବ ଆପଣଙ୍କୁ ହେଉଛି । କାରଣ ସନ୍ତ୍ରାସବାଦର ଆରୋପ ମୁସଲ୍‌ମାନଙ୍କ ଉପରେ ଲଗାଯାଉଛି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମକୁ ତ ଡବଲ୍ ବିପଦ ରହିଛି । ପ୍ରଥମତଃ ମୁସଲ୍‌ମାନ୍‌ମାନେ ହେଉଛନ୍ତି ଆମ ବିରୋଧୀ ଓ ଦ୍ୱିତୀୟତଃ ଯେଉଁମାନେ ଇସ୍‌ଲାମ୍‌ର ବିରୋଧି ସେମାନେ ମଧ ଆମ ବିରୁଦ୍ଧରେ ଅଛନ୍ତି । ଇସ୍‌ଲାମ୍‌କୁ ବିରୋଧ କରୁଥିବା ଲୋକମାନେ ଜ୍ଞାନ ନ ଥିବା ଯୋଗୁଁ ଆମକୁ ଅନ୍ୟ ମୁସଲ୍‌ମାନ୍‌ଙ୍କ ସହିତ ଯୋଡ଼ି ଦେଉଛନ୍ତି । ସେମାନଙ୍କୁ ଫରକ କରିବାର କୌଣସି ଅନୁଭବ ନାହିଁ ।

ଜର୍ନାଲିଷ୍ଟ୍‌ଙ୍କ ଏ ପ୍ରଶ୍ନର ଉତରରେ କି ଆପଣଙ୍କ ପାଇଁ ଏହିପରି ପରିସ୍ଥିତିରେ ଇସ୍‌ଲାମ୍‌କୁ ପ୍ରତିରକ୍ଷା କରିବା ଏକ କଠିନ କାର୍ଯ୍ୟ ଲାଗୁଛି କି ? ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ଚେଷ୍ଟା କରୁଛୁ ଓ ବିଭିନ୍ନ ଶୈଳୀରେ ଓ ବିଭିନ୍ନ ପ୍ରୋଗ୍ରାମ୍ ମାଧମରେ ନିଜ ବାର୍ତାକୁ ପହଂଚାଇ ଚାଲିଛୁ । ଯେବେ ଆମେ ଏହା କହୁଛୁ କି ଆମ ଲିଟେରଚର୍ ଗୁଡ଼ିକୁ ପଢ଼, ଆମ ବ୍ରୋସର୍ ଗୁଡ଼ିକୁ ପଢ଼ ସେତେବେଳେ ଲୋକେ ଆମ କଥାକୁ ଶୁଣୁଛନ୍ତି ଓ ପଢୁଛନ୍ତି । ଧୀରେଧୀରେ ଲୋକମାନଙ୍କ ମଧରେ ଏହାର ପ୍ରଭାବ ପଡୁଛି ଓ ଲୋକେ ଏହା ଅନୁଭବ କରୁଛନ୍ତି କି ଆମେ ଅନ୍ୟ ମୁସଲମାନ୍‌ଙ୍କ ଠାରୁ ଭିନ୍ନ ଓ ଆମେ ଶାନ୍ତିର ବାର୍ତାକୁ ପହଂଚାଉଛୁ । ଯଦିଚ ଏ କାର୍ଯ୍ୟ କଠିନ କାର୍ଯ୍ୟ ଅଟେ କିନ୍ତୁ ଦିନେ ଇନ୍‌ଶାଅଲ୍ଲାଃ ଆମେ ସେମାନଙ୍କ ହୃଦୟକୁ ଜିଣିନେବୁ ।

ଜର୍ନାଲିଷ୍ଟ୍ ଜଣକ ଏ ପ୍ରଶ୍ନ ପଚାରିଲେ କି ସନ୍ତ୍ରାସବାଦ୍ ବିପଦର ରେସ୍‌ପନ୍‌ସ୍ ସରକାରଙ୍କୁ କିପରି କରିବା ଉଚିତ୍ ହେବ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମନିଟର୍ କରିବା, ନିରୀକ୍ଷଣ କରିବା ଜରୁରୀ ଅଟେ । ଯେଉଁ ଲୋକମାନେ ଚରମପନ୍ଥୀ କାର୍ଯ୍ୟକଳାପ ଆଡକୁ ଢ଼ଳୁଛନ୍ତି ସେମାନଙ୍କ ଫ୍ୟାମିଲି ସେମାନଙ୍କ ଉପରେ ଦୃଷ୍ଟି ନିକ୍ଷେପ କରିବେ । ଏହା ଦେଖିବା ଉଚିତ୍ କି ସେମାନଙ୍କ ଆଚାର ବ୍ୟବହାର କିପରି ଅଛି । କଣ ସେମାନଙ୍କର ସମ୍ପର୍କ ସେମାନଙ୍କ ଫ୍ୟାମିଲିଙ୍କ ସହିତ ଭଲ ଅଛି ।

ପୁଣି କହିଲେ ଏବେ ଏହା ମଧ ଦୃଷ୍ଟିଗୋଚର ହେଉଛି କି ଏହା ସବୁ ସନ୍ତ୍ରାସବାଦ ଗ୍ରୁପ୍ ଏହି ୟୁରୋପୀୟ ଲୋକମାନଙ୍କୁ, ଯେଉଁମାନେ ସେମାନଙ୍କୁ ସହିତ ମିଶିବାକୁ ଚାହୁଁଛନ୍ତି, ତାଙ୍କୁ ଏହା କହୁଛନ୍ତି କି ତୁମେ ନିଜ ଦେଶରେ ହିଁ ରୁହ, ଆମେ ଆପଣମାନଙ୍କୁ ଗାଇଡ୍ କରିବୁ କି କଣ କରିବାକୁ ପଡ଼ିବ । ବୋମା କିପର ବନାଯିବ ଆକ୍ରମଣ କିପରି କରିବ, ସାଇବର୍ ଆଟାକ୍ କିପରି କରିବାକୁ ପଡ଼ିବ । ଏବେ କମ୍ପ୍ୟୁଟର୍ ମାଧମରେ ନୁଆ ନୁଆ ଟେକ୍‌ନୋଲୋଜି ବ୍ୟବହାର କରାଯାଉଛି । ସାଇବର୍ ଆଟାକ୍ ମାଧମରେ ଆର୍ଥିକ ଅବସ୍ଥା ଧ୍ୱଂସ ହୋଇଯିବାର ବିପଦ ଅଛି ।

ସିରିଆ ଦେଶରେ ବର୍ତମାନ ଯେଉଁ ପରିସ୍ଥିତି ଉପୁଜିଛି ସେ ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନର ଉତର ଦେଇ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଏବେ ରୁଷିଆ ସିରିଆ ସରକାରଙ୍କୁ ସାହାଯ୍ୟ କରୁଛି ଓ ଆକାଶ ମାର୍ଗରେ ଆକ୍ରମଣ ମଧ କରୁଛି । ରୁଷିୟମାନେ ଏହା କହୁଛନ୍ତି କି ସେହି ସରକାର ବିରୋଧି ଗୋଷ୍ଠୀ ବିଦ୍ରୋହୀ, ISIS ଏବଂ ଦାଇଶ୍ ଉପରେ ଆକ୍ରମଣ କରୁଛନ୍ତି । ବର୍ତମାନ ଏ କଥାର ସମ୍ଭାବନା ମଧ ରହିଛି କି ସ୍ଥଳ ସେନା ମଧ ପଠାଯିବ । ଅନ୍ୟପଟେ ଆମେରିକା ନିଜର ଆଗ୍ରହକୁ ଏହି ରିଜିଅନ୍‌ରେ ଛାଡ଼ିବାକୁ ଚାହୁଁନାହିଁ । ଆମେରିକାର ଲାଭ ଏହି ରିଜିଅନ୍ ସହିତ ସଂଲଗ୍ନ । ଏବେ ଫ୍ରାନ୍‌ସ୍‌ରେ ଗୋଟିଏ ମିଟିଂ ହୋଇଛି । ୟୁରୋପୀୟ ଦେଶଗୁଡ଼ିକର ପ୍ରତିନିଧିମାନେ ସେଠାରେ ଥିଲେ ଓ ଏକଥା ସେଠାରେ ନିର୍ଦ୍ଧାରିତ ହେଲା କି ଏବେ ସିରିଆର ରାଷ୍ଟ୍ରପତିଙ୍କୁ ସାହାଯ୍ୟ କରାଯାଉ ସେଠିକାର ଅବସ୍ଥାକୁ ପରିବର୍ତନ କରିବା । ତେଣୁ ଏବେ ଏହି ଦେଶଗୁଡ଼ିକର ପଲିସି ସିରିଆ ସମ୍ୱନ୍ଧରେ ପରିବର୍ତନ ହୋଇଛି ।

ଏବେ ତୃତୀୟ ବିଶ୍ୱଯୁଦ୍ଧର ବିପଦ ବଢ଼ି ଚାଲିଛି । ଏବେ କେବଳ ISIS ଏବଂ ଦାଇଶ୍‌ର ବିଷୟ ନୁହେଁ ବରଂ ସମଗ୍ର ଦୁନିଆରେ ଯୁଦ୍ଧର ବିପଦ ରହିଛି । ବଡ ବଡ ଶକ୍ତି ଗୁଡ଼ିକର ବିଭିନ୍ନ ବ୍ଲକ୍‌ସ୍ ତିଆରି ହେଉଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ମୁଁ ଅନେକ ବର୍ଷରୁ ସତର୍କ କରାଉଅଛି କି ଏକଥା ଭାବନାହିଁ କି ଶିତଳ ଯୁଦ୍ଧ ପରେ ସବୁକିଛି ଠିକ୍ ହୋଇଯାଇଛି ବୋଲି । କିନ୍ତୁ ଠିକ୍ ହୋଇନାହିଁ । ଏବେ ଯେଉଁଆଡକୁ ଗତି ଚାଲିଛି କୌଣସି ଏକ ସମୟରେ ମଧ ବିଶ୍ୱଯୁଦ୍ଧର ବହ୍ନି ଜଳିପାରେ ।

ଜର୍ନାଲିଷ୍ଟ୍ ଜଣକ ପୁଣି ଏ ପ୍ରଶ୍ନ ପଚାରିଲେ କି ସିରିଆ ଦେଶରୁ ଏଠାକୁ ଯେଉଁ ରିଫ୍ୟୁଜି ଆସୁଛନ୍ତି ଖ୍ରୀଷ୍ଟିୟାନ୍ କମ୍ୟୁନିଟି ସେମାନଙ୍କୁ ସାହାଯ୍ୟ କରୁଛନ୍ତି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଖ୍ରୀଷ୍ଟିୟାନ୍‌ମାନେ ସହାନୁଭୁତି ଦେଖାଉଛନ୍ତି ଏହା ବହୁତ ଭଲ କଥା । ଯଦି ପ୍ରକୃତ ରିଫ୍ୟୁଜି ଅଛନ୍ତି ତେବେ ସେମାନଙ୍କର ସାହାଯ୍ୟ ନିଶ୍ଚିତ ରୂପେ ହେବା ଉଚିତ୍ । କିନ୍ତୁ ତତ୍‌ସହିତ ସନ୍ତ୍ରାସବାଦ୍‌ର ବିପଦ ମଧ ରହିଛି । ISIS ର ଜଣେ ପ୍ରତିନିଧି ଏହା କହିଛନ୍ତି କି ୫୦ଜଣ ଲୋକଙ୍କ ମଧରେ ଆମର ଜଣେ ISIS ସଦସ୍ୟ ଅଛନ୍ତି । ତେବେ ଏପରି ଆପଣମାନେ କେତେ ISIS ସଦସ୍ୟକୁ ହାସଲ କରିପାରିବେ । ଏହା ଆପଣମାନଙ୍କ ପାଇଁ ସତର୍କ ଘଂଟି । ଏଥିରେ ଜର୍ନାଲିଷ୍ଟ୍ ଜଣକ କହିଲେ ଏହାର ଅର୍ଥ ହେଉଛି ଅନେକ ଲୋକ ଏହିପରି ଏଠାକୁ ଆସିଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ରିଫ୍ୟୁଜିମାନଙ୍କୁ ଗୋଟିଏ ସ୍ଥାନରେ ରଖନ୍ତୁ । ଫଳତଃ ନିରୀକ୍ଷଣ ହୋଇପାରିବ । ସେମାନଙ୍କ ଆବଶ୍ୟକତା ଓ ଖାଦ୍ୟପେୟ ପ୍ରତି ଧ୍ୟାନ ରଖନ୍ତୁ କିନ୍ତୁ ସେମାନଙ୍କ ଉପରେ ଦୃଷ୍ଟି ରହିବା ଉଚିତ୍ ।

ଦ୍ୱିତୀୟତଃ ଏହା ମଧ ଜରୁରୀ ଅଟେ କି ସିରିଆର ଅବସ୍ଥାକୁ ଠିକ୍ କରନ୍ତୁ । ଯଦ୍ଦ୍ୱାରା ଏହି ଲୋକମାନେ ନିଜ ଦେଶକୁ ଫେରିଯିବେ । ପୁଣି ସେଠାରେ ଯାଇ ସେମାନଙ୍କୁ ସାହାଯ୍ୟ କରନ୍ତୁ । ସେମାନଙ୍କୁ ଏଷ୍ଟାବ୍ଲିସ୍‌ଡ୍ ଓ ନିଜ ପାଦରେ ଛିଡ଼ା ହେବାପାଇଁ ସାହାଯ୍ୟ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏବେ ଦେଖନ୍ତୁ ଜାପାନ୍ କହିସାରିଛି କି ସେ ଉକ୍ତ ସିରିଆର ଲୋକମାନେ ଯେଉଁଠାରେ ମଧ ରୁହନ୍ତୁ, ସେମାନେ ତାଙ୍କୁ ସାହାଯ୍ୟ କରିବେ । କିନ୍ତୁ ସେମାନଙ୍କୁ ଜାପାନ୍ ଆସିବାକୁ ଦେବେନାହିଁ । ଜାପାନ୍ ସେମାନଙ୍କ ସାହାଯ୍ୟ ନିମନ୍ତେ ଜାପାନିଜ୍ ଡଲାର ଦେଉଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସାଉଦି ଆରବ, ଗଲ୍‌ଫ୍‌ର ଦେଶଗୁଡ଼ିକ ଓ ଏହି ରିଜିଅନ୍‌ରେ ଥିବା ମୁସଲ୍‌ମାନ୍ ଦେଶଗୁଡ଼ିକ, ଯେଉଁମାନେ ସିରିଆର ପଡୋଶୀ ଓ ଧନୀ ରାଷ୍ଟ୍ର ଅଟନ୍ତି, ସେମାନଙ୍କର କାମ ହେଉଛି କି ସେମାନେ ସିରିଆକୁ ସାହାଯ୍ୟ କରନ୍ତୁ ଓ ସେମାନଙ୍କର ଏ ଦାୟିତ୍ୱ କି ମୁହାଜିର୍ ମାନଙ୍କୁ ଷ୍ଟେବଲ୍ କରିବା ପାଇଁ ସାହାଯ୍ୟ କରନ୍ତୁ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପ୍ରଶ୍ନ ପଚାରିଲେ କି କାଲି ଆପଣ ପାର୍ଲିଆମେଂଟ୍ ଯିବେ । କାଲିପାଇଁ ଆପଣଙ୍କର କଣ ବାର୍ତା ରହିଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯାହା କିଛି ଏପର୍ଯ୍ୟନ୍ତ କହିଆସିଛି ତାହା ହିଁ ହେଉଛି ମୋର ବାର୍ତା । ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷାକୁ ପରିବେଷଣ କରିବା ହେଉଛି ଆମର ବାର୍ତା, ଅର୍ଥାତ୍ ଶାନ୍ତିର ବାର୍ତା । ଏଠାରେ କିଛି ରାଜନୈତିଜ୍ଞ ଅଛନ୍ତି ଯେଉଁମାନେ କହୁଛନ୍ତି କି ଇସ୍‌ଲାମ୍ ହେଉଛି ସନ୍ତ୍ରାସବାଦର ଧର୍ମ । ମୁଁ ଏ ସମ୍ୱନ୍ଧରେ ବତାଇବାକୁ ଚାହୁଁଛି କି ପବିତ୍ର କୋରାନ୍‌ର ଶିକ୍ଷା ହେଉଛି କଣ ଓ ବୋଧହୁଏ ଏହି ପ୍ରସଙ୍ଗରେ କିଛି ଆୟତ ମଧ Quote କରିବି ।

W. Gieret Gilder ପ୍ରସଙ୍ଗରେ ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ସେ ଇସ୍‌ଲାମ୍ ବିରୋଧରେ କହୁଛି । କଣ ତାର ଏହି କଥା ଦ୍ୱାରା ଆପଣମାନେ ଭୟ କରୁଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ କୌଣସି ପ୍ରକାର ଭୟ କରୁନାହୁଁ । ପ୍ରତ୍ୟେକଙ୍କ ଏ ଅଧିକାର ଅଛି କି ସେ କହିପାରିବ । କିନ୍ତୁ ଏ ଅଧିକାର ନାହିଁ କି ଯାହା ମୁଁ କହୁଛି, ଯାହା ମୋର ଇମାନ୍ ଅଛି ଏବଂ ମୋର ବିଶ୍ୱାସ ରହିଛି, ସେ ତାକୁ ମୋ ଠାରୁ ଅଧିକ ବୁଝିପାରୁଥିବ, ଏକଥା ଭୁଲ୍ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆରବୀ ଭାଷା ହେଉଛି ବହୁତ ବ୍ୟାପକ ଓ ପବିତ୍ର କୋରାନ୍‌ରେ ବିଭିନ୍ନ ଆୟତର ଅନେକ ଅର୍ଥ ରହିଛି ଯାହାକୁ କେବଳ ଆରବୀ ଭାଷା ଜାଣିଥିବା ବ୍ୟକ୍ତି ଓ ଆରବୀ ଭାଷା ସହିତ ସମ୍ପର୍କ ରଖିଥିବା ବ୍ୟକ୍ତି ହିଁ ବୁଝିପାରେ । ଅନ୍ୟମାନଙ୍କୁ ଏହାର ଅର୍ଥ ବୁଝାପଡ଼େନାହିଁ । ମୁଁ ଆରବୀ ଭାଷା ସହିତ ପରିଚିତ ଓ ପବିତ୍ର କୁରଆନ୍‌ର ଜ୍ଞାନ ରଖିଛି । କିନ୍ତୁ ଜଣାନାହିଁ Gilder ପବିତ୍ର କୋରାନ୍‌କୁ ପଢ଼ିଛି ବା ନାହିଁ । ସେ ଯାହାହେଉ ଆରବୀ ଭାଷାରେ ତ ପଢ଼ିନଥିବ ।

ଆଉଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସେହି ଲୋକମାନଙ୍କ ମଧରୁ କିଛି ଲୋକେ ଆମର ପ୍ରତିରକ୍ଷା କରୁଛନ୍ତି । ବ୍ରିଟେନ୍‌ରେ ଜଣେ ଜର୍ନାଲିଷ୍ଟ୍ Adwest ଖବରକାଗଜ Evening Standard ରେ ଗୋଟିଏ ଆର୍ଟିକିଲ୍ ଲେଖିଛନ୍ତି ଯାହାର ବିଷୟ ଥିଲା ‘‘ଆମ ଖଲିଫା ଲଣ୍ଡନ୍‌ରେ ରହୁଛନ୍ତି ଓ ଉତମ କାର୍ଯ୍ୟ କରୁଛନ୍ତି’’ । ଆମେ ସେହି ଖଲିଫାକୁ କାହିଁକି ଅନୁସରଣ ନକରିବା । ଜମାତ୍‌ର ଜଲ୍‌ସାରେ ୩୫୦୦୦ ଲୋକେ ଏକାଠି ହେଲେ ଓ କେବଳ ଶାନ୍ତି, ସହିଷ୍ଣୁତା ଓ ଭାଇଚାରାର ଚର୍ଚ୍ଚା କରାଗଲା ଓ ଏତଦ୍‌ଭିନ୍ନ ଆଉକିଛି ନୁହେଁ ।

ସେହି ଖବରକାଗଜଟି ପୁଣି ଲେଖୁଛି ଜମାତ୍‌ର

ମସ୍‌ଜିଦ୍, ସେଂଟରର ଗୋଟିଏ ଅଂଶ ଜଳିଗଲା । ଆମେ ସମସ୍ତ ବ୍ରିଟିଶ୍ ଜାତିକୁ ସେହି ଅଂଶର ପୁନଃ ନିର୍ମାଣ ନିମନ୍ତେ ସାହାଯ୍ୟ କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ କହିଲେ- ଯେଉଁ ଲୋକମାନେ ମୁଖାଲିଫତ୍ କରୁଛନ୍ତି ଆମେ ତାଙ୍କଠାରୁ କାହିଁକି ବ୍ୟତିବ୍ୟସ୍ତ ହେବୁ । ସେହି ବିରୋଧିମାନଙ୍କ ମଧ୍ୟରୁ କିଛି ଲୋକେ ଆମେ ପ୍ରତିରକ୍ଷା ନିମନ୍ତେ ମଧ୍ୟ ଛିଡ଼ା ହେଉଛନ୍ତି ।

ଇଂଟରଭ୍ୟୁର ଶେଷରେ ହଜୁର୍ ଅନୁଓ୍ୱର୍ ଜର୍ନାଲିଷ୍ଟ୍ ଜଣକୁ ବହୁତ ସ୍ନେହର ସହିତ କହିଲେ କି ଏହା ଏକ ଇଂଟରଭ୍ୟୁ ଥିଲା ବୋଲି ମୁଁ ଭାବୁନାହିଁ ବରଂ ଏହା ଏକ ପ୍ରକାରର ମିଟିଂ ଥିଲା । ଏଥିରେ ଜର୍ନାଲିଷ୍ଟ୍ ଜଣକ ହଜୁର୍ ଅନୁଓ୍ୱରଙ୍କୁ କୃତଜ୍ଞତା ଜ୍ଞାପନ କରି କହିଲେ କି ହଜୁର୍ ଅନୁଓ୍ୱରଙ୍କର ଏକଥା ମୋ ପାଇଁ ସମ୍ମାନର ବିଷୟ ଅଟେ ।

ଏହାପରେ ଜର୍ନାଲିଷ୍ଟ୍ ଜଣକ ହଜୁର୍ ଅନୁଓ୍ୱରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଫ୍ୟାମିଲି ସାକ୍ଷାତ୍‌କାର୍

ଏହାପରେ ପ୍ରୋଗ୍ରାମ୍ ମୁତାବକ ୬ଟା ସମୟରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ୩୫ଟି ଫ୍ୟାମିଲିର ୧୬୮ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍‌କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ହଜୁର୍ ଅନୁଓ୍ୱରଙ୍କ ସହିତ ଫଟୋ ଉଠାଇବା ପାଇଁ ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଉକ୍ତ ଫ୍ୟାମିଲି ଗୁଡିକ ନନ୍‌ସ୍ପିଟ୍ ଜମାତ୍ ବ୍ୟତୀତ ଅନ୍ୟ ଜମାତ୍ ଗୁଡିକର ZOTTER MEER, ZWOLLE, DEN HAAG ଓ UTRECUT ରୁ ଆସିଥିଲେ ।

ଆଜି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଏହା ସେହି ଫ୍ୟାମିଲି ଥିଲେ ଯେଉଁମାନେ ବିଗତ ଦୁଇବର୍ଷ ମଧ୍ୟରେ ପାକିସ୍ତାନରୁ ହଲାଣ୍ଡ ଆସି ପହଂଚିଥିଲେ ଓ ସେମାନଙ୍କ ମଧ୍ୟରେ କିଛି ବହୁତ ଦୁଃଖ, କଷ୍ଟ ଉଠାଇ ଆସି ଏଠାରେ ପହଂଚିଥିଲେ । ଆଜି ସେମାନଙ୍କ ଜୀବନରେ ପ୍ରିୟ ଆକାଙ୍କ ସହିତ ସେମାନଙ୍କର ପ୍ରଥମ ସାକ୍ଷାତ୍‌କାର୍ ଥିଲା । ପ୍ରତ୍ୟେକ ବ୍ୟକ୍ତି ଭାବ ବିହୋଳ ହେଉଥିଲା । ଏହି ଫ୍ୟାମିଲି ଗୁଡିକ ସାକ୍ଷାତ୍ କରି ଯେବେ ବାହାରକୁ ଆସୁଥାନ୍ତି ଅଧିକାଂଶଙ୍କ ଆଖି ଅଶ୍ରୁରେ ଭରି ରହିଥିଲା । ଗୋଟିଏ ଫ୍ୟାମିଲି ଏହା କହିଲା କି ଆମେ କେତେ ସୌଭାଗ୍ୟବାନ୍ ଯେ ଆଜି ଆମେ ଜୀବନରେ ପ୍ରଥମଥର ପାଇଁ ନିଜ ପ୍ରିୟ ଆକାଙ୍କ ନିକଟରେ କିଛି ଘଂଟା ବିତାଇବା ପାଇଁ ସୌଭାଗ୍ୟ ପାଇଛୁ । ଆମେ ଆମ ପ୍ରିୟ ଆକାଙ୍କୁ ନିକଟରୁ ଦେଖିବାକୁ ପାଇଲୁ ଓ କଥା ମଧ୍ୟ ହେଲୁ । ଆଉ କିଛି ବନ୍ଧୁ ଏହା କହିଲେ କି ଆମେ ନିଜ ସାକ୍ଷାତ୍‌କାର୍ ବିଷୟରେ କହିବା ପାଇଁ ଆମ ନିକଟରେ କୌଣସି ଶବ୍ଦ ନାହିଁ । ଆଉଜଣେ ବ୍ୟକ୍ତି କହିଲେ କି ଯେଉଁ କ୍ଷଣି ମୁଁ ସାକ୍ଷାତ୍‌କାର୍ କରିବାକୁ ଥିବା କୋଠରୀ ଭିତରେ ପ୍ରବେଶ କଲି ଓ ପ୍ରିୟ ଆକାଙ୍କ ଉପରେ ମୋ ଦୃଷ୍ଟି ପଡ଼ିଲା ସେତେବେଳେ ମୋର ସମ୍ପୂର୍ଣ୍ଣ ଶରୀର ଆଧାତ୍ମିକତାରେ ଭରିଗଲା । ଆଜି ମୁଁ କେତେ ସୌଭାଗ୍ୟଶାଳୀ କି ମୋତେ ହଜୁର୍ ଅନୁଓ୍ୱରଙ୍କୁ ବହୁତ ନିକଟରୁ ଦେଖିବା ପାଇଁ ଓ ପୁଣି କଥା ହେବାପାଇଁ ସୌଭାଗ୍ୟ ମିଳିଲା ।

ସୁତରାଂ ପ୍ରତ୍ୟେକ ନିଜ ପ୍ରିୟ ଆକାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଲେ ଓ ନିଜ ଜୀବନର ଅତ୍ୟନ୍ତ ବାବରକତ୍ କ୍ଷଣଗୁଡିକୁ ନିଜ ପ୍ରିୟ ଆକାଙ୍କ ନିକଟରେ ବିତାଇଲେ ଓ ନିଜ ଆକାଙ୍କ ଆଶିର୍ବାଦ ହାସଲ କଲେ ଓ ତାହା ସବୁକିଛି ପାଇନେଲେ ଯାହା ସେମାନେ ନିଜ ଜୀବନରେ କେବେ ଭାବି ମଧ୍ୟ ନଥିଲେ ।

ଅଲ୍ଲାଃତାଲା ଏହି ସୌଭାଗ୍ୟକୁ ଓ ବରକତ୍ ଗୁଡିକୁ ଆମ ସମସ୍ତଙ୍କ ପାଇଁ ମୋବାରକ୍ କରନ୍ତୁ । ଆମିନ୍ । (ବହୱାଲା ଅଖବାର୍ ବଦର୍ ୨୨ ଅକ୍ଟୋବର ୨୦୧୫)

୬ ଅକ୍ଟୋବର୍ ୨୦୧୫ (ମଙ୍ଗଳବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୬:୪୫ ରେ ବଇତୁଲ୍ ନୁର୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ୍ ମୁତାବକ ୧୧:୧୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍ତରକୁ ଆସିଲେ ।

### ଜାତୀୟ ସମ୍ବାଦପତ୍ର "Reformatorich Dagblad" ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଇଂଟରଭ୍ୟୁ

ଜାତୀୟ ସମ୍ବାଦପତ୍ର "Reformatorich Dagblad" ର ଜର୍ନାଲିଷ୍ଟ୍ Jacob Hoekman ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ନେବାପାଇଁ ଆସିଥିଲେ । ଏହି ଖବରକାଗଜଟିର ପ୍ରକାଶନ ସଂଖ୍ୟା ପଚାଶ ହଜାର ଓ ଇଂଟରନେଟ୍‌ରେ ପଢୁଥିବା ଲୋକମାନଙ୍କର ସଂଖ୍ୟା ଲକ୍ଷ୍ୟାଧିକ । ଏତଦ୍‌ବ୍ୟତୀତ ଏହି ଇଂଟରଭ୍ୟୁ ମାଧ୍ୟମରେ ନ୍ୟାସ୍‌ନାଲ୍ ନ୍ୟୁଜ୍ ଏଜେନ୍‌ସି ମଧ୍ୟ ନିଜ ଖବରଗୁଡିକ ପ୍ରକାଶ କରିବ ।

ଜର୍ନାଲିଷ୍ଟ୍ ଜଣକ ପ୍ରଥମ ପ୍ରଶ୍ନ ଏହା ପଚାରିଲେ କି କଣ ଆପଣଙ୍କର ଏ ଉଦ୍ଦେଶ୍ୟ ରହିଛି କି ଆପଣ ସମଗ୍ର ମୁସଲମାନ୍ ସମାଜର ଲିଡର୍ ହେବେ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆଁ ହଜରତ୍ ସ:ଆ:ସ ଏ ପେଶ୍‌ଗୋଇ (ଭବିଷ୍ୟବାଣୀ) କରିଥିଲେ କି ଇସ୍‌ଲାମ୍ ଉପରେ ଏପରି ଏକ ସମୟ ଆସିବ କି ଇସ୍‌ଲାମ୍‌ର ନାମ କେବଳ ବାକି ରହିଯିବ ଓ ଲୋକେ ଇସ୍‌ଲାମ୍‌ର ଅସଲ ଶିକ୍ଷାଗୁଡିକୁ ଭୁଲିଯିବେ । ଯେତେବେଳେ ଏପରି ଯୁଗ ଆସିବ ସେତେବେଳେ ମୁସଲମାନ୍ ମାନଙ୍କ ହିଦାୟତ ନିମନ୍ତେ ମସିହ୍ ମଉଦ୍ ଓ ଇମାମ୍ ମେହେଦୀଙ୍କୁ ପ୍ରେରଣ କରିବେ ଓ ଯେଉଁ ପ୍ରତିଶୃତ ମସିହ୍ ଆସିବେ ସେ ଇସ୍‌ଲାମ୍‌ର ସଂସ୍କାର କରିବେ । ଏବଂ ଲୋକମାନଙ୍କୁ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷା ବିଷୟରେ ପରିଚିତ କରାଇବେ ଓ ଇସ୍‌ଲାମ୍‌ର ସତ୍ ଶିକ୍ଷାକୁ ପ୍ରଚାର ପ୍ରସାର କରିବେ ଓ ଧର୍ମରୁ ଦୂରେଇ ଯିବା ଯୋଗୁ ଯେଉଁ ସବୁ ଭୁଲ୍ ପ୍ରଥା ଗୁଡିକ ମୁସଲମାନଙ୍କ ଭିତରେ ସୃଷ୍ଟି ହୋଇସାରିଛି ତାହାର ସୁଧାର କରିବେ ।

ଆମର ଏ ବିଶ୍ୱାସ ଅଛି କି ଯେଉଁ ମସିହ୍ ଓ ମେହେଦୀଙ୍କୁ ଆସିବାର ଥିଲା ସେ ଆଁ ହଜରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଆସିସାରିଛନ୍ତି ଓ ଆମ ନିକଟରେ ହଜରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ହିଁ ସେହି ଇମାମ୍ ମେହେଦୀ ଓ ମସିହ୍ ମଉଦ୍ ଅଟନ୍ତି । ଆପଣ ଆ:ସଙ୍କ ଦେହାନ୍ତ ପରେ ଖିଲାଫତ୍‌ର ନେଜାମ୍ ପ୍ରଚଳନ ହୋଇଛି ଓ ମୁଁ ହେଉଛି ଆପଣ ଆ:ସଙ୍କର ପଂଚମ ଖଲିଫା । ଆମର ଉଦ୍ଦେଶ୍ୟ ହେଉଛି ଏହା କି ସାରା ସଂସାରକୁ ଈଶ୍ୱରଙ୍କ ସହିତ ମିଳାଇବା ଓ ଏ ସଂସାରବାସୀ ନିଜର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତାଙ୍କୁ ଚିହ୍ନନ୍ତୁ ଓ ଲୋକମାନଙ୍କୁ ଏହା ଆମେ ବତାଇବୁ କି ମନୁଷ୍ୟର କଣ ଅଧିକାର ରହିଛି । ଫଳତଃ ପ୍ରତ୍ୟେକ ଅନ୍ୟମାନଙ୍କ ଅଧିକାରକୁ ପ୍ରଦାନ କରିବ । ଏହି ଉଦ୍ଦେଶ୍ୟ ନିମନ୍ତେ ଆମେ ମିଶିନାରୀ ଓ୍ୱାର୍କ୍ କରୁଛୁ, ତବ୍‌ଲିଗ୍ କରୁଛୁ, ଇସ୍‌ଲାମର ଅସଲ ବାସ୍ତବିକ ଶିକ୍ଷାକୁ ପହଁଚାଉଛୁ ଓ ସଂସାରବାସୀଙ୍କୁ ଏକତାର ରଜ୍ଜୁରେ ଗୁନ୍ଥୁଛୁ । ଯଦ୍ଦ୍ୱାରା ଏ ସଂସାର ଗୋଟିଏ ହାତରେ ଏକତ୍ରିତ ହୋଇଯାଉ ଓ ଏ ସଂସାରରେ ଏକତା ସୃଷ୍ଟି ହେଉ । ଏହା ହେଉଛି ଆମର ଉଦ୍ଦେଶ୍ୟ ।

ଜର୍ନାଲିଷ୍ଟ୍ ଜଣକ ପୁଣି ପଚାରିଲେ କି ଅନ୍ୟ ମୁସଲମାନ୍‌ମାନେ ଆପଣଙ୍କର ଓ ଆପଣଙ୍କ ଜମାତ୍‌ର ମୁଖାଲିଫତ୍ କରୁଛନ୍ତି । ଏହାର କଣ କାରଣ ଓ ଏ ବିଷୟରେ ଆପଣଙ୍କର କଣ ପ୍ରତିକ୍ରିୟା ଅଛି ।

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆଁ ହଜରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ଯେଉଁ ମସିହ୍ ଓ ମେହେଦୀଙ୍କୁ ଆସିବାର ଥିଲା ସେ ଆସିସାରିଛନ୍ତି ଓ ଆମ ନିକଟରେ ହଜରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ହିଁ ସେହି ମେହେଦୀ ଓ ମସିହ୍ ଅଟନ୍ତି । ଯେବେକି ଅନ୍ୟ ମୁସଲମାନ୍‌ମାନେ ବର୍ତ୍ତମାନ ତାଙ୍କ ଅପେକ୍ଷାରେ ଅଛନ୍ତି ।

ଆଁ ହଜରତ୍ ସ:ଆ:ସ ପ୍ରତିଶୃତ ମେହେଦୀ ଓ ମସିହ୍‌ଙ୍କ ସମ୍ବନ୍ଧରେ ଏ ଭବିଷ୍ୟବାଣୀ କରିଥିଲେ କି ସେ ନବୀ ହେବେ । ଜିଲ୍ଲି ଏବଂ ବରୋଜି (ପ୍ରତିରୂପ ଓ ଅନୁରୂପ) ନବୀ ହେବେ ଓ ସେ ନୂଆ ଶରୀୟତ୍ ଆଣିବେ ନାହିଁ । ସୁତରାଂ ଆମେ ହଜରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସଙ୍କୁ ଆଁ ହଜରତ୍ ସ:ଆ:ସଙ୍କ ଶରୀୟତ୍ ଅନ୍ତର୍ଗତ ଜିଲ୍ଲି ନବୀ ରୂପେ ସ୍ୱୀକାର କରୁଛୁ । ଯେବେ କି ଅନ୍ୟ ମୁସଲମାନ୍‌ମାନେ ଏକଥା ମାନୁନାହାଁନ୍ତି । ଆମେ ଏହା ମଧ୍ୟ ମାନୁଛୁ କି ଆଁ ହଜରତ୍ ସ:ଆ:ସ ହେଉଛନ୍ତି ଖାତମୁନ୍ ନବୀଇନ୍ ଓ ଆମର ଏ ବିଶ୍ୱାସ ରହିଛି କି ପବିତ୍ର କୁର୍‌ଆନ୍ ହେଉଛି ଶେଷ ଓ ଫାଇନାଲ୍ ଶରୀୟତ୍ । ଆପଣ ସ:ଆ:ସଙ୍କ ପରେ ନୂଆ ଶରୀୟତ୍ ନେଇ କୌଣସି ନବୀ ଆସିପାରିବେ ନାହିଁ । କିନ୍ତୁ ଆପଣ ସ:ଆ:ସଙ୍କ ଅନୁସରଣରେ ଓ ଆପଣ ସ:ଆ:ସଙ୍କ ଦାସତ୍ୱରେ ବିନା କୌଣସି ଶରୀୟତ୍ ନେଇ ନବୀ ଆସିପାରିବେ ।

ପୁଣି ଜର୍ନାଲିଷ୍ଟ୍ ଜଣକ ଏକଥା ପଚାରିଲେ କି ଅନ୍ୟ ମୁସଲମାନ୍‌ମାନେ କଣ ଆପଣଙ୍କୁ ଗ୍ରହଣ କରୁଛନ୍ତି ଓ ଆପଣଙ୍କ ଜମାତ୍‌ରେ କଣ ସାମିଲ୍ ହେଉଛନ୍ତି ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପ୍ରତ୍ୟେକ ବର୍ଷ ଲକ୍ଷ୍ୟ ଲକ୍ଷ୍ୟ ଲୋକେ ଆମ ସହିତ ସାମିଲ୍ ହେଉଛନ୍ତି । ବହୁ ସଂଖ୍ୟାରେ ଆଫ୍ରିକୀୟ ଦେଶଗୁଡିକରୁ ଲୋକମାନେ ସାମିଲ୍ ହେଉଛନ୍ତି । ଏସିଆନ୍, ଆରବ ଦେଶଗୁଡିକରୁ, ୟୁରୋପ୍ ଏବଂ ଆମେରିକୀୟ ଦେଶ ଗୁଡିକରୁ ଆମ ଜମାତ୍‌ରେ ସାମିଲ୍ ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ବହୁତ ବଡ଼ ସଂଖ୍ୟକ ମୁସଲମାନ୍ ଅଛନ୍ତି ।

କାଦିଆନ୍, ପଞ୍ଜାବ୍ ଇଣ୍ଡିଆର ଗୋଟିଏ ଛୋଟ ଗ୍ରାମ ଥିଲା । ହଜରତ୍ ମସିହ୍ ମଉଦ୍ ଆ:ସ ସେଠାରେ ଆବିର୍ଭାବ ହେଲେ । ଆପଣ ଆ:ସ ଏକୁଟିଆ ଥିଲେ । କିନ୍ତୁ ଯେତେବେଳେ ଆପଣଙ୍କର ଦେହାନ୍ତ ହେଲା ସେତେବେଳେ ଅର୍ଦ୍ଧ ମିଲିୟନ୍ ଲୋକେ ଆପଣଙ୍କ ଜମାତ୍‌ରେ ସାମିଲ୍ ହୋଇସାରିଥିଲେ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ୍ ଥିଲେ । ଜମାତ୍ ସ୍ଥାପନ ହେବାର ୧୨୫ ବର୍ଷ ହୋଇସାରିଲାଣି ଓ ବର୍ତ୍ତମାନ ଆମର ସଂଖ୍ୟା ହେଉଛି ମିଲିୟନ୍ ମିଲିୟନ୍ । ଅଧ ମିଲିୟନ୍ ପ୍ରତ୍ୟେକ ବର୍ଷ ସାମିଲ ହେଉଛନ୍ତି ଓ ଯେଉଁମାନେ ଏଥିରେ ସାମିଲ୍ ହେଉଛନ୍ତି ସେମାନେ ମୁସଲମାନଙ୍କ ମଧ୍ୟରୁ ହେଉଛନ୍ତି ଓ ଏହି ସଂଖ୍ୟା ପ୍ରତିବର୍ଷ ବଢ଼ିଚାଲିଛି ।

ଏ ପ୍ରଶ୍ନର ଉତ୍ତରରେ ଅର୍ଥାତ୍ ମୁସଲମାନେ ହେଉଛନ୍ତି ଆପଣଙ୍କ ବିରୋଧି । ସେମାନଙ୍କ ସହିତ ଆପଣ କିଭଳି ସମ୍ପର୍କ ରଖୁଛନ୍ତି ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ କାହା ବିରୁଦ୍ଧରେ ଘୃଣାଭାବ ରଖୁନାହୁଁ । ଏହି ସାଧାରଣ ମୁସଲମାନ୍‌ମାନେ ନିଜର ମୂର୍ଖତା ଯୋଗୁ ଓ୍ୱଲେମାଙ୍କ ଅନୁସରଣରେ ପରିଚାଳିତ ହେଉଛନ୍ତି । କିନ୍ତୁ ଯେବେ ସେମାନେ ସତ୍ୟତାକୁ ଦେଖିନେଉଛନ୍ତି ସେତେବେଳେ ପୁଣି ମାନୁଛନ୍ତି । ଆମ ମନ ଭିତରେ କାହା ବିରୁଦ୍ଧରେ ଘୃଣାଭାବ ନାହିଁ । ଆମେ ସମସ୍ତଙ୍କର ଭଲ ଚାହୁଁଛୁ ଓ ଆମେ ପ୍ରେମର ତବ୍‌ଲିଗ୍ କରୁଛୁ ।

ଜର୍ନାଲିଷ୍ଟ୍ ଜଣପ ପଚାରିଲେ କି ମୁଁ ନିଜେ ହେଉଛି ଖ୍ରୀଷ୍ଟିୟାନ୍ । ଖ୍ରୀଷ୍ଟିୟାନିଜିମ୍‌ରେ ପ୍ରେମ ହେଉଛି ଏକ ମୂଳ ସିଦ୍ଧାନ୍ତ । ତେଣୁ ଏ ଦୃଷ୍ଟିକୋଣରୁ ଆପଣମାନେ ନିଜକୁ ଖ୍ରୀଷ୍ଟିଆନିଜିମ୍‌ର ନିକଟତର ବୋଲି ଭାବୁଛନ୍ତି କି ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଖୁଦାତାଲା ପବିତ୍ର କୁରୁଆନ୍‌ରେ କହୁଛନ୍ତି କି ଇସାଇମାନଙ୍କୁ, ୟହୁଦୀମାନଙ୍କୁ ଓ ସମସ୍ତଙ୍କୁ ବତାଇ ଦିଅ ଯେ ଆସ ଆମେ ସମସ୍ତେ ଗୋଟିଏ ଏପରି କଥାରେ ଏକତ୍ରିତ ହୋଇଯିବା ଯାହା ଆମ ସମସ୍ତଙ୍କ ମଧ୍ୟରେ ଏକ ହୋଇଥିବ ଓ ତାହା ହେଉଛି ତୌହିଦ୍ (ଏକେଶ୍ୱରବାଦ, ଏକ ଇଶ୍ୱର ଅଛନ୍ତି)

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମ ସମସ୍ତଙ୍କ ମଧ୍ୟରେ ଅନେକ ଯୌଗିକ କଥା ରହିଛି । ତା ଉପରେ ଏକତ୍ରିତ ହୋଇ ଜଣେ ଅନ୍ୟଜଣକ ପ୍ରତି ଭଲପାଇବା ଓ ପ୍ରେମର ହାତ ବଢ଼ାଇବା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାନବିକତା । ଆମକୁ ମାନବଜାତିର ଭଲପାଇଁ ଓ ଉନ୍ନତି ନିମନ୍ତେ ମିଳିମିଶି କାମ କରିବା ଉଚିତ୍ । ଜଣେ ଅନ୍ୟଜଣକୁ ସମ୍ମାନ ଦେଉ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରୁ । ପବିତ୍ର କୁରୁଆନ୍ କହୁଛି- ''*ଲା ଇକ୍‌ରାହା ଫିଦ୍ଦୀନ୍*'' ଅର୍ଥାତ୍ ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟ ବାଧକତା ନାହିଁ । ଆମେ ସମସ୍ତ ଅମ୍ବିୟା (ନବୀ) ଏବଂ ସମସ୍ତ ଧର୍ମକୁ ମାନୁଛୁ ଓ ସମସ୍ତଙ୍କୁ ସମ୍ମାନ ଦେଉଅଛୁ ଓ ପ୍ରତ୍ୟେକ ସ୍ଥାନରେ ଏ ବାର୍ତ୍ତାକୁ ପହଂଚାଉଛୁ କି ସମସ୍ତଙ୍କ ସହିତ ପ୍ରେମ ଓ ସମ୍ମାନର ସହିତ ବ୍ୟବହାର କରିବା ଉଚିତ୍ । ତାର ଯେକୌଣସି ଧର୍ମ ଓ ବିଶ୍ୱାସ ଥାଉ ନା କାହିଁକି ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ସିରିଆରୁ ମୁସଲମାନ୍ ରିଫ୍ୟୁଜିମାନେ ଏଠାକୁ ଆସୁଛନ୍ତି ଯେଉଁଥିପାଇଁ ଲୋକମାନେ ବହୁତ ବ୍ୟତିବ୍ୟସ୍ତ ହେଉଛନ୍ତି । ଏହି ଲୋକମାନଙ୍କୁ ଇସ୍‌ଲାମ୍ ପ୍ରତି କାହିଁକି ଭୟ ରହିଛି ?

ଏହି ପ୍ରଶ୍ନର ଉତ୍ତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁ ଦେଶରୁ ଏହି ରିଫ୍ୟୁଜିମାନେ ଏଠାକୁ ଆସୁଛନ୍ତି ସେହି ଦେଶରେ ଚରମପନ୍ଥୀ ଓ ସନ୍ତ୍ରାସବାଦ ଗୋଷ୍ଠୀମାନେ ଜଣେ ଅନ୍ୟଜଣକୁ ହତ୍ୟା କରୁଛନ୍ତି । ସେଇଥିପାଇଁ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଏଠିକାର ଲୋକେ ଡରିବାର ସ୍ୱାଭାବିକ କଥା ଓ ମୁସଲ୍‌ମାନ୍ ମାନଙ୍କର ଆଚରଣ ଯୋଗୁ ମଧ୍ୟ । ଏମାନଙ୍କର ଭୟ ତା ସ୍ଥାନରେ ଠିକ୍ ଅଛି କିନ୍ତୁ ସେମାନେ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ କାର୍ଯ୍ୟକଳାପକୁ ଇସ୍‌ଲାମ୍ ସହିତ ନଯୋଡନ୍ତୁ । ଇସ୍‌ଲାମ୍ ସହିତ ଯୋଡିବା ହେଉଛି ଅନ୍ୟାୟ । ଯଦି ପ୍ରକୃତ ଇସ୍‌ଲାମ୍ ସମ୍ବନ୍ଧରେ କିଛି ଜାଣିବାକୁ ଚାହୁଁଛନ୍ତି ତେବେ ଅହେମଦୀଙ୍କ ଠାରୁ ଶିଖନ୍ତୁ ଏବଂ ପବିତ୍ର କୁରୁଆନ୍‌କୁ ପଢ଼ନ୍ତୁ । ପବିତ୍ର କୋରାନ୍‌ର ଡଚ୍ ଭାଷାରେ ଅନୁବାଦ ଏଠି ଅବସ୍ଥିତ ଅଛି । ଯଦି ପବିତ୍ର କୁରୁଆନ୍‌ର ଶିକ୍ଷା ଉପରେ ପରିଚାଳିତ ହେବେ ତେବେ ସେମାନଙ୍କୁ କୌଣସି ଭୟ ରହିବ ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁ ଲୋକମାନେ ଏଠାକୁ ଆସୁଛନ୍ତି ସେମାନେ ଧର୍ମ ବିଷୟରେ ଅଧିକା କିଛି ଜାଣିନାହାଁନ୍ତି । ନିଜ ଦେଶରେ ଯେଉଁ ଜୁଲମ୍ ଓ ଅତ୍ୟାଚାର ହେଉଛି ତାହା ଦ୍ୱାରା ବ୍ୟତିବ୍ୟସ୍ତ ହୋଇ ଏମାନେ ବାହାରକୁ ଚାଲିଯାଉଛନ୍ତି ।

ପୁଣି ଜର୍ନାଲିଷ୍ଟ୍ ଜଣକ ଏକଥା ପଚାରିଲେ କି ରିଫ୍ୟୁଜି କ୍ରାଇସିସ୍ ନିମନ୍ତେ ଆପଣ ଡଚ୍ ସରକାରଙ୍କର କିଭଳି ମାର୍ଗ ଦର୍ଶନ କରାଇପାରିବେ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ଏହା ସଠିକ୍ ଓ ଅସଲ ରିଫ୍ୟୁଜି ତେବେ ପୁଣି ସେମାନଙ୍କୁ ସାହାଯ୍ୟ କରିବା ଉଚିତ୍ । ଯେଉଁ ସବୁ ସରକାର ଓ ଇଂଟର୍ ନ୍ୟାସ୍‌ନାଲ୍ ତନ୍‌ଜିମ୍ ରହିଛି ସେ ସମସ୍ତେ ଏମାନଙ୍କୁ ସାହାଯ୍ୟ କରନ୍ତୁ ଓ ଯେପର୍ଯ୍ୟନ୍ତ ତାଙ୍କ ଦେଶରେ ଶାନ୍ତି ସ୍ଥାପନ ନହୋଇଯାଇଛି ସେପର୍ଯ୍ୟନ୍ତ ଏମାନେ ଏଠାରେ ରହିବା ପାଇଁ ହକ୍ ରଖୁଛନ୍ତି । ଏଠାରେ ସେମାନଙ୍କର ଅସ୍ଥାୟୀ ରହଣି ହେଉ । କିନ୍ତୁ ଯେତେବେଳେ ସେମାନଙ୍କ ଦେଶର ଅବସ୍ଥା ଠିକ୍ ହୋଇଯିବ ସେତେବେଳେ ସେମାନଙ୍କ ଦେଶକୁ ପଠାଇବା ପାଇଁ ତାଙ୍କର ସାହାଯ୍ୟ କରନ୍ତୁ ଏବଂ ପୁଣି ସେମାନେ ତାଙ୍କ ନିଜ ଦେଶରେ ସେମାନଙ୍କୁ ଏଷ୍ଟାବ୍ଲିସ୍ କରିବାରେ ମଧ୍ୟ ସାହାଯ୍ୟ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହା ଦେଖନ୍ତୁ ଓ ଦୃଷ୍ଟି ଦିଅନ୍ତୁ କି ଏଠି କୌଣସି ପ୍ରକାର ଭୁଲ୍ କାର୍ଯ୍ୟ ସେମାନେ ନକରନ୍ତୁ । IS ର ଜଣେ ପ୍ରତିନିଧି ଏହା କହିଥିଲେ କି ପ୍ରତ୍ୟେକ ୫୦ ଲୋକମାନଙ୍କ ମଧ୍ୟରେ ଆମର ଜଣେ ଜଣେ ସଦସ୍ୟ ଯାଉଛନ୍ତି । ଯଦି ଏକଥା ସଠିକ୍ ତେବେ ସରକାରଙ୍କୁ ବହୁତ ସତର୍କ ରହିବାକୁ ହେବ ।

ପୁଣି ଜର୍ନାଲିଷ୍ଟ୍ ଜଣକ ପଚାରିଲେ ଲୋକମାନେ ଯେତେବେଳେ ଖଲିଫାଙ୍କ ବିଷୟରେ ଭାବୁଛନ୍ତି ସେତେବେଳେ ତାଙ୍କ ମୁଣ୍ଡରେ ଅବୁବକର୍ ଅଲ୍‌ବଗ୍‌ଦାଦିର ନାମ ଆସୁଛି । ଆପଣ ଏହାକୁ କିଭଳି ଦେଖୁଛନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଇସ୍‌ଲାମୀୟ କଥନରେ ଖିଲାଫତ୍ ନବୁୱତ୍ ପରେ ଆରମ୍ଭ ହୋଇଥାଏ ଓ ଜଣେ ନବୀଙ୍କ ପରେ ଯେଉଁ ଖଲିଫା ଆସିଥାଏ ସେ ଉକ୍ତ ନବୀଙ୍କ କାର୍ଯ୍ୟକୁ ଜାରି ରଖିଥାଏ ଓ ଆଗକୁ ବଢ଼ାଇଥାଏ । ଏବେ ଏଠି ଯେଉଁ ଅବୁବକର୍ ବଗ୍‌ଦାଦୀର ନାମ ନିଆଯାଉଛି ଏଠାରେ ତ ପ୍ରତ୍ୟେକ ଜିନିଷ ପ୍ରତ୍ୟେକ କଥା, ପ୍ରତ୍ୟେକ କାର୍ଯ୍ୟ ଇସ୍‌ଲାମୀୟ ଶିକ୍ଷାର ବିରୋଧ ହେଉଛି ।

ଫ୍ରାନ୍‌ସର ଜଣେ ଜର୍ନାଲିଷ୍ଟ୍ ଏହି ଲୋକମାନଙ୍କ ଠାରୁ ଜୀବନ ବଂଚାଇ ଫେରି ଆସି ବତାଇଲେ କି ଯେବେ ମୁଁ ସେ ଲୋକମାନଙ୍କୁ ପଚାରିଲି କି ଯାହା କିଛି ତୁମେ କରୁଅଛ ଏହା ତ ପବିତ୍ର କୁରୁଆନ୍ ଏବଂ ନବୀ କରିମ୍ ସ:ଆ:ସଙ୍କ ତାଲିମ୍‌ର ବିପରୀତ । ଏଥିରେ ସେମାନଙ୍କର ଉତର ଥିଲା କି ଆମେ କୁରୁଆନ୍ ଓ ହଦିସ୍‌କୁ ମାନୁନାହୁଁ । ଆମେ ଯାହାକିଛି କରୁଛୁ ତାହା ଠିକ୍ । ଆଁ ହଜ୍‌ରତ୍ ସ:ଆ:ସଙ୍କର ଫରକ ଆମ ଉପରେ ପଡୁନାହିଁ ।

ସୁତରାଂ ସେମାନଙ୍କର ଏହିଭଳି ଆଚରଣ ଓ କାର୍ଯ୍ୟକଳାପ ହେଉଛି ଭୁଲ ଓ ଏହାର ଇସ୍‌ଲାମୀୟ ଶିକ୍ଷା ସହିତ କୌଣସ ସମ୍ପର୍କ ନାହିଁ ଓ ଏହା କୌଣସି ଏକ ଧର୍ମ ମଧ୍ୟ ନୁହେଁ । "Might is Right" କୁ ସେମାନେ ସଠିକ୍ ଭାବୁଛନ୍ତି । ଅର୍ଥାତ୍ ଯିଏ ଶକ୍ତିଶାଳୀ ସେ ଯାହା ଚାହୁଁ ତାହା କରୁ ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି IS ବାଲା ପବିତ୍ର କୋରାନ୍‌ର ଆୟତକୁ Quote କରୁଛନ୍ତି କି ସେମାନେ ତା ଆଧାରରେ କାମ କରୁଛନ୍ତି ବୋଲି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ– ପବିତ୍ର କୋରାନ୍‌ରୁ ମୁଁ ଅନେକ ଆୟତ Quote କରିପାରିବି, ଯାହାଦ୍ୱାରା ସେମାନଙ୍କର କଥା ଗୁଡିକୁ ଖଣ୍ଡନ ହେଉଥିବ, ଏ ଲୋକମାନେ ପବିତ୍ର କୋରାନ୍‌କୁ ଭୁଲ୍ ରୂପେ ବ୍ୟାଖ୍ୟା କରୁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ– କିଛି ଦିନ ପୂର୍ବେ ୟୁ.କେ ର ଗୋଟିଏ ଖବରକାଗଜ "Evening Standard" ର ଜଣେ ଜର୍ନାଲିଷ୍ଟ୍ ଗୋଟିଏ ଆର୍ଟିକିଲ୍ ଲେଖିଛନ୍ତି ଓ ତାର ବିଷୟ ରଖିଛନ୍ତି "Our own London Caliphate is doing nothing but good" ଅର୍ଥାତ୍– ଆମ ନିଜର ଖଳିଫା ଲଣ୍ଡନ୍‌ରେ ଅଛନ୍ତି ଓ କେବଳ ଉତମ କାର୍ଯ୍ୟ କରୁଛନ୍ତି । ଆମେ ଏହି ଖଲିଫାଙ୍କୁ କାହିଁକି ଅନୁସରଣ ନକରିବା । ଜମାତ୍‌ର ଜଲ୍‌ସାରେ ୩୫ ହଜାର୍ ଲୋକେ ଏକତ୍ରିତ ହେଲେ ଓ ଏଠାରେ କେବଳ ଶାନ୍ତି, ସହିଷ୍ଣୁତା ଓ ଭାଇଚାରାର କଥା ଚର୍ଚ୍ଚା କରାଗଲା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଇଏ ହେଉଛନ୍ତି ଏପରି ବ୍ୟକ୍ତି ଯିଏ ମୁସଲ୍‌ମାନ୍ ନୁହଁନ୍ତି ଓ ସେ ନିଜେ ଏକଥା ଲେଖିଛନ୍ତି ।

ଜର୍ନାଲିଷ୍ଟ୍ ଜଣକ ପଚାରିଲୋ କିଛି ଏପରି ମୁସଲ୍‌ମାନ୍ ଅଛନ୍ତି ଯେଉଁମାନେ କହୁଛନ୍ତି ଯେ ଆମକୁ ଇସ୍‌ଲାମ୍ ପରିତ୍ୟାଗ କରିବାକୁ ପଡୁଛି କିନ୍ତୁ ଇସ୍‌ଲାମୀୟ ଫିକା (ନିୟମ) କହୁଛି କି ସେମାନଙ୍କୁ ହତ୍ୟା କରିଦେବା ଉଚିତ୍ ହେବ ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁଠି ଏକଥା କୁହାଯାଉଛି କି ମୁର୍‌ତଦ୍ (ଧର୍ମକୁ ପରିତ୍ୟାଗ କରିଥିବା ଲୋକ) ର ଦଣ୍ଡ ହେଉଛି ହତ୍ୟା, ଏହା ଠିକ୍ ନୁହେଁ । ପବିତ୍ର କୁର୍‌ଆନ୍‌ରେ ବହୁତ ଗୁଡିଏ ଆୟତ ଏକଥାକୁ ଖଣ୍ଡନ କରୁଛି ।

ପବିତ୍ର କୋରାନ୍ ତ ଏହା କହୁଛି କି ଯଦି କିଏ ଇସ୍‌ଲାମ୍‌କୁ ଗ୍ରହଣ କରୁଛି ଓ ପୁଣି ତାକୁ ପରିତ୍ୟାଗ କରୁଛି ଓ ପୁଣି ପରେ ଏହାକୁ ଗ୍ରହଣ କରୁଛି ଓ ପୁଣି ପରିତ୍ୟାଗ କରୁଛି ଓ ପୁଣି ଗ୍ରହଣ କରୁଛି ଓ ପରିତ୍ୟାଗ କରୁଛି ତାକୁ କିଛି କୁହନାହିଁ । ତାକୁ ତା ଅବସ୍ଥାରେ ଛାଡ଼ିଦିଅ । ଆରପାରିରେ ଖୁଦାତାଲା ନିଜେ ତା ସହିତ ବ୍ୟବହାର କରିବେ ।

ଯଦି କୌଣସି ବ୍ୟକ୍ତି ନିଜ ଭାବନା ଅନୁସାରେ, ବନ୍ଧୁବାନ୍ଧବ ଓ ସୋସାଇଟ୍‌ର ଭୟ ଯୋଗୁ ଇସ୍‌ଲାମ୍‌କୁ ପରିତ୍ୟାଗ କରୁଛି ତେବେ ତୁମେ ତାକୁ ଛାଡ଼ି ଦିଅ । ଖୁଦାତାଲା ତା ପ୍ରତିବଦଳରେ ବହୁତ ଏପରି ଲୋକଙ୍କୁ ପ୍ରଦାନ କରିବେ ଯେଉଁମାନେ ପୁଣ୍ୟବାନ୍ ଥିବେ ଓ ନିଜ ଇମାନ୍‌ରେ ଅଧିକ ସୁଦୃଢ଼ ଥିବେ ଓ ଲୋକଙ୍କ ଠାରୁ ଓ ସୋସାଇଟ୍ ଠାରୁ କୌଣସି ପ୍ରକାର ଭୟ ରଖୁନଥିବେ ।

ସୁତରାଂ ଏପରି କହିବା ଅର୍ଥାତ୍ ଯିଏ ଇସ୍‌ଲାମ୍‌କୁ ଛାଡି ଦେଉଛି ତାକୁ ହତ୍ୟା କରିଦିଅ, ଏହା ସମ୍ପୂର୍ଣ୍ଣ ରୂପେ ଭୁଲ୍ ଓ ଇସ୍‌ଲାମୀୟ ଶିକ୍ଷାର ବିପରୀତ । ଯଦି ମୁର୍‌ତଦ୍‌କୁ ହତ୍ୟା କରିବା ଠିକ୍‌ଥାଆନ୍ତା ତେବେ ବନ୍ଧୁବାନ୍ଧବ ଓ କବିଲା କରିବର୍ତେ ଇସ୍‌ଲାମ୍‌ର ଭୟ ଅଧିକ ଥାଆନ୍ତା ।

ଜର୍ନାଲିଷ୍ଟ୍ ଜଣକ ଏକଥା ପଚାରିଲେ କି ଆପଣ ବାଇବେଲ୍‌କୁ କିପରି ଦୃଷ୍ଟିରେ ଦେଖୁଛନ୍ତି ? ହଜୁର୍ ଅନୁୱର୍ ଅ:ବ:ଅ ଏଥିରେ କହିଲେ ବାଇବେଲ୍‌ରେ ଏପରି କିଛି ଆୟତ ଥିବ ଯାହା ଅସଲ ଶିକ୍ଷା ମୁତାବକ ଥିବ ଏବଂ ହଜ୍‌ରତ୍ ଇସା ଆ:ସଙ୍କ କଥନ ପ୍ରତି ଇଂଗିତ ହେଉଥିବ । ବାଇବେଲ୍‌ରେ ଅନେକ ଆୟତ ଏପରି ଅଛି ଯାହା ହଜ୍‌ରତ୍ ଇସା ଆ:ସଙ୍କ ଶିକ୍ଷା ନୁହେଁ ଓ ଏହା କୁହାଯାଇପାରିବ ନାହିଁ କି ଶତ ପ୍ରତିଶତ ଅବତୀର୍ଣ୍ଣ ହୋଇଛି ବୋଲି । ପରେ Saints ଙ୍କ ବହୁତ ଗୁଡିଏ କଥା ବାଇବେଲ୍‌ରେ ଆସିଯାଇଛି । କିଛି ଆୟତ ହଜ୍‌ରତ୍ ଇଶାଙ୍କ ପ୍ରତି ସମ୍ବନ୍ଧିତ କରାଯାଉଛି ଓ କିଛି ଆୟତ ଗୁଡିକୁ ତାଙ୍କ ଅନୁଗାମୀଙ୍କ ରିଫରେନ୍‌ସ୍ ସହିତ ସମ୍ବନ୍ଧିତ ରହିଛି । ହଜ୍‌ରତ୍ ଇସା ଆ:ସଙ୍କ ଶିକ୍ଷା ମୁକାବିଲାରେ ବିଭିନ୍ନ Saints ଙ୍କ କୋଟେସନ୍ ବାଇବେଲ୍‌ରେ ଅଧିକା ରହିଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ତୌରାତ୍ ଏବଂ ବାଇବେଲ୍‌ର ଯେଉଁ ସତ୍‌ଶିକ୍ଷା ରହିଛି ତାହା ସବୁ ପବିତ୍ର କୁରୁଆନ୍‌ରେ ଅବସ୍ଥିତ । ପବିତ୍ର କୁରୁଆନ ସେହି ଗୁଡିକର ଚର୍ଚ୍ଚା କରିଅଛି ଓ ଆମେ ସେ ସବୁକୁ ମାନୁଛୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ସମୟ ଅନୁସାରେ ସେହି ଶିକ୍ଷାଗୁଡିକ ପରିବର୍ତନ ହୋଇଯାଇଛି । (କିନ୍ତୁ) ଆମେ ଏ ବିଶ୍ୱାସ ରଖିଛୁ କି ପବିତ୍ର କୁରୁଆନ୍ ହିଁ କେବଳ ସେହି ଶିକ୍ଷାଗୁଡିକୁ ବର୍ଣ୍ଣନା କରିଛି ଯାହା ଅମ୍ବିୟା ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା ।

ପବିତ୍ର କୁରୁଆନ୍‌ରେ ଅଲ୍ଲାଃତାଲା ତାକୁ ସୁରକ୍ଷା ଦେବା ପାଇଁ ପ୍ରତିଶୃତି ଦେଇଛି । ଆଜି ପର୍ଯ୍ୟନ୍ତା କୌଣସି ସ୍କାଲାର୍ ଏହା ପ୍ରମାଣିତ କରିପାରିନାହାନ୍ତି କି ପବତ୍ର କୁରୁଆନ୍‌ରେ କୌଣସି ପ୍ରକାର ପରିବର୍ତନ ହୋଇଛି ବୋଲି । ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ଲେଖାହୋଇଥିବା ପବିତ୍ର କୁରୁଆନ୍ ଅବସ୍ଥିତ ଅଛି । ଏବେ କିଛିଦିନ ପୂର୍ବେ ଷଷ୍ଠ ଓ ସପ୍ତମ ଶତାବ୍ଦୀରେ ଲେଖାଯାଇଥିବା ପବିତ୍ର କୋରାନ୍ ମଧ୍ୟ ମିଳିଛି । କେଉଁଠି ମଧ୍ୟ କୌଣସି ପ୍ରକାରର ପରିବର୍ତନ ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପବିତ୍ର କୋରାନ୍ ତ ଏହା ଘୋଷଣା କରିଛି ଓ ସବୁ ଧର୍ମର ଲୋକମାନଙ୍କୁ ସମ୍ବୋଧନ କରି କହିଛି କି ଆସ ଆମେ ସମସ୍ତେ ଏକଥାରେ ଏକତ୍ରିତ ହୋଇଯିବା ଯାହା ଆମ ସମସ୍ତଙ୍କ ଭିତରେ ଏକ ଓ ତାହା ହେଉଛି ଇଶ୍ୱରଙ୍କ ଏକେଶ୍ୱରବାଦ । ଆମେ ଆପୋଷରେ ଇର୍ଶାଭାବ ଓ ବିରୋଧିଭାବକୁ ପରିତ୍ୟାଗ କରି ସେହି ଗୋଟିଏ କଥାରେ ଏକତ୍ରିତ ହୋଇଯିବା ଓ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ।

ଜର୍ନାଲିଷ୍ଟ୍ ଜଣକ ଏ କଥା ପଚାରିଲେ କି ଆଜି ଆପଣ ପାର୍ଲିଆମେଂଟ୍ ଯିବେ ଓ ସେଠାରେ ରାଜନୈତିଜ୍ଞମାନଙ୍କୁ ଯେଉଁ ବାର୍ତା ଦେବେ ତାହା କେଉଁ ପ୍ରକାରର ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହି ବାର୍ତା ରହିଛି କି ଆସ ଆମେ ସମସ୍ତେ ମିଳିମିଶି ଏ ସଂସାରରେ ଶାନ୍ତି ସ୍ଥାପନ କରିବା ପାଇଁ କାର୍ଯ୍ୟ କରିବା ଓ ବର୍ତମାନ ଏ ପୃଥିବୀକୁ ଏହାର ଯଥାଶିଘ୍ର ଆବଶ୍ୟକତା ରହିଛି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ଅନେକ ବର୍ଷ ହେବ ଏ ସଂସାରକୁ ସତର୍କ କରାଉଛି କି ଆମେ ବହୁତ ଦୃତ ଗତିରେ ଏକ ବିଶ୍ୱଯୁଦ୍ଧ ଆଡକୁ ବଢ଼ିଚାଲିଛେ ଓ ଆମେ ବର୍ତମାନ ସେହି ଯୁଦ୍ଧର ନିକଟରେ ପହଂଚିସାରିଛେ । ରୁଷିୟ ଏୟାର୍‌ଫୋର୍ସ୍ ତୁର୍କି ସୀମା ନିକଟରେ ଆକ୍ରମଣ କରିଛି । Nato ଏହାର ଉତରରେ ବହୁତ କଡାଭାଷା ପ୍ରୟୋଗ କରିଛି ।

ଜର୍ନାଲିଷ୍ଟ୍ ଜଣକ ଏକଥା ପଚାରିଲେ କି କଣ ଆପଣ ଏହା ଭାବୁଛନ୍ତି ଯେ ପାଶ୍ଚାତ୍ୟ ଦୁନିଆ ଓ ଇସ୍‌ଲାମ୍ ମଧ୍ୟରେ ଯୁଦ୍ଧ ହେଉଛି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହା ହେଉଛି ମିଡ଼ିଆର ଇସ୍‌ଲାମ୍ ବିରୁଦ୍ଧରେ ଏକ ପ୍ରପଗଣ୍ଡା । ମୁସଲ୍‌ମାନ୍ ମାନଙ୍କ ମଧ୍ୟରୁ ଅଧିକାଂଶ ଶାନ୍ତିପ୍ରିୟ ଓ ପାଶ୍ଚାତ୍ୟ ଦେଶର ବିରୋଧି ନୁହଁନ୍ତି ଓ ସେମାନଙ୍କର ସନ୍ତ୍ରାସବାଦ ସହିତ କୌଣସି ସମ୍ପର୍କ ମଧ୍ୟ ନାହିଁ ।

ମଧ୍ୟପ୍ରାଚ୍ୟରେ ମୁସଲ୍‌ମାନ ମୁସଲ୍‌ମାନ୍ ସହିତ ଯୁଦ୍ଧ କରୁଛି । ସିରିଆରେ ଏବେ ରୁଷିଆ ଆକାଶ ମାର୍ଗରୁ ଆକ୍ରମଣ କରିଛି ଓ କହୁଛି କି ମୁଁ ସରକାରଙ୍କ ସାହାଯ୍ୟ କରୁଛି ବୋଲି ଓ ସରକାର ବିରୋଧି ଗୋଷ୍ଠୀଙ୍କ ଉପରେ ଆକ୍ରମଣ କରିଛି । ଅନ୍ୟପଟେ ଆମେରିକା ସେହି ବିଦ୍ରୋହୀ ମାନଙ୍କୁ ସାହାଯ୍ୟ କରୁଅଛି ଯେଉଁମାନେ ହେଉଛନ୍ତି ସରକାର ବିରୋଧି । ଆମେରିକ କହୁଛି କି ଏହି ବିଦ୍ରୋହୀ ମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି । ଏହି ଦୁଇଗୋଟି ଶକ୍ତି ଏବେ ମୁସଲ୍‌ମାନ୍‌ଙ୍କ ସାହାଯ୍ୟ କରୁଅଛି ଓ ମୁସଲ୍‌ମାନ୍‌ମାନେ ଆପୋଷରେ ମରାମରି ହେଉଛନ୍ତି । ଏ ଯୁଦ୍ଧ କୌଣସି ଧର୍ମ ଯୁଦ୍ଧ ନୁହେଁ ଓ ଇସ୍‌ଲାମ୍‌କୁ ଶେଷ କରିଦେବା ପାଇଁ ଯୁଦ୍ଧ ନୁହେଁ । ତେଣୁ ଏକଥା ଠିକ୍ ନୁହେଁ ଯେ ଏହା ପାଶ୍ଚାତ୍ୟ ଦେଶ ଓ ଇସ୍‌ଲାମ୍ ମଧ୍ୟରେ ଯୁଦ୍ଧ ହେଉଛି ବୋଲି ।

ଜର୍ନାଲିଷ୍ଟ୍ ଜଣକ ପୁଣି ଏକଥା ପଚାରିଲେ କି ଆଜିକାଲି ଯେଉଁ ଯୁଦ୍ଧ ହେଉଅଛି ସେଥିଯୋଗୁ ଇସ୍‌ଲାମ୍ ଦୃତ ଗତିରେ ପ୍ରସାର କରିପାରିବ ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏକଥା ଠିକ୍ ଅଟେ କି ଯେତେବେଳେ ଲୋକମାନେ ଏହା ବୁଝିଯିବେ ଯେ ଏହା ସବୁକିଛି ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ହେଉଅଛି ବୋଲି ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ କି ଏପରି ଏକ ସମୟ ଆସିବ ଲୋକେ ଇସ୍‌ଲାମୀୟ ଶିକ୍ଷାକୁ ଭୁଲିଯିବେ ଓ ଇସ୍‌ଲାମ୍‌ର ନାମ କେବଳ ବାକି ରହିଯିବ । ବର୍ତମାନ ହେଉଛି ସେହି ସମୟ ଯେଉଁଥିରେ ଇସ୍‌ଲାମ୍‌ର ଏପରି ଅବସ୍ଥା ହୋଇସାରିଛି ଓ ଲୋକମାନେ ଏହାକୁ ବୁଝୁଛନ୍ତି ଓ ଜାଣୁଛନ୍ତି । ସେଇଥିଯୋଗୁ ସେମାନେ ଆମ ସହିତ ମିଶିଯାଉଛନ୍ତି ।

ଜର୍ନାଲିଷ୍ଟ୍ ଜଣକ ଶେଷ ପ୍ରଶ୍ନ ଏହା କଲେ କି କଣ ଆପଣଙ୍କର ଏ ଉଦ୍ଦେଶ୍ୟ ଅଛି କି ହଲାଣ୍ଡ୍‌ରେ ଆହୁରି କିଛି ମସ୍‌ଜିଦ୍ ନିର୍ମାଣ କରିବେ ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେଉଁଭଳି ଆମେ ଏଠାରେ ବଢ଼ିଚାଲିଛୁ ଆମେ ଆହୁରି ଅଧିକା ମସ୍‌ଜିଦ୍ ନିର୍ମାଣ କରିବୁ । ଇନ୍‌ଶାଅଲ୍ଲାଃ ।

ଏହି ଇଂଟରଭ୍ୟୁ ୧୧:୪୫ ରେ ଶେଷ ହେଲା । ଶେଷରେ ଜର୍ନାଲିଷ୍ଟ୍ ଜଣକ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ପ୍ରତ୍ୟାଗମନ କଲେ ।

*(ବହୱାଲା ଅଖବାର୍ ବଦର୍*
*୨୯ ଅକ୍ଟୋବର୍ ୨୦୧୫)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 30 August 2018 Issue No.35

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:** Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ୍ ଗସ୍ତ - ଅକ୍ଟୋବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

### ୪ ଅକ୍ଟୋବର ୨୦୧୫ (ରବିବାର) ଲଣ୍ଡନ୍ (ବ୍ରିଟେନ୍)ରୁ ନନସ୍ପିଟ୍ (ହଲାଣ୍ଡ) ଯାତ୍ରା ନିମନ୍ତେ ଗସ୍ତର ଶୁଭାରମ୍ଭ

ସୟଦନା ହଜ୍ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅ ୟୁରୋପର ଦୁଇଟି ଦେଶ ହଲାଣ୍ଡ ଏବଂ ଜର୍ମାନୀ ଯାତ୍ରା ନିମନ୍ତେ ସକାଳ ୧୦:୧୦ ରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ବିଦାୟ ଦେବା ନିମନ୍ତେ ସକାଳୁ ହିଁ ଜମାତ୍ର ସଦସ୍ୟମାନେ ପୁରୁଷ, ମହିଳା ଇତ୍ୟାଦି ମସ୍‌ଜିଦ୍ ବଇତୁଲ୍ ଫଜଲ୍ ଲଣ୍ଡନ୍ର ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ । ହଜୁର୍ ଅନୁୱର୍ ଅ:ବ:ଅ କିଛି ସମୟ ଜମାତ୍ର ଲୋକମାନଙ୍କ ଗହଣରେ ଅତିବାହିତ କଲେ । ପ୍ରତ୍ୟେକ ନିଜ ପ୍ରିୟ ମୁନିବଙ୍କୁ ଦର୍ଶନ କଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଇଜିତିମାଇ ଦୁଆ କରାଇଲେ । ତାପରେ ଚାରିଗୋଟି ଗାଡ଼ିରେ ପରିବେଷ୍ଟିତ କାଫିଲା ବ୍ରିଟେନ୍ର ଗୋଟିଏ ଉପକୂଳ ସହର Dover ନିମନ୍ତେ ବାହାରିଲେ ।

Dover ବନ୍ଦର ହେଉଛି ଇଂଲଣ୍ଡର ଗୋଟିଏ ପ୍ରସିଦ୍ଧ ବନ୍ଦର । ଲଣ୍ଡନ୍ ଏବଂ ଏହାର ଚତୁଃପାର୍ଶ୍ୱର ଇଲାକାରେ ରହୁଥିବା ଲୋକମାନେ ୟୁରୋପ୍ ଯାତ୍ରା ସାଧାରଣତଃ ଏହି ବନ୍ଦରରୁ ହିଁ କରିଥାନ୍ତି । Dover ରୁ ୧୧ ମାଇଲ୍ ପୂର୍ବରୁ ସେହି ପ୍ରସିଦ୍ଧ Channel Tunnel ପଡ଼େ ଯାହା ସମୁଦ୍ର ତଳେ ବ୍ରିଟେନ୍ ଓ ଫ୍ରାନ୍ସର ଉପକୂଳ ଇଲାକାକୁ ଆପୋଷରେ ଯୋଡ଼ିଥାଏ । ଏହି ସୁଡଙ୍ଗ ମାଧ୍ୟମ ଦେଇ କାର୍ ଓ ଅନ୍ୟାନ୍ୟ ଗାଡ଼ିଗୁଡିକ ଟ୍ରେନ୍ ଜରିଆରେ ଫ୍ରାନ୍ସର ଉପକୂଳ ସହର Calais ପର୍ଯ୍ୟନ୍ତ ପହଂଚିଥାଏ । ଆଜି ଏହି ଚ୍ୟାନେଲ୍ ଟନେଲ୍ ଜରିଆରେ ଯାତ୍ରା କରିବାର ପ୍ରୋଗ୍ରାମ୍ ଥିଲା ।

ଲଣ୍ଡନ୍ରୁ ମୋକରମ୍ ରଫିକ୍ ଅହେମଦ୍ ହୟାତ ସାହେବ ଅମୀର ଜମାତ୍ ୟୁ.କେ, ମୋକରମ୍ ମନ୍‌ସୁର୍ ଅହେମଦ୍ ଶାହ୍ ସାହେବ୍ ନାଏବ୍ ଅମୀର୍ ୟୁ.କେ, ମୋକରମ୍ ଅତାଉଲ୍ ମୁଜିବ ରାଶିଦ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ୟ ୟୁ.କେ, ମୋକରମ୍ ୱସିମ୍ ଅହେମଦ୍ ଚୌଧୁରୀ ସାହେବ୍ ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାହ୍ ୟୁ.କେ, ମୋକରମ୍ ମିର୍ଜା ମେହମୁଦ୍ ଅହେମଦ୍ ସାହେବ୍, ମୋକରମ୍ ନାସିର୍ ଇନ୍‌ଆମ୍ ସାହେବ୍ ପ୍ରିନ୍‌ସ୍‌ପାଲ୍ ଜାମିୟା ଅହେମଦୀୟା ୟୁ.କେ, ମୋକରମ୍ ଅଖ୍‌ଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ୍ (ଦଫତର୍ ତବଶିର୍), ମୋକରମ୍ ଗାଲିବ୍ ଅହେମଦ୍ ସାହେବ୍ (ଦଫତର୍ ପ୍ରାଇଭେଟ୍ ସେକ୍ରେଟାରୀ) ଏବଂ ମୋକରମ୍ ନଜିର୍ ବଲୁଚ୍ ସାହେବ୍ (ବିଶେଷ ସୁରକ୍ଷାଦଳ) ଏବଂ ମୋକରମ୍ ଇମ୍ରାନ୍ ଜଫର୍ ସାହେବ୍ (ମୋହତମିନ୍ ଉମୁମି ଖୁଦାମୁଲ୍ ଅହେମଦୀୟା ୟୁ.କେ) ଖୁଦାମ୍‌ଙ୍କ ସିକ୍ୟୁରିଟି ଟିମ୍ ସହିତ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ଅଲ୍‌ବିଦା କହିବା ନିମନ୍ତେ ଚ୍ୟାନେଲ୍ ଟନେଲ୍ ପର୍ଯ୍ୟନ୍ତ କାଫେଲା ସହିତ ଆସିଥିଲେ ।

ପାଖାପାଖି ଏକଘଂଟା ତିରିଶି ମିନିଟ୍ର ଯାତ୍ରାପରେ ୧୧:୪୦ ମିନିଟ୍‌ରେ ଚ୍ୟାନେଲ୍ ଟନେଲ୍‌ରେ ପହଂଚିଲେ । ଲଣ୍ଡନ୍ରୁ ସାଥିରେ ଆସିଥିବା ସଦସ୍ୟମାନେ ନିଜ ପ୍ରିୟ ଆକାଙ୍କୁ ଅଲ୍‌ବିଦା କହିଲେ ।

ଇମିଗ୍ରେସନ୍ର କାରବାଇ ଏବଂ ଅନ୍ୟାନ୍ୟ ଗସ୍ତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବା ପରେ ହଜୁର୍ ଅନୁୱର୍ ଅ:ବ:ଅ ଚ୍ୟାନେଲ୍ ଟନେଲ୍‌ର ପାର୍କିଂ ଏରିଆରେ ପଦାର୍ପଣ କଲେ । ୧୨:୦୫ରେ ଗାଡ଼ିଗୁଡିକ ଟ୍ରେନ୍ ଉପରେ ଲଦାଗଲା । ଏହି ଟ୍ରେନ୍‌ଟି ଦୁଇ ମହଲା ବିଶିଷ୍ଟ ଏବଂ ତା ଭିତରେ ଏକ ସମୟରେ ୧୮୦ଟି କାର୍ ଯାତ୍ରୀମାନଙ୍କ ସହିତ ଲଦାହୋଇ ଯାଇଥାଏ । କାଫେଲାର ଗାଡ଼ିଗୁଡିକ ଦ୍ୱିତୀୟ ମହଲାରେ Board କରାଗଲା ।

ଟ୍ରେନ୍ ନିଜ ସମୟ ମୁତାବକ ୧୨:୨୦ରେ ଘଂଟା ପ୍ରତି ୧୪୦କି.ମି ବେଗରେ ଫ୍ରାନ୍ସର ଉପକୂଳ ସହର Calais ନିମନ୍ତେ ଯାତ୍ରା କଲା । ଏହି ଷୁଡଙ୍ଗର ମୋଟ ଲମ୍ବା ହେଉଛି ୩୧ ମାଇଲ୍ ଓ ସେଥିମଧ୍ୟରୁ ୨୪ ମାଇଲ୍ ସମୁଦ୍ର ତଳେ ରହିଛି । ଏହି ଷୁଡଙ୍ଗର ଗଭୀରତମ ଭାଗଟି ସମୁଦ୍ର ପତନରୁ ୭୫ ମିଟର ଅର୍ଥାତ୍ ୨୫୦ ଫୁଟ୍ ତଳେ ଅଛି । ଏପର୍ଯ୍ୟନ୍ତ ପାଣିତଳେ ନିର୍ମାଣ ହୋଇଥିବା ଟନେଲ୍ ମଧ୍ୟରୁ ଏହା ହେଉଛି ଦୁନିଆର ସବୁଠାରୁ ବଡ ଟନେଲ୍ ।

ପାଖାପାଖି ଅଧଘଂଟା ଯାତ୍ରା କରିବା ପରେ ଫ୍ରାନ୍ସର ସ୍ଥାନୀୟ ସମୟ ମୁତାବକ ଦିନ ୧:୫୦ ମିନିଟ୍‌ରେ ଫ୍ରାନ୍ସର ସହର Calais ଠାରେ ପହଂଚିଲେ । ଫ୍ରାନ୍ସର ସମୟ ହେଉଛି ବ୍ରିଟେନ୍ର ସମୟଠାରୁ ୧ ଘଂଟା ଆଗରେ ।

ଟ୍ରେନ୍ ରହିବା ପରେ ୫ ମିନିଟ୍ ସମୟ ଭିତରେ ଗାଡ଼ିଗୁଡିକ ଟ୍ରେନ୍ ଭିତରୁ ବାହାରକୁ ବାହାରି ଆସିଲେ ଓ ମୋଟରୱେରେ ଯାତ୍ରା ଆରମ୍ଭ ହେଲା ।

ପୂର୍ବ ନିର୍ଦ୍ଧାରିତ ପ୍ରୋଗ୍ରାମ୍ ମୁତାବକ ଅଳ୍ପ କିଛି କି.ମିର ଦୂରତାରେ ଜମାତ୍ ଅହେମଦୀୟା ହଲାଣ୍ଡରୁ ଆସିଥିବା ପ୍ରତିନିଧି ମଣ୍ଡଳ ଗୋଟିଏ ରେଷ୍ଟୁରାଂଟ୍ର ପାର୍କିଂ ଏରିଆରେ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇବାର ଥିଲା ଓ ପୁଣି ଏଠାରୁ କାଫିଲାକୁ Escort କରି Nunspeet ସହରକୁ ପାଛୋଟି ନେଇଯିବାର ପ୍ରୋଗ୍ରାମ୍ ଥିଲା ।

୨:୧୫ରେ ହଜୁର୍ ଅନୁୱର୍ ଅ:ବ:ଅ ଉକ୍ତ ସ୍ଥାନରେ ପହଂଚିଲେ । ମୋକରମ୍ ହିବତୁନ୍ ନୁର୍ ଫର୍‌ହାନିନ୍ ସାହେବ୍ ଅମୀର୍ ଜମାତ୍ ହଲାଣ୍ଡ, ମୋକରମ୍ ଅବ୍‌ଦୁଲ୍ ହମିଦ୍ ଦର୍‌ଫିଲ୍‌ଦନ୍ ସାହେବ୍ ନାଏବ୍ ଅମୀର୍ ଜମାତ୍ ହଲାଣ୍ଡ, ମୋକରମ୍ ନଇମ୍ ଅହେମଦ୍ ୱାଡାଇଚ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ୟ ହଲାଣ୍ଡ, ମୋକରମ୍ ମୋଜଫର୍ ହୁସେନ୍ ସାହେବ୍, ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ଅକ୍‌ମଲ୍ ସାହେବ୍ ନ୍ୟାସନାଲ୍ ସେକ୍ରେଟାରୀ ତାଲିମୁଲ୍ କୁରଆନ୍ ୱ ୱକ୍‌ଫେ ଆରଜି, ମୋକରମ୍ ଜମିଲ୍ ଅହେମଦ୍ ସାହେବ୍ ଲୋକାଲ୍ ସଦର୍ ଜମାତ୍ Zwolle, ମୋକରମ୍ ଚୌଧୁରୀ ଲଇକ୍ ଅହେମଦ୍ ସାହେବ୍ ମୋକରମ୍ ଅତାଉଲ୍ କୟୁମ୍ ଆରିଫ୍ ସାହେବ୍ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ ଏବଂ ମୋକରମ୍ ଜିଆଉଲ୍ କମର୍ ସିଦ୍ଦିକି ସାହେବ୍ ନାଏବ୍ ସଦର୍ ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ ନିଜ ସିକ୍ୟୁରିଟି ଟିମ୍ ସହିତ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରି ବହୁତ ସ୍ନେହର ସହିତ ଉକ୍ତ ସମସ୍ତ ସଦସ୍ୟଙ୍କୁ ହାତ ମିଳାଇବାର ସୌଭାଗ୍ୟ ପ୍ରଦାନ କଲେ ।

ନମାଜ ଜୋହର୍ ଏବଂ ଅସର୍ ପାଠ ଏବଂ ଦ୍ୱିପ୍ରହରର ଖାଇବାର ବ୍ୟବସ୍ଥା ଏଠି ରେଷ୍ଟୁରାଂଟ୍ର ଗୋଟିଏ ପାର୍ଶ୍ୱରେ କରାଯାଇଥିଲା । ୩:୩୦ରେ ହଜୁର୍ ଅନୁୱର୍ ଅ:ବ:ଅ ନମାଜ ଜୋହର୍ ଏବଂ ଅସର୍ ଜମାକରି ପଢ଼ାଇଲେ ।

### Nunspeet (ହଲାଣ୍ଡ)ରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଶୁଭାଗମନ

ଏହାପରେ ପ୍ରୋଗ୍ରାମ୍ ମୁତାବକ ଏଠାରୁ Nunspeet ନିମନ୍ତେ ଯାତ୍ରା କରାଗଲା । ଏଠାରୁ Nunspeet ର ଦୂରତା ହେଉଛି ୩୯୦କି.ମି । ୫୫କି.ମି ରାସ୍ତା ଅତିକ୍ରମ କରିବା ପରେ ଫ୍ରାନ୍ସର ସୀମା ପାର୍ କରି ବେଲ୍‌ଜିୟମ୍ ଦେଶର ସୀମା ଭିତରେ ପ୍ରବେଶ କଲେ । ବେଲ୍‌ଜିୟମ୍‌ରେ ୧୯୦କି.ମି ରାସ୍ତା ଯାତ୍ରା କରିବା ପରେ ସନ୍ଧ୍ୟା ୭ଟା ସମୟରେ ବେଲ୍‌ଜିୟମ୍ର ବର୍ଡର୍ ପାର୍ ହୋଇ ଏହି କାଫେଲାଟି ପୁନର୍ବାର ହଲାଣ୍ଡରେ ପ୍ରବେଶ କଲା । ବେଲ୍‌ଜିୟମ୍‌ରେ ରୋଡ୍‌ୱାର୍କ ଓ ପୁଣି ରାସ୍ତା ପରିବର୍ତ୍ତନ କରାଯିବା ଯୋଗୁ ନିୟମିତ ସମୟଠାରୁ ପାଖାପାଖି ଏକ ଘଂଟାରୁ ଦେଢ଼ ଘଂଟା ସମୟ ଅଧିକା ଲାଗିଲା । ଏହିପରି ହଲାଣ୍ଡ ଭିତରେ ଆଗକୁ ୧୪୫ କି.ମି ଯାତ୍ରା ଅତିକ୍ରମ କରିବା ପରେ ପାଖାପାଖି ୮:୩୫ ସମୟରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ Nunspeet ଠାରେ ଶୁଭାଗମନ ହେଲା ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ Nunspeet ଠାରେ ଗାଡ଼ିରୁ ବାହାରକୁ ବାହାରିବା କ୍ଷଣି ହଲାଣ୍ଡର ବିଭିନ୍ନ ସହରୀ ଜମାତ୍ରୁ ଆସିଥିବା ଜମାତ୍ର ସଦସ୍ୟଗଣ ପୁରୁଷ, ମହିଳା ଓ ପୁଅଝିଅମାନେ ନିଜ ପ୍ରିୟ ଆକାଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ ଜଣାଇଲେ । ଛୋଟଛୋଟ ଝିଅପୁଅମାନେ ଅଲଗା ଅଲଗା ଗ୍ରୁପ୍ ଜରିଆରେ ଦୁଆଇଆ ନଜମ୍ ଏବଂ ସ୍ୱାଗତମୂଳକ ଗୀତକୁ ଉପସ୍ଥାପନ କରୁଥିଲେ । ପ୍ରେମ ଓ ଶ୍ରଦ୍ଧାରେ ଚାରିପଟୁ ହାତଗୁଡିକ ଉପରକୁ ଉଠିଥିଲା ଓ ଲୋକମାନେ ନାରା ଲଗାଉଥିଲେ । ''ଅହଲଉଁ ୱ ସହଲଉଁ ୱ ମରହବା ୟା ଅମୀରଲ୍ ମୁମିନିନ୍''ର ଧ୍ୱନି ଚାରିଆଡେ ଗୁଞ୍ଜରଣ ସୃଷ୍ଟି କରୁଥିଲା ।

ମୋକରମ୍ ହାମିଦ୍ କରିମ୍ ମେହମୁଦ୍ ସାହେବ୍ ମୁବଲିଗ୍ ଆମ୍‌ଷ୍ଟରଡ୍ରମ୍ (ହଲାଣ୍ଡ), ମୋକରମ୍ ସଫିର୍ ଅହେମଦ୍ ସିଦ୍ଦିକି ସାହେବ୍ ମୁବଲିଗ୍ ନନସ୍ପିଟ୍, ମୋକରମ୍ ଅଜହର୍ ନଇମ୍ ସାହେବ୍ ନ୍ୟାସନାଲ୍ ସେକ୍ରେଟାରୀ ଉମୁରେ ଖାରଜା, ମୋକରମ୍ ତାହେର୍ ଅହେମଦ୍ ମେହମୁଦ୍ ସାହେବ୍ ନ୍ୟାସନାଲ୍ ସେକ୍ରେଟାରୀ ଉମୁରେ ଆମା ଏବଂ ମୋକରମ୍ ଅବ୍‌ଦୁଲ୍ ବାସିତ୍ ସାହେବ୍ ଲୋକାଲ୍ ସଦର୍ ଜମାତ୍ ନନସ୍ପିଟ୍ ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ ଜଣାଇ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହି ଅବସରରେ ନନସ୍ପିଟ୍ ରିଜିଅନ୍ର ମେୟର Dick Van Hemmen ମଧ୍ୟ ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ କରିବା ପାଇଁ ଆସିଥିଲେ । ସେ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ୱେଲ୍‌କମ୍ କଲେ ଓ ହାତ ମିଳାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ ।

ଜମାତ୍ର ମର୍କଜ୍ ବଇତୁଲ୍ ନୁର୍ର ପଡୋଶରେ ରହୁଥିବା ସ୍ୱାମୀ ସ୍ତ୍ରୀ Mr. Jaap ଏବଂ Mrs. Margriet ମଧ୍ୟ ହଜୁର୍ ଅନୁୱର୍‌ଙ୍କୁ ୱେଲ୍‌କମ୍ କରିବା ପାଇଁ ଆସିଥିଲେ । ସେହି ସ୍ୱାମୀ ସ୍ତ୍ରୀ ଦୁଇଜଣ ହଜୁର୍ ଅନୁୱର୍‌ଙ୍କ ଗୋଚରେ ଏହା ମଧ୍ୟ ପ୍ରକାଶ କଲେ କି ଆମ ପାଇଁ ଏହା ବହୁତ ବଡ଼ ସୌଭାଗ୍ୟ କି ଆମେ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରୁଅଛୁ ।

ଗୋଟିଏ ଛୋଟ ପିଲା ଅଜିଜମ୍ ଅଦ୍‌ନାନ୍ ମୋଜଫର୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସେବାରେ ଫୁଲତୋଡା ଉପସ୍ଥାପନ କଲା ଏବଂ ଗୋଟିଏ ଝିଅପିଲା ଅଜିଜା ଇନ୍‌ସାଫ Bavrik ହଜ୍ରତ୍ ବେଗମ୍ ସାହିବା ମଦଜିଲାଃଙ୍କ ସେବାରେ ଫୁଲତୋଡା ଉପସ୍ଥାପନ କଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ହାତକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମେ ଆଲୈକୁମ୍ କହିଲେ । ଏହା ସହିତ ନିଜ ଆବାସସ୍ଥଳୀରେ ପ୍ରବେଶ କଲେ ।

ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ କରିବା ପାଇଁ ଜମାତ୍ର ପୁରୁଷ, ମହିଳା, ଯୁବକ, ବୃଦ୍ଧ ଓ ଛୋଟ ଛୋଟ ପୁଅଝିଅମାନେ ଦ୍ୱିପ୍ରହରରୁ ଆସି ଜମାତ୍ର ମର୍କଜ୍ ବଇତୁଲ୍ ନୁରଠାରେ ପହଂଚିବା ଆରମ୍ଭ କରିଦେଇଥିଲେ । ନନସ୍ପିଟ୍ର ସ୍ଥାନୀୟ ଜମାତ୍ ବ୍ୟତୀତ Den Hagg, Arnhen, Utrecut, Amsterdam, Eindhven, Rotterdan, Lylstad, Amsteleen, Almeera, Denbush, Zwolle ଏବଂ Schidam ର ଜମାତ୍ ଗୁଡିକରୁ ଜମାତ୍ର ସଦସ୍ୟମାନେ ଯାତ୍ରାକରି ନନସ୍ପିଟ୍ ପହଂଚିଥିଲେ ଓ ସଭିଏଁ ନିଜ ପ୍ରିୟ ଆକାଙ୍କ ଅପେକ୍ଷାରେ ବହୁତ ସମୟ ହେବ ଛିଡ଼ା ହୋଇଥିଲେ । ସମସ୍ତେ ପ୍ରିୟ ଆକାଙ୍କ ଦର୍ଶନ ପାଇଲେ ଓ ସମସ୍ତେ ଏହି ପବିତ୍ର ଓ ବାବରକତ୍ କ୍ଷଣରୁ ଲାଭାନ୍ୱିତ ହେଲେ ।

୯:୧୫ ରେ ହଜୁର୍ ଅନୁୱର୍ ଅ:ବ:ଅ ବଇତୁଲ୍ ନୁରଠାରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଏବଂ ଇସା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ସ୍ୱାଗତ ନିମନ୍ତେ ହଲାଣ୍ଡର ବିଭିନ୍ନ ଜମାତ୍ରୁ ଯେଉଁ ପୁରୁଷ ଓ ମହିଳା ଇତ୍ୟାଦି ଏଠି ବଇତୁଲ୍ ନୁରଠାରେ ପହଂଚିଥିଲେ ସଭିଏଁ ନମାଜ ମଗ୍‌ରିବ୍ ଏବଂ ଇସା ନିଜ ପ୍ରିୟ ଆକାଙ୍କ ଅନୁସରଣରେ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେମାନଙ୍କ ମଧ୍ୟରୁ କିଛି ଫ୍ୟାମିଲି ଏପରି ମଧ୍ୟ ଥିଲା ଯେଉଁମାନେ ବିଗତ କିଛି ଅବଧି ମଧ୍ୟରେ ପାକିସ୍ତାନରୁ କୌଣସି ନା କୌଣସି ମାଧ୍ୟମରେ ଏଠାରେ ଆସି ପହଂଚିଛନ୍ତି ଓ ସେମାନଙ୍କ ଜୀବନରେ ନିଜ ପ୍ରିୟ ଆକାଙ୍କ ଅନୁସରଣରେ ଏହା ପ୍ରଥମ ନମାଜ ଥିଲା । ସେହି ଲୋକମାନେ ନିଜକୁ

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**